

ଓଏମ୍‌ଜି ୩ରେ ରାଣୀ

▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-192 ◆WEDNESDAY ◆7 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୯୨ ◆ବୁଧବାର ◆୭ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

### ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା
### ୧୮ ଦିନରେ ଷଷ୍ଠ ଘଟଣା

# ବାଂଲାଦେଶରେ ଥମୁନି ହିନ୍ଦୁ ବିରୋଧୀ ହିଂସା




■ ଢାକା, ୬।୧ (ଏଜେନ୍ସି): ବାଂଲାଦେଶ ସାଧାରଣ ନିର୍ବାଚନକୁ ବନ୍ଦ କରିବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ପ୍ରରୋଚନାରେ ଆରମ୍ଭ ହୋଇଥିବା ହିଂସା ବନ୍ଦ ହେବାର ନା ଧରୁନି । ଏହି ହିଂସାରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ନିଶାଣ କରାଯାଉଛି । କ୍ରମାଗତ ଭାବେ ହିନ୍ଦୁ ବିରୋଧୀ ଅତ୍ୟାଚାର ମାମଲା ବଢ଼ିବାରେ ଲାଗିଛି । ଏହି କ୍ରମରେ ସୋମବାର ରାତିରେ ନରସିନ୍ଦି ଜିଲ୍ଲାର ଜଣେ ହିନ୍ଦୁ ଦୋକାନୀ ଶରତ ଚକ୍ରବର୍ତ୍ତୀ ମିନା (୪୦)ଙ୍କୁ ହତ୍ୟା କରାଯାଇଛି । ଏହାକୁ ମିଶାଇ ଗତ ୧୮ ଦିନରେ ୬ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି । ଗତ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏଭଳି ଆକ୍ରମଣ ହୋଇଛି । ଗତକାଲି ରାତିରେ ଦୋକାନରେ ମିନା ବସିଥିବା ବେ ।ଳେ କେତେକ ଅଜ୍ଞାତ ଆକ୍ରମଣକାରୀ ତାଙ୍କୁ ଅଚାନକ ଆକ୍ରମଣ କରିଥିଲେ । ମିନାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା । ମାତ୍ର ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ହିନ୍ଦୁ ବିରୋଧୀ ହିଂସା ବିରୋଧରେ ଫେସ୍‌ବୁକ ପୋଷ୍ଟକୁ ନେଇ ମିନାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।

ଏହାର କିଛି ଘଣ୍ଟା ପୂର୍ବରୁ ଯଶୋର ଜିଲ୍ଲାରେ ଜଣେ ୪୫ ବର୍ଷୀୟ ହିନ୍ଦୁ ସାମ୍ବାଦିକ ରାଣା ପ୍ରତାପଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ସେହିପରି ଶନିବାର ଝିନାଇଦା ଜିଲ୍ଲାରେ ଜଣେ ହିନ୍ଦୁ ବିଧବାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ଅଭିଯୁକ୍ତମାନେ ତାଙ୍କୁ ଟଙ୍କା ମଧ୍ୟ ମାଗିଥିଲେ । ମହିଳା ଚିତ୍କାର କରିବାରୁ ଏକ ଗଛରେ ବାନ୍ଧି ତାଙ୍କ କେଶ କାଟି ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଗତ ୩ ତାରିଖର ୫୦ ବର୍ଷୀୟ ଖୋକନ ଚନ୍ଦ୍ର ଦାସଙ୍କୁ ନିର୍ମମ ଭାବେ ଆକ୍ରମଣ କରି ତାଙ୍କୁ ଜିଅନ୍ତା ଜାଳି ଦିଆଯାଇଥିଲା । ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା । ଡିସେମ୍ବର ୨୪ରେ ରାଜବାରୀ ସହରର ପାଂଶା ଉପଜିଲ୍ଲାରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଅମୃତ ମଣ୍ଡଳଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ପିଟି ପିଟି ହତ୍ୟା କରାଯାଇଥିଲା । ଡିସେମ୍ବର ୧୮ରେ ମୈମନସିଂ ସହରରେ ୨୫ ବର୍ଷୀୟ ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରାଯାଇଥିଲା । ଏହାବାଦ୍ ଡିସେମ୍ବର ୨୩ରେ ଚିଟାଗଙ୍ଗ ଉପକଣ୍ଠରେ ଥିବା ରାଉଜାନ ଅଞ୍ଚଳରେ ଅଜ୍ଞାତ ବ୍ୟକ୍ତିମାନେ କାତାରରେ କାମ କରୁଥିବା ପ୍ରବାସୀ ଶ୍ରମିକ ଶୁଖ ଶିଲ୍ ଏବଂ ଅନିଲ୍ ଶିଲ୍‌ଙ୍କ ଘରେ ନିଆଁ ଲଗାଇ ବାହାର ପଟୁ ତାଲା ଦେଇଥିଲେ । ମାତ୍ର ପରିବାର ସଦସ୍ୟ ଘରର କାନ୍ଥ ଭାଙ୍ଗି ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲେ । ବାଂଲାଦେଶରେ ହିନ୍ଦୁଙ୍କ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି ।

# ପରିବହନ ବିଭାଗର 'ଅନ୍ଧ ନୀତି'

## ଗୋଟିଏ ଅପରାଧ ପାଇଁ ଅନେକ ଦଣ୍ଡ

■ ଭୁବନେଶ୍ୱର, ୬।୧ (ସମିସ): ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଜଣେ ବ୍ୟକ୍ତିକୁ ଏବେ ମିଳୁଛି ଯାବତୀୟ ମାନସିକ, ଆର୍ଥିକ ଓ ଶାରୀରିକ ଦଣ୍ଡ । ପରିବହନ ବିଭାଗର କଥିତ ୧୩୦୦ କୋଟି ଟଙ୍କା ବକେୟା ଚାଲାଣ ରାଶି ଆଦାୟ ଫନ୍ଦି ଯୋଗୁଁ ରାଜ୍ୟବାସୀ କଲବଲ ହେଉଛନ୍ତି । ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲମ୍ବା ଧାଡ଼ି, ଚାଲାଣ ପାଇଁ ଲାଇନ, ଗ୍ରୀନ୍ ଷ୍ଟିକର ପାଇଁ ଯାତନା ଯୋଗୁଁ ଲୋକେ ତାତିବା ଆରମ୍ଭ କରିଛନ୍ତି । ସରକାର ସବୁଆଡୁ ସମାଲୋଚନା ଓ ବିରୋଧର ଶିକାର ହୋଇଛନ୍ତି । ଅଦାଲତରେ ଏ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଛି । ଏହା ପରେ ବି ପରିବହନ ବିଭାଗର ଚୈତନ୍ୟୋଦୟ ହୋଇନାହିଁ । ବିଭାଗର ଅନ୍ଧ ନୀତି ଯୋଗୁଁ ଲୋକେ କଲବଲ ହୋଇଛନ୍ତି । ଏପରିକି ସରକାର ଆର୍ଥିକ ଦେବାଳିଆ ହୋଇ ସୁଭଦ୍ରା ଯୋଜନା ପାଇଁ ଅର୍ଥ ଯୋଗାଡ଼ କରୁଥିବା ମଧ୍ୟ ଅଭିଯୋଗ ଉଠିଲାଣି । ଏହି ସମୟରେ ହାଇକୋର୍ଟ ମଙ୍ଗଳବାର ରାଜ୍ୟ ପରିବହନ କମିଶନରଙ୍କ ସ୍ପଷ୍ଟୀକରଣ ଲୋଡିବା ସହ ପୁରୁଣା ଜରିମାନା ଭରଣା ନକଲେ ପଲ୍ୟୁସନ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଛି ତା ଉପରୁ ଦ୍ୱନ୍ଦ୍ୱ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କୁ ମହଙ୍ଗା ପଡ଼ିଛି । ପ୍ରଦୂଷଣ ସାର୍ଟିଫିକେଟ୍ ପାଇବାକୁ ହେଲେ ପୁରୁଣା ଜରିମାନା ପୈଠ କରିବା ବାଧ୍ୟତାମୂଳକ ବୋଲି ହୋଇଥିବା ନିୟମକୁ ଚାରି ଆଡୁ ସମାଲୋଚନା ଓ ବିରୋଧ କରାଯାଉଛି । ପରିବହନର ବିଭାଗ

### ଦୂର ହେଲାନି ପ୍ରଦୂଷଣ ସାର୍ଟିଫିକେଟ୍ ଦ୍ୱନ୍ଦ୍ୱ
### ବାରମ୍ବାର ବଦଳୁଛି 'ଗ୍ରୀନ୍ ଷ୍ଟିକର' ନୀତି
### ଜରିମାନା ସାଙ୍ଗକୁ ସାଇବର ଠକେଇ ଭୟ




ଏନେଇ ପରିବହନ ଆୟୁକ୍ତଙ୍କୁ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ସହରାଜ୍ୟ ସରକାରଙ୍କଠାରୁ ମଧ୍ୟ ହାଇକୋର୍ଟ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ।

ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ତେଲ ନମିଳିବା ଲାଗି ମାର୍ଗଦର୍ଶିକା ଜାରି କରିବା ଏଭଳି ନିୟମ ଓ ଜରିମାନା ଭୟ ଯୋଗୁଁ ଲୋକେ ପୁରୁଣା ଜରିମାନା ପୈଠ କରିବାକୁ ଲମ୍ବା ଲାଇନ୍‌ରେ ଠିଆ ହେଉଛନ୍ତି । ଏ ସବୁ ଭିତରେ ଏହି ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଜବାବ ତଲବ କରିବା ପରେ ସ୍ଥିତି ଆହୁରି ଜଟିଳ ହୋଇଛି । ▶ପୃଷ୍ଠା-୭

## ହାଇକୋର୍ଟଙ୍କ ଜବାବ ତଲବ

### ଦୁଇ ସପ୍ତାହରେ ସତ୍ୟପାଠ ଦେବେ ପରିବହନ କମିସନର

■ କଟକ, ୬।୧ (ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ-ଡିଜେଲ ମିଳିବା କଟକଣା ସମ୍ପର୍କିତ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାରି ବିଜ୍ଞପ୍ତି ଓ ବକେୟା ଚାଲାଣ ପଇଠ ନକଲେ ପ୍ରମାଣପତ୍ର ଦିଆଯାଉନଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ▶ପୃଷ୍ଠା-୭

### ଏସ୍‌ଆଇଆର୍ ଚଡ଼କ

## ୟୁପିରେ ୩କୋଟି ଭୋଟର ବାଦ




■ ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍ ପ୍ରକ୍ରିୟାରେ ଉତ୍ତର ପ୍ରଦେଶରେ ବାଦ୍ ପଡ଼ିଛନ୍ତି ପ୍ରାୟ ତିନି କୋଟି ଭୋଟର । ଦେଶର ୧୨ଟି ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟାରେ ବିଭିନ୍ନ ରାଜ୍ୟରେ ବାଦ୍ ପଡ଼ିଥିବା ଭୋଟର ସଂଖ୍ୟା ମଧ୍ୟରେ ଏହା ହେଉଛି ସର୍ବାଧିକ । ଉତ୍ତର ପ୍ରଦେଶରେ ମୋଟ ଭୋଟର ସଂଖ୍ୟା ୧୫ କୋଟି ୪୪ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ଏହି ପ୍ରକ୍ରିୟାରେ ୨ କୋଟି ୮୯ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି । ଏହାସହିତ ରାଜ୍ୟର ଭୋଟର ସଂଖ୍ୟା ୧୨ କୋଟି ୫୫ ଲକ୍ଷକୁ ହ୍ରାସ ପାଇଛି । ଏହା ହେଉଛି ମୋଟ ଭୋଟର ସଂଖ୍ୟାର ୧୮.୭୦ ପ୍ରତିଶତ ।

### ସୁପ୍ରିମ କୋର୍ଟ ଗଲେ ମମତା

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନୱା ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ସମସ୍ତ ୭୫ଟି ଜିଲ୍ଲା ଏବଂ ୪୦୩ ବିଧାନସଭା ନିର୍ବାଚନମଣ୍ଡଳୀରେ ସଂଶୋଧନ ପ୍ରକ୍ରିୟା ଚାଲିଥିଲା । ଭୋଟର ତାଲିକାରୁ ଯେଉଁ ୨ କୋଟି ୮୯ ଲକ୍ଷ ଲୋକ ବାଦ୍ ପଡ଼ିଛନ୍ତି ସେମାନଙ୍କ ମଧ୍ୟରେ ମୃତ ଓ ଅନୁପସ୍ଥିତ ଭୋଟର ରହିଛନ୍ତି । ୪୬ ଲକ୍ଷ ୨୩ ହଜାର (୨.୯୯%) ଭୋଟର ମୃତ୍ୟୁ ବରଣ କରିଥିବା ବେଳେ ୨ କୋଟି ୫୭ ଲକ୍ଷ (୧୪.୦୬%) ଭୋଟର ସର୍ଭେ ବେଳେ ଅନୁପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ ଅନେକ ସ୍ଥାୟୀ ରୂପେ ବାହାର ରାଜ୍ୟକୁ ଚାଲିଯାଇଥିବାର ଅନୁମାନ କରାଯାଉଛି । ଅନ୍ୟ ୨୫ ଲକ୍ଷ ୪୭ ହଜାର (୧.୬୫%) ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ପଞ୍ଜୀକରଣ ହୋଇଛି । ତେବେ ଆଜି ଯେଉଁ ତଥ୍ୟ ଦିଆଯାଇଛି ଯେ ତାହା ଚୂଡ଼ାନ୍ତ ନୁହେଁ । ଏହା ହେଉଛି ଚିଠା ଭୋଟର ତାଲିକା । ଆସନ୍ତାମାସ ୬ ତାରିଖ ସୁଦ୍ଧା ବାଦ୍ ପଡ଼ିଥିବା ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଏହାପରେ ଯାଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ସେ କହିଛନ୍ତି ।

ଇତିମଧ୍ୟରେ ପଶ୍ଚିମ ବଙ୍ଗରେ ଆତଙ୍କ ସୃଷ୍ଟି କରିଥିବା ଏସ୍‌ଆଇଆର୍ ବିରୋଧରେ ▶ପୃଷ୍ଠା-୭

## 'ଓମ୍‌ସା' ଆନ୍ଦୋଳନ ଉପରେ 'ଏସ୍‌ମା'

### ଡାକ୍ତର ସଂଘ-ସରକାର ମୁହାଁମୁହିଁ

■ ଭୁବନେଶ୍ୱର, ୬।୧ (ସମିସ): ୧୦ ଦାବି ନେଇ ରାଜ୍ୟବ୍ୟାପୀ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ)ର ଆନ୍ଦୋଳନକୁ ନେଇ କଠୋର ହୋଇଛନ୍ତି ରାଜ୍ୟ ସରକାର । ଡାକ୍ତରଙ୍କ ଆନ୍ଦୋଳନ ଉପରେ ମଙ୍ଗଳାବାରଠାରୁ ଏସ୍‌ମା ଲାଗୁ କରିଛନ୍ତି । ଆସନ୍ତା ୬ ମାସ ଯାଏଁ ଡାକ୍ତରମାନେ ଆନ୍ଦୋଳନ/ ଧର୍ମଘଟ କରିପାରିବେ ନାହିଁ । ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରାଯାଇଛି । ଅପରପକ୍ଷେ ଏସ୍‌ମା ଲାଗୁ ସତ୍ତ୍ୱେ ଆନ୍ଦୋଳନ ଜାରି ରହିବ ବୋଲି ଓମସାର ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ କହିଛନ୍ତି ।

### ୬ ମାସ ଯାଏଁ କରିପାରିବେନି ଧର୍ମଘଟ
### ଆନ୍ଦୋଳନ ଜାରି ରଖିବାକୁ ଡାକ୍ତରଙ୍କ ଧମକ

ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ସରକାରୀ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଡାକ୍ତର, ନର୍ସିଂ ଅଧିକାରୀ, ଫାର୍ମାସୀ ଅଧିକାରୀ, ପାରାମେଡିକାଲ ଷ୍ଟାଫ୍, ଟେକ୍ନିସିଆନ ଏବଂ ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଉପରେ ଏହି କଟକଣା ଲାଗୁ କରାଯାଇଛି । ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଛି ଓମସା । ଦିନବେଳା ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଓମସା ଓପିଡି ସେବାରେ ସହଯୋଗ କରୁନଥିବାରୁ ରାଜ୍ୟବ୍ୟାପୀ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଏନେଇ ଗତକାଲି ପ୍ରତିକ୍ରିୟା ରଖିବା ସହ ଡାକ୍ତରମାନେ ସ୍ୱାସ୍ଥ୍ୟସେବାରେ ସହଯୋଗ କରିବାକୁ ନିବେଦନ କରିଥିଲେ । ଏହାର ଦିନକ ପରେ ସରକାର ଡାକ୍ତରଙ୍କ ଧର୍ମଘଟ ଉପରେ ଏପରି କଟକଣା ଜାରି କରିଛନ୍ତି ।

## ନାବାଳିକା ଦୁଷ୍କର୍ମ-ହତ୍ୟାକାରୀକୁ ଫାଶୀ ଦଣ୍ଡ



■ ବରଗଡ଼, ୬।୧ (ସମିସ): ୨୦୨୪ ମସିହାରେ ପାଇକମାଳ ଥାନା ଅଞ୍ଚଳରେ ୭ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଭଳି ସଂଗିନ୍ ମାମଲାର ବିଚାର କରି ବରଗଡ଼ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ କମ୍ ସ୍ପେସାଲ୍ ପକ୍ସୋ କୋର୍ଟ ଅଭିଯୁକ୍ତ ପ୍ରଶାନ୍ତ ବାଗ(୨୫) ଓରଫ୍ ବରିହାକୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ମୃତ ନାବାଳିକାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଅପରାଧକୁ କୋର୍ଟ ବିରଳରୁ ବିରଳତମ ବୋଲି ଅଭିହିତ କରି ଏହି ଐତିହାସିକ ରାୟ ପ୍ରଦାନ କରିଛନ୍ତି ।

୨୦୨୪ ନଭେମ୍ବର ୧୫ରେ ଅଭିଯୁକ୍ତଜଣଙ୍କ ମାଛ ଧରିବାକୁ ଯିବା ବାହାନାରେ ୬ ବର୍ଷର ଏକ ଶିଶୁକୁ ଘରୁ ଟେକିନେଇ ଦୁଷ୍କର୍ମ କରିଥିଲା । ପରେ ପ୍ରମାଣ ନଷ୍ଟ ପାଇଁ ପୀଡ଼ିତା ମୁଣ୍ଡକୁ ପଥରରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରିଥିଲା । ଏହି ଘଟଣାରେ ପାଇକମାଳ ପୁଲିସ ପ୍ରଶାନ୍ତ ବାଗକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମୋଟ ୩୭ଜଣ ସାକ୍ଷୀଙ୍କ ସାକ୍ଷ୍ୟ, ▶ପୃଷ୍ଠା-୭

## 'ଭିବି ଜି ରାମ ଜି'ର ଲକ୍ଷ୍ୟ ବିକଶିତ ଭାରତ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୬।୧ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜି ରାମ ଜି) ବିଲ୍ ସଂସଦରେ ପାଶ୍ ହୋଇ ଆଇନ୍‌ରେ ପ୍ରଣୟନ ହୋଇଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ କୌଣସି ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ । ବିରୋଧୀ ଦଳଗୁଡ଼ିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି । ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ସେମାନେ ଦର୍ଶାଉଛନ୍ତି । କିନ୍ତୁ କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନ୍‌ରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଶ୍ରୀ ମାଝୀ କହିଛନ୍ତି ଯେ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ନରେଗା) ଆରମ୍ଭ କରାଯାଇଥିଲା । ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି ।୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତ ଯୋଜନା(ମନରେଗା)ରେ ନାମିତ କରାଯାଇଥିଲା । ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା । ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ୟୁପିଏ ସରକାର ଏହି ଯୋଜନା କାର୍ଯ୍ୟ କରିଥିଲା । ଏଥିରେ ୧୦୦ ଦିନର ନିଶ୍ଚିନ୍ତ କର୍ମ ନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା । ସେହିପରି ଯେଉଁ ଭତ୍ତା ଦିଆଯାଉଥିଲା ତାହା ଅତ୍ୟନ୍ତ ନଗଣ୍ୟ ଥିଲା । ଏହି ଯୋଜନାରେ ବିଭିନ୍ନ ରାଜ୍ୟରେ ସେତେବେଳେ ଦୁର୍ନୀତି ମଧ୍ୟ ଦେଖିବାକୁ ମିଳିଥିଲା । ବିହାରରେ ୬୦୦୦ କୋଟି ଓ ଉତ୍ତରପ୍ରଦେଶରେ ୧୦ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ଯୋଜନାର ▶ପୃଷ୍ଠା-୭



### ମନରେଗାରେ ବିଭିନ୍ନ ରାଜ୍ୟରେ ଦୁର୍ନୀତିର ଛିଟା ଲାଗିଛି
### ଲୋକଙ୍କୁ ରୋଜଗାର ଦେବାରେ ମନରେଗା ବିଫଳ
### ଭିବି ଜି ରାମ ଜି ଆଇନରେ ୧୨୫ ଦିନ ରୋଜଗାର ସୁନିଶ୍ଚିତ

### ଫେରିଲା ଶୀତ: ୪୮ ଘଣ୍ଟାରେ ୭ ଡିଗ୍ରୀ ଖସିଲା ପାରଦ

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୯ ସହର

■ ଭୁବନେଶ୍ୱର, ୬।୧ (ସମିସ): ଗତ ୪୮ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ୬ରୁ୭ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ରାତି ଭଳି ଦିନର ତାପମାତ୍ରା ମଧ୍ୟ ଦୃଷ୍ଟାନ୍ତମୂଳକ ଭାବେ କମିଛି । ଫଳରେ ସୋମବାର ରାତିରୁ ରାଜ୍ୟକୁ ପୁଣି ଶୀତ ଫେରିଛି । ମଙ୍ଗଳବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ କାଲୁଆ ଶୀତ ଅନୁଭୂତ ହୋଇଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ପ୍ରବଳ ଶୀତ ଅନୁଭୂତ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଶୀତ ଲହରୀ ଜାରି ହୋଇଛି ।

### ଝାରସୁଗୁଡ଼ାରେ ଭାଙ୍ଗିଲା ୭୨ ବର୍ଷର ରେକର୍ଡ
### ୯ ତାରିଖ ପର୍ଯ୍ୟନ୍ତ ଜାରି ହେଲା ଶୀତ ସତର୍କତା

ଅନ୍ୟପଟେ ତଳମୁହାଁ ପାରଦ ଝାରସୁଗୁଡ଼ାରେ ୭୨ ବର୍ଷର ରେକର୍ଡ ଭାଙ୍ଗିଛି । ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୫.୧ ଡିଗ୍ରୀକୁ ଖସିଛି । ୧୯୫୩ରୁ ଏଯାବତ୍ ଝାରସୁଗୁଡା ଇତିହାସ ସବୁଠାରୁ ଥଣ୍ଡା ରାତିରେ ପରିଣତ ହୋଇଛି । ଝାରସୁଗୁଡ଼ା ସମେତ ରାଜ୍ୟର ମୋଟ୍ ୧୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ରେକର୍ଡ ହୋଇଛି । ଝାରସୁଗୁଡା ୫.୧ ଡିଗ୍ରୀ ସହ ରାଉରକେଲା ୬.୬, କିରେଇ ଓ ଜି.ଉଦୟଗିରି ୬.୮, ଦାରିଙ୍ଗବାଡି ୭.୫, ସୁନ୍ଦରଗଡ ୭.୬ , ସେମିଳିଗୁଡା ୮.୫, ବଲାଙ୍ଗୀର ୮.୮, ଫୁଲବାଣୀ ଓ କେନ୍ଦୁଝର ୯, ସୋନପୁର ୯.୧, ଢେଙ୍କାନାଳ ୯.୯, କୋରାପୁଟ, କଟକ, ଅନୁଗୁଳ ଏବଂ ବାରିପଦାରେ ପାରଦ ୧୦ ଡିଗ୍ରୀକୁ ଖସିଛି । ଅନ୍ୟପଟେ ରାତିରେ ଭୁବନେଶ୍ୱରରେ ତାପମାତ୍ରା ୧୨.୯ ଡିଗ୍ରୀକୁ ଖସିବା କାରଣରୁ ଏଠାରେ ପ୍ରବଳ ଶୀତ ଅନୁଭୂତ ହୋଇଛି । ଭୋର ସମୟଠାରୁ ୧୦ ରୁ ୧୫ କିମି ବେଗରେ ଉତ୍ତର-ଉତ୍ତରପୂର୍ବ ▶ପୃଷ୍ଠା-୭

# ଅଡ଼ି ବସିଛନ୍ତି ମିଲର, ଧାନ କିଣା ବନ୍ଦ

### ଦାବିରେ ଯଥାର୍ଥତା ନାହିଁ, ଆନ୍ଦୋଳନ ଅନ୍ୟଦ୍ୱାରା ପରିଚାଳିତ: ମନ୍ତ୍ରୀ

■ ଭୁବନେଶ୍ୱର, ୬।୧ (ସମିସ): ସାରା ରାଜ୍ୟରେ ଧାନ କିଣାରେ ଅଚଳାବସ୍ଥା । ମଣ୍ଡିରେ ଧାନବସ୍ତା ପାହାଡ଼ ପ୍ରମାଣ ଗଦା ହୋଇଥିବାବେଳେ ମିଲର ଧାନ କିଣୁ ନାହାନ୍ତି । ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଧାନ ଉଠାଯିବ ନାହିଁ ବୋଲି ମିଲର ରୋକଠୋକ୍ ଧମକ ଦେଇଛନ୍ତି । ମିଲର ଓ ସରକାରଙ୍କ ମଧ୍ୟରେ ଅନେକବାର ଆଲୋଚନା ହୋଇଥିଲେ ହେଁ ନିଷ୍କର୍ଷ ବାହାରି ନାହିଁ । ମିଲରମାନେ ସରକାରଙ୍କୁ ବିଶ୍ୱାସକୁ ନେଉ ନାହାନ୍ତି । ଫଳରେ ଆଜି ମଧ୍ୟ ରାଜ୍ୟର କୌଣସି ମଣ୍ଡିରେ ଧାନ ଉଠିନାହିଁ । ସାରା ରାଜ୍ୟରେ ଧାନ ବିକିବାକୁ ଆସି ଚାଷୀମାନେ ଧାନ ଜଗି ବସି ରହିଛନ୍ତି । ଚାରି ଆଡୁ ଚାଷୀଙ୍କ ଦୁର୍ଦ୍ଦଶାର ଚିତ୍ର ସାମନାକୁ ଆସୁଥିବା ବେଳେ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ସବୁ ଆଡ଼େ ମଣ୍ଡିରେ ଚାଷୀ ହନ୍ତସନ୍ତ ହେଉଛନ୍ତି ।

ଅନ୍ୟପଟେ ରାଜ୍ୟରେ ଚାଲିଥିବା ମିଲର୍ସ ଆନ୍ଦୋଳନକୁ ନେଇ ସମବାୟ ମନ୍ତ୍ରୀ ଆଜି ଏକ ଅଜବ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଆନ୍ଦୋଳନ ସ୍ୱାଭାବିକ ନୁହେଁ, ଏହା ଅନ୍ୟ କାହା ଦ୍ୱାରା ପରିଚାଳିତ ହେଉଛି । ସରକାରଙ୍କୁ ହରଡ଼ଘଣାରେ ବା ଅଡୁଆରେ ପକାଇବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା । ଆନ୍ଦୋଳନ କରୁଥିବା ମିଲର୍ସମାନଙ୍କ ଦାବିରେ କୌଣସି ଯଥାର୍ଥତା ନାହିଁ । ଯଦିଓ ଯୋଗାଣ ବିଭାଗ ପକ୍ଷରୁ ମିଲର୍ସମାନଙ୍କ ସହ ବାରମ୍ବାର ଆଲୋଚନା ଓ ବିଚାରବିମର୍ଶ କରାଯାଉଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ନିଷ୍କର୍ଷ ବାହାରି ପାରିନାହିଁ । ସରକାର ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି । କିନ୍ତୁ ମିଲର୍ସମାନଙ୍କ ଅସହଯୋଗ କାରଣରୁ ପ୍ରକ୍ରିୟା ଅଟକି ରହିଛି । ମନ୍ତ୍ରୀ କହିଛନ୍ତି, ଯଦି ମିଲର୍ସମାନେ ଧାନ ରଖିବେ, ତେବେ ଯାଇ ମିଲିଂ ପ୍ରକ୍ରିୟା ଆଗକୁ ବଢ଼ିପାରିବ । ସରକାର ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି ।

ଅନ୍ୟପଟେ ସରକାର ଓ ମିଲର୍ସଙ୍କ ମଧ୍ୟରେ ବିବାଦ ଯୋଗୁଁ ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ରାଜ୍ୟର ଚାଷୀ । ମିଲର୍ସମାନେ ଧାନ ଉଠାଉ ନଥିବାରୁ ମଣ୍ଡିଗୁଡ଼ିକରେ ଲକ୍ଷଲକ୍ଷ ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିରହିଛି । କଷ୍ଟଲବ୍ଧ ଅମଳ ବିକ୍ରି ହୋଇପାରୁ ନଥିବାରୁ ଚାଷୀମାନେ ଅତିଶୟ ହନ୍ତସନ୍ତ ହେଉଛନ୍ତି । ଚାଷୀଙ୍କ ପ୍ରତି ସମବେଦନା ରହିଛି ଓ ସରକାର ▶ପୃଷ୍ଠା-୭

## ସୋନିଆ ଗାନ୍ଧୀ ଅସୁସ୍ଥ; ହସ୍ପିଟାଲରେ ଭର୍ତ୍ତି



ନୂଆଦିଲ୍ଲୀ, ୬।୧ (ଏଜେନ୍ସି):ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଛି। ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ହୃତ୍‌ପିଣ୍ଡ ବିଶେଷଜ୍ଞ ଡାକ୍ତର ତୀକ୍ଷଣ ନଜର ରଖିଥିବା ସୂଚନା ମିଳିଛି। ମାତ୍ର ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କଂଗ୍ରେସ କିମ୍ବା ହସ୍ପିଟାଲ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ। ସୋନିଆ ଗାନ୍ଧୀ ଗତ କିଛି ବର୍ଷ ଧରି ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଅଛନ୍ତି। ସେ ନିୟମିତ ଯାଞ୍ଚ ଏବଂ ଚିକିତ୍ସା ପାଇଁ ସମୟ ସମୟରେ ହସ୍ପିଟାଲକୁ ଆସୁଛନ୍ତି। ଚଳିତ ଥର ସୋମବାର ସନ୍ଧ୍ୟାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ କଫ ଯାଞ୍ଚ ସହିତ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ମଧ୍ୟ କୁହାଯାଉଛି। ବିଶେଷ କରି ଦିଲ୍ଲୀରେ ଜାରି ଭୟଙ୍କର ବାୟୁ ପ୍ରଦୂଷଣକୁ ଦେଖି ସେ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଉଛନ୍ତି। ଗତ ଡିସେମ୍ବରରେ ସୋନିଆ ୭ ୯ ବର୍ଷରେ ପଦାର୍ପଣ କରିଥିଲେ।

## ଅଭିନେତା ବିଜୟଙ୍କୁ ସିବିଆଇ ନୋଟିସ



ଚେନ୍ନଇ, ୬।୧ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟିଥିବା ତାମିଲିଗା ଭେଟ୍ରି କଝଗମ (ଟିଭିକେ) ମୁଖ୍ୟ ବିଜୟଙ୍କୁ ସିବିଆଇ ସମନ କରିଛି। କରୁର ଦଳାଚକଟା ମାମଲାରେ ୧୨ ତାରିଖରେ ତାଙ୍କୁ ହାଜର ହେବାକୁ କୁହାଯାଇଛି। ସିବିଆଇ ଏହି ମାମଲାର ତଦନ୍ତ କରୁଛି। ଏ ନେଇ ତାଙ୍କୁ ଜେରା କରାଯିବ। ଏହି ଆଧାରରେ ଆରୋପପତ୍ରରେ ବିଜୟଙ୍କ ନାମ ରହିବ କି ନାହିଁ ସିବିଆଇ ତାହାର ନିଷ୍ପତ୍ତି ନେବ। ୨୦୨୫ ସେପ୍ଟେମ୍ବର ୨୭ରେ କରୁର ଜିଲ୍ଲା ଭେଲୁସ୍ୱାମୀପୁରମରେ ଏହି ଦଳାଚକଟା ଘଟଣା ଘଟିଥିଲା। ବିଜୟ ଆସିବାରେ ବିଳମ୍ବ ହେବାରୁ ଦଳଚକଟା ଆରମ୍ଭ ହୋଇଯାଇଥିଲା। ଏହି ଘଟଣାରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ପ୍ରଥମେ ତାମିଲନାଡୁର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ମାମଲାର ତଦନ୍ତ କରୁଥିଲା। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେସ ପରେ ସିବିଆଇ ଏହି ମାମଲା ନେଇଥିଲା।ସିବିଆଇ କାର୍ଯ୍ୟକ୍ରମ ପାଇଁ ଦିଆଯାଇଥିବା ଅନୁମତି, ଭିଡ଼ ପରିଚାଳନା ପଦକ୍ଷେପ, ପୁଲିସ ମୁତୟନ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଆଦିକୁ ନେଇ ଯାଞ୍ଚ କରୁଛି। ପୂର୍ବରୁ ଏହି ମାମଲାରେ ଟିଭିକେ କର୍ମକର୍ତ୍ତା ଏବଂ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇସାରିଛି।

## ଅମର୍ତ୍ତ୍ୟ ସେନ୍‌ଙ୍କୁ ଏସଆଇଆର ନୋଟିସ

କୋଲକାତା, ୬।୧ (ଏଜେନ୍ସି):ନୋବେଲ ବିଜେତା ଭାରତୀୟ ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କୁ ଏସ୍‌ଆଇଆର୍ ନୋଟିସ୍ ପଠାଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀ ଏହାକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ସମାଲୋଚନା କରିଛନ୍ତି। ଜାଣିଶୁଣି ଇସି ରାଜ୍ୟର ନାଗରିକଙ୍କୁ ନିଶାଣ କରୁଥିବା ସେ ଅଭିଯୋଗ କରିଛନ୍ତି। ଅଭିଷେକ ବାନାର୍ଜୀ ଏକ




ରାଲିକୁ ସମ୍ବୋଧନ କରି କହିଛନ୍ତି ଯେ ନୋବେଲ ବିଜେତା ଅର୍ଥନୀତିଜ୍ଞଙ୍କୁ ସମନ କରିବା ଅତ୍ୟନ୍ତ ଦୁଃଖଦ ଘଟଣା। ଭାରତ ପାଇଁ ନୋବେଲ ପୁରସ୍କାର ଜିତି ଦେଶ ବିଦେଶରେ ଭାରତକୁ ଅଧିକ ପ୍ରସିଦ୍ଧି କରିଥିବା ଅମର୍ତ୍ତ୍ୟ ସେନଙ୍କୁ ନୋଟିସ ପଠାଇବା ଦୁଃଖର ବିଷୟ। ବିଶ୍ୱକପ୍‌ରେ ଭାରତ ପାଇଁ ଖେଳିଥିବା କ୍ରିକେଟର ମହମ୍ମଦ ସାମି ଏବଂ ଅଭିନେତା ଦେବଙ୍କୁ ମଧ୍ୟ ନୋଟିସ ପଠାଯାଇଛି। ସମସ୍ତଙ୍କୁ ବଦନାମ ଏବଂ ହଇରାଣ କରିବାକୁ ଏପରି କରାଯାଉଛି। ଏସଆଇଆର ନାମରେ ବିଜେପି-ଇସି ମେଣ୍ଟ କରି ପଶ୍ଚିମବଙ୍ଗ ଲୋକଙ୍କୁ ନିଶାଣ କରୁଛନ୍ତି। ଅନ୍ୟପଟେ ଇସି ଏ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୈଇତିଆଇଲିର ଲାଭା ବ୍ଲକର ବିଡିଓଙ୍କୁ ଏସଆଇଆର ନୋଟିସ ଜାରି କରାଯାଇଛି। ସେ ଶୁଣାଣି ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଦେଖାଯାଇଛି।ଅନ୍ୟମାନଙ୍କ ପରି ବିଡିଓ ଭାରତୀ ଚିକ ବାରାଇକ ଧାଡ଼ିରେ ଛିଡ଼ା ହୋଇଥିବା ଦେଖାଯାଉଛି। ସୂଚନା ଅନୁଯାୟୀ, ବିଡିଓଙ୍କ ତତ୍ତ୍ୱାବଧାନରେ ଏସଆଇଆର କାମ ଚାଲିଛି। କିନ୍ତୁ ରାଜ୍ୟରେ ବିଡିଓ ଏବଂ ତାଙ୍କ ବାପା କପିଲ ଚିକ ବାରାଇକ, ଭାଇ ପ୍ରଣବ ଚିକ ବାରାଇକ, ଭଉଣୀ ଆରତୀ ଚିକ୍ ବାରାଇକଙ୍କୁ ନୋଟିସ କରାଯାଇଥିଲା। ୨୦୦୨ ଭୋଟର ତାଲିକାରେ ତାଙ୍କ ନାମ ନ ଥିବା କୁହାଯାଇଥିଲା।

## ସୁରେଶ କାଲମାଡୀଙ୍କ ପରଲୋକ

ପୁନେ, ୬।୧ (ଏଜେନ୍ସି): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କାଲମାଡୀଙ୍କ ପରଲୋକ ହୋଇଛି। ସେ ୮୧ ବର୍ଷ ବୟସରେ ମଙ୍ଗଳବାର ସକାଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କାଲମାଡୀ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ପୁନେର



ଦୀନାନାଥ ମଙ୍ଗେସକର ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। ସନ୍ଧ୍ୟାରେ ବୈକୁଣ୍ଠ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ୧୯୯୪ ମେ' ୧ରେ ଜନ୍ମିତ କାଲମାଡୀ ଭାରତୀୟ ବାୟୁସେନାର ପାଇଲାଟ ଭାବେ କାର୍ଯ୍ୟ କରିଥିଲେ। ସେ ସ୍କ୍ୱାର୍ଡ୍ରନ ଲିଡର ପଦରୁ ଅବସର ନେବା ପରେ କଂଗ୍ରେସ ସହ ମିଶି ରାଜନୀତିରେ କ୍ୟାରିୟର ଆରମ୍ଭ କରିଥିଲେ। କାଲମାଡୀ ୩ ଥର ଲୋକସଭା ଏବଂ ସମାନ ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ସେ ନରସିମ୍ହା ରାଓଙ୍କ ସରକାରରେ ୧୯୯୫-୯୬ରେ ରେଳ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୮୧-୮୬ ପର୍ଯ୍ୟନ୍ତ ସେ ଭାରତୀୟ ଯୁବ କଂଗ୍ରେସ (ସମାଜବାଦୀ)ର ଅଧ୍ୟକ୍ଷ ଥିଲେ। ରାଜନୀତି ସହିତ ଖେଳ ପ୍ରଶାସନ ପାଇଁ ମଧ୍ୟ ସେ ପରିଚିତ ଥିଲେ। ତେବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁର୍ନୀତିକୁ ନେଇ ସେ ବିବାଦରେ ଥିଲେ। ଏହି ମାମଲା ୧୫ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ତାଙ୍କ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗ ଲାଗିଥିଲା। ତାଙ୍କୁ ଜେଲ୍ ବି ଯିବାକୁ ପଡ଼ିଥିଲା। କାଲମାଡ଼ୀ ଭାରତୀୟ ଅଲମ୍ପିକ ସଂଘ (ଆଇଓଏ)ର ଅଧ୍ୟକ୍ଷ ଥିଲେ। ୨୦୧୦ରେ ଦିଲ୍ଲୀରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କମିଟିର ମଧ୍ୟ ସେ ଅଧ୍ୟକ୍ଷତା କରିଥିଲେ।

## କାର୍ ଉପରେ କଟକଣା ଲଗାଇବୁନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ସେଣ୍ଟର ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟର କମିସନଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ପ୍ରଦୂଷଣକୁ ରୋକିବାରେ ସିଏକ୍ୟୁଏମ ବିଫଳ ହୋଇଛି। ବାୟୁ ମାନ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ କମିସନ କ'ଣ କରୁଥିଲେ ବୋଲି କୋର୍ଟ ପ୍ରଶ୍ନ ପଚାରିଛନ୍ତି। ଏହାସହିତ ପ୍ରଦୂଷଣ ପାଇଁ କାର୍ ଉପରେ କଟକଣା ଲଗାଇବାକୁ କୋର୍ଟ ମନା କରିଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହାକୁ ଷ୍ଟାଟସର ପ୍ରତୀକ ଧରାଯାଏ। ତେଣୁ ଏହାକୁ ରୋକିପାରିବୁ ନାହିଁ। ଲୋକେ କାର୍ କିଣିବା ପାଇଁ ଅର୍ଥ ସଞ୍ଚୟ କରୁଛନ୍ତି। ଲୋକେ ସାଇକଲ ବ୍ୟବହାର ମଧ୍ୟ ବନ୍ଦ କରିଦେଇଛନ୍ତି। ସିଏକ୍ୟୁଏମ ଦେଇଥିବା ପ୍ରସ୍ତାବ ଉପରେ ସିଜେଆଇ ଏହି ଟିପ୍ପଣୀ ଦେଇଛନ୍ତି।

# ଇରାନରେ ତେଜୁଛି ଆନ୍ଦୋଳନ

### ପରିବାର ସହ ରୁଷ୍ ପଳାଇବାକୁ ସୁପ୍ରିମ ନେତା ଖାମନେଇଙ୍କ ଯୋଜନା

ତେହରାନ, ୬।୧ (ଏଜେନ୍ସି): ଇରାନରେ ଦରଦାମ ବୃଦ୍ଧିକୁ ବିରୋଧ କରି ଯୁବ ଗୋଷ୍ଠୀ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହାକୁ ଦମନ କରିବାକୁ ସରକାର ବଳ ପ୍ରୟୋଗ କରୁଛନ୍ତି। ରିଭୋଲ୍ୟୁସନାରୀ ଗାର୍ଡକୁ ଲଗାଇ ଆନ୍ଦୋଳନକାରୀଙ୍କ ଉପରକୁ ଗୁଳି ମାଡ଼ କରୁଛନ୍ତି। ଏହା ସତ୍ତ୍ୱେ ଆନ୍ଦୋଳନ ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରିଛି। ଏହା ଦେଖି ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲାହ ଅଲି ଖାମନେଇ (୮୬)ଙ୍କୁ କ୍ଷମତା ହରାଇବାର ଭୟ ଘାରିଛି। ଯେକୌଣସି ସମୟରେ ଆନ୍ଦୋଳନକାରୀ ଆକ୍ରମଣ କରିପାରନ୍ତି ବୋଲି ସେ ଭୟ କରୁଛନ୍ତି। ଏଥିପାଇଁ ଖାମନେଇ ପରିବାର ସହ ରୁଷ୍ ପଳାଇବାକୁ ଯୋଜନା କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ବନ୍ଦ ନ ହେଲେ ଖାମନେଇ ଦେଶ ଛାଡ଼ି ପଳାଇବେ। ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ ହୋଇସାରିଛି। ଗୁଇନ୍ଦା ରିପୋର୍ଟ ଆଧାରରେ ବ୍ରିଟେନ ଖବରକାଗଜ 'ଦ ଟାଇମ୍ସ' ପକ୍ଷରୁ ଏହି ଦାବି କରାଯାଇଛି।

ରିପୋର୍ଟ ଅନୁଯାୟୀ, ଖାମନେଇ ନିଜ ଉତ୍ତରାଧିକାରୀ ମୁଜତବା ସମେତ ପ୍ରାୟ ୨୦ ଲୋକଙ୍କୁ ଧରି ତେହରାନ






ଛାଡ଼ିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ଦେଶରେ ୮ ଦିନ ହେଲା ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ମାନବାଧିକାର କର୍ମୀଙ୍କ ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ୭୮ ସହରର ୨୨୨ରୁ ଅଧିକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହେଲାଣି। ଏଥିରେ ଅତିକମରେ ୩୫ ଜଣ ପ୍ରାଣ ହରାଇଲେଣି। ୧୨୦୦ରୁ ଅଧିକ ଲୋକଙ୍କୁ ପୁଲିସ ଗିରଫ କରିଛି। ଏହା ସତ୍ତ୍ୱେ ଆନ୍ଦୋଳନ ଭୟଙ୍କର ରୂପ ଧାରଣ କରିଛି। ତେଣୁ ସଠିକ ସମୟରେ ଦେଶ ଛାଡ଼ିବାକୁ ଖାମନେଇ ସମସ୍ତ ପ୍ରସ୍ତୁତି ଶେଷ କରିସାରିଛନ୍ତି। ଅନେକ ଦାତବ୍ୟ ପ୍ରତିଷ୍ଠାନ ମାଧ୍ୟମରେ କୋଟି କୋଟି ଡଲାରର ସମ୍ପତ୍ତି ଉପରେ ଖାମନେଇଙ୍କ ନିୟନ୍ତ୍ରଣ ରହିଛି। ଏଗୁଡ଼ିକ ମଧ୍ୟରେ 'ସେତାଦ' ସବୁଠାରୁ ଆଗରେ ରହିଛି। ଏହି ସଂସ୍ଥା ପାଖରେ ଅନେକ ବିଲିୟନ ଡଲାରର ସମ୍ପତ୍ତି ରହିଛି।

ରିପୋର୍ଟ ଅନୁଯାୟୀ, ଅନେକ ବରିଷ୍ଠ ଶାସକଙ୍କ ସମ୍ପର୍କୀୟ ପୂର୍ବରୁ ଆମେରିକା, କାନାଡ଼ା ସହିତ ଉପସାଗରୀୟ ଦେଶରେ ବାସ କରୁଛନ୍ତି। ଏହା ଯୋଜନା ମାଧ୍ୟମରେ ବିଦେଶରେ ସମ୍ପତ୍ତି ଏବଂ ନଗଦ ଅର୍ଥ ସୁରକ୍ଷିତ କରି ରଖାଯାଉଛି। ଏହା ଦ୍ୱାରା ଆବଶ୍ୟକ ପଡ଼ିଲେ ନେତା ତୁରନ୍ତ ତୁରନ୍ତ ଦେଶ ଛାଡି ଯାଇପାରିବେ। ଏବେ ଇରାନର ଆର୍ଥିକ ସ୍ଥିତି ଭୁଶୁଡ଼ି ଯାଇଛି। ଡଲାର ତୁଳନାରେ ଇରାନ ମୁଦ୍ରା ରିୟାଲ ହ୍ରାସ ପାଇ ପ୍ରାୟ ୧.୪୫ ନିୟୁତରେ ପହଞ୍ଚି ଯାଇଛି। ଏହା ଦରଦାମ ବୃଦ୍ଧି ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବାକୁ ସୂଚାଉଛି। ଏଥିପାଇଁ ଜେନ୍ ଜେଡ୍ ଗୋଷ୍ଠୀ ଉଗ୍ର ବିକ୍ଷୋଭ କରୁଛନ୍ତି। ଗତ ସପ୍ତାହରେ ବିକ୍ଷୋଭକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଥିଲେ। ବିକ୍ଷୋଭକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କହିଥିଲେ।

## ଟ୍ରମ୍ପଙ୍କୁ ୭ ୟୁରୋପୀୟ ରାଷ୍ଟ୍ରଙ୍କ ବିରୋଧ

ୱାସିଂଟନ, ୬।୧ (ଏଜେନ୍ସି): କ୍ଷମତା ଗ୍ରହଣ କରିବା ଦିନଠାରୁ ଆମେରିକା ରାଷ୍ଟ୍ରପତି ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଛନ୍ତି। କେତେବେଳେ ଶୁଳ୍କ ଲଗାଇ ତ ଆଉ କେତେବେଳେ ପ୍ରବାସୀଙ୍କୁ ବନ୍ଦୀ ଭଳି ହଟାଇ ମାନବିକତାର କଣ୍ଠରୋଧ କରିଛନ୍ତି। ପୁଣି ଦେଶମାନଙ୍କୁ ଧମକ ଦେଇ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ଏକଚାଟିଆ ନୀତି ଆପଣାଇ ଟ୍ରମ୍ପ ବିଶ୍ୱ ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛନ୍ତି। ମିଳିତ ଜାତିସଂଘ ଏବଂ ବିଶ୍ୱରେ ଥିବା ଆଇନକାନୁନର ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ଭେନେଜୁଏଲାରେ ରାତି ଅଧିଆ ଆକ୍ରମଣ କରି ଟ୍ରମ୍ପ ସବୁ ସୀମା ଟପି ଯାଇଛନ୍ତି। ଏତିକିରେ ଟ୍ରମ୍ପ ଅଟକି ଯାଇନାହାନ୍ତି। ସେ କଲମ୍ବିଆ, ଗ୍ରୀନଲାଣ୍ଡ, କ୍ୟୁବା ଆଦି ଦେଶକୁ ଅକ୍ତିଆର କରିବେ ବୋଲି ମଧ୍ୟ ଧମକ ଦେଇଛନ୍ତି। ଟ୍ରମ୍ପ ଭେନେଜୁଏଲା କାର୍ଯ୍ୟାନୁଷ୍ଠାନକୁ ସାରା ବିଶ୍ୱରେ ବିରୋଧ କରାଯାଉଥିବାବେଳେ ଗ୍ରୀନଲାଣ୍ଡକୁ ଦେଇଥିବା ଧମକ ପାଇଁ ଆମେରିକା ନେତୃତ୍ୱରେ ଚାଲିଥିବା ସାମରିକ ସଂଗଠନ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ (ନାଟୋ) ଦେଶରେ ଫାଟ ସୃଷ୍ଟି ହୋଇଛି। ୭ ୟୁରୋପୀୟ ରାଷ୍ଟ୍ର ଖୋଲାଖୋଲି ଭାବେ ଆମେରିକା ରାଷ୍ଟ୍ରପତିଙ୍କ ଆଭିମୁଖ୍ୟକୁ ତୀବ୍ର ବିରୋଧ କରିଛନ୍ତି। ଏପରି ସମୟରେ ଡେନମାର୍କ ଏବଂ କଲମ୍ବିଆ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ଧମକ ଦେଇଛନ୍ତି। ଯଦି ଆମେରିକା ଗ୍ରୀନଲାଣ୍ଡ ଉପରେ ଆକ୍ରମଣ ପ୍ରୟାସ କରେ ତେବେ ନାଟୋ ସମାପ୍ତ ହୋଇଯିବ ବୋଲି ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକସନ କହିଛନ୍ତି।

ଏକ ସାକ୍ଷାତକାରରେ ଫ୍ରେଡେରିକ୍ସେନ କହିଛନ୍ତି ଯେ ଯଦି ଆମେରିକା କୌଣସି ନାଟୋ ସଦସ୍ୟ ଦେଶ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ସମଗ୍ର ନାଟୋ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ଆଉ କିଛି ବାକି ରହିବ ନାହିଁ। ସେହିପରି ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ପୋଲାଣ୍ଡ, ସ୍ପେନ୍ ଏବଂ ବ୍ରିଟେନର ନେତାମାନେ ମଧ୍ୟ ଟ୍ରମ୍ପଙ୍କୁ ବିରୋଧ କରିଛନ୍ତି। ଏହି ନେତାମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଗ୍ରୀନଲାଣ୍ଡ ହେଉଛି ସେଠାକାର ନାଗରିକଙ୍କର। ଗ୍ରୀନଲାଣ୍ଡ

- **ଗ୍ରୀନଲାଣ୍ଡରେ ଆକ୍ରମଣ କଲେ ନାଟୋ ଶେଷ ହୋଇଯିବ**
- **ଟ୍ରମ୍ପଙ୍କୁ ମାଦୁରୋଙ୍କ ଭଳି କଲମ୍ବିଆ ରାଷ୍ଟ୍ରପତିଙ୍କ ଚାଲେଞ୍ଜ**

ସହ ଜଡ଼ିତ ଯେକୌଣସି ନିଷ୍ପତ୍ତି ନେବାର ଅଧିକାର କେବଳ ଗ୍ରୀନଲାଣ୍ଡ ଏବଂ ଡେନମାର୍କର ରହିଛି।

ଏହା ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଗ୍ରୀନଲାଣ୍ଡକୁ ଆମେରିକାରେ ମିଶାଇବା ବିଷୟରେ କହିଥିଲେ। ସେ ଭେନେଜୁଏଲା ଉପରେ ଆକ୍ରମଣ ବିଷୟରେ ସାମ୍ବାଦିକଙ୍କ ସହ କଥା ହେଉଥିଲେ। ଏହି ସମୟରେ ଟ୍ରମ୍ପ କହିଥିଲେ ଯେ ସେ ୨୦ଦିନ ମଧ୍ୟରେ ଗ୍ରୀନଲାଣ୍ଡ ବିଷୟରେ ଆଲୋଚନା କରିବେ। ଏହା ପୂର୍ବରୁ ଗ୍ରୀନଲାଣ୍ଡକୁ ଆମେରିକା ନିୟନ୍ତ୍ରଣକୁ ନେବା ପାଇଁ ସେ ଅନେକ ଥର ମନ୍ତବ୍ୟ ଦେଇଥିଲେ। ଗ୍ରୀନଲାଣ୍ଡ ହେଉଛି ଡେନମାର୍କର ଏକ ସ୍ୱାୟତ୍ତ ଅଞ୍ଚଳ। ଏହା ନାଟୋର ମଧ୍ୟ ଅଂଶବିଶେଷ। ଟ୍ରମ୍ପ କେବେ ବି ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ଭାବନାକୁ ଅସ୍ୱୀକାର କରିନାହାଁନ୍ତି। ଡେନମାର୍କ ଏବଂ ଆମେରିକା ଉଭୟେ ନାଟୋର ସଦସ୍ୟ ଅଛନ୍ତି।

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ପନ୍ଥା ଆପଣାଇଛନ୍ତି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ। ଭେନେଜୁଏଲା କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଗୁସ୍ତାଭୋ କହିଛନ୍ତି ଯେ 'ଆସି ମୋତେ ନେଇଯାଅ, ମୁଁ ତୁମକୁ ଅପେକ୍ଷା କରି ବସିଛି। ଯଦି ଆମେରିକା ବୋମା ପକାଇବ ତେବେ ହଜାର ହଜାର କୃଷକ ପାହାଡ଼ରେ ଲୁଚୁଥିବା ଗରିଲା ଯୋଦ୍ଧା ପାଲଟି ଯିବେ। ଯଦି ଲକ୍ଷାଧିକ ଲୋକ ଭଲ ପାଉଥିବା ନିଜ ରାଷ୍ଟ୍ରପତିଙ୍କୁ ଟ୍ରମ୍ପ ବନ୍ଦୀ ବନାଇବେ ତେବେ ସେ ଜନତାଙ୍କ ଜାଗୁଆର ଛାଡ଼ିଦେବେ। ୧୯୯୦ରେ ଅସ୍ତ୍ରଶସ୍ତ୍ର ଛାଡ଼ିବା ପୂର୍ବରୁ ବାମପନ୍ଥୀ ଗରିଲା ଭାବେ ଲଢୁଥିବା ପେଟ୍ରୋ ଚେତାବନୀ ଦେଇ ଟ୍ରମ୍ପଙ୍କୁ କହିଛନ୍ତି ଯେ ପୁଣିଥରେ ଅସ୍ତ୍ର ନ ଧରିବା ପାଇଁ ମୁଁ ଶପଥ ନେଇଛି। କିନ୍ତୁ ମାତୃଭୂମି ପାଇଁ ପୁଣିଥରେ ଅସ୍ତ୍ର ଉଠାଇବି। ସୂଚନା ଅନୁଯାୟୀ, ଭେନେଜୁଏଲା ଆକ୍ରମଣ ପରେ ଆମେରିକାର ସହ କଲମ୍ବିଆର ବିବାଦ ବଢ଼ିଥିଲା। ଏଭଳି କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରି ଟ୍ରମ୍ପଙ୍କୁ କଲମ୍ବିଆ ରାଷ୍ଟ୍ରପତି ନିନ୍ଦା କରିଥିଲେ। ଏହାକୁ ନେଇ ଟ୍ରମ୍ପ ତାଙ୍କୁ ଧମକ ଦେଇଥିଲେ। ଗୁସ୍ତାଭୋ ନିଶା କାରବାରର ସାମ୍ରାଜ୍ୟ ଚଳାଉଥିବା ଦାବି କରିଥିଲେ। ନିକୋଲାସଙ୍କ ଭଳି ସ୍ଥିତି କରିବାକୁ ଟ୍ରମ୍ପ ତାଙ୍କୁ ଧମକ ଦେଇଥିଲେ।


## ମୋଦୀ ମୋର ଉତ୍ତମ ବନ୍ଧୁ; କିନ୍ତୁ ଶୁଳ୍କ ପାଇଁ ଖୁସି ନାହାନ୍ତି: ଟ୍ରମ୍ପ

ୱାସିଂଟନ, ୬।୧ (ଏଜେନ୍ସି): ରୁଷରୁ ତୈଳ କିଣିବାକୁ ନେଇ ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋ ଉପରେ ସେତେ ଖୁସି ନାହାନ୍ତି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ୱାସିଂଟନରେ ମଙ୍ଗଳବାର ଅନୁଷ୍ଠିତ ହାଉସ ରିପବ୍ଲିକାନ ପାର୍ଟିର ସଦସ୍ୟଙ୍କ ବୈଠକରେ ଟ୍ରମ୍ପ ଏହି ଟିପ୍ପଣୀ ଦେଇଛନ୍ତି। ଟ୍ରମ୍ପ କହିଥିଲେ ଯେ ଆପାଚେ ହେଲିକପ୍ଟର ପାଇଁ ଭାରତ ଦୀର୍ଘବର୍ଷ ହେଲା ମୋ ପାଖକୁ ଆସୁଥିଲା। ଏବେ ଆମେ ଏହାକୁ ବଦଳାଉଛୁ। ଭାରତ ମଧ୍ୟ ୬୮ ଆପାଚେ ହେଲିକପ୍ଟର ମଗାଇଛି। ମୋଦୀଙ୍କୁ ନେଇ ମଧ୍ୟ ଟ୍ରମ୍ପ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ମୋତେ ଭେଟିବାକୁ ଆସିଥିଲେ। ସେ ମୋ ପାଖକୁ ଆସିଥିଲେ ଏବଂ ସାର୍ ଆପଣଙ୍କୁ ଭେଟିପାରିବି କି ବୋଲି ପଚାରି ଥିଲେ। ଆଉ ମୁଁ ଭେଟିବା ପାଇଁ ହଁ କରିଥିଲି। ତେବେ ଏହି କଥାବାର୍ତ୍ତା କେଉଁଠି ଏବଂ କେବେ ହୋଇଥିଲା ତାହାର କୌଣସି ସୂଚନା ଟ୍ରମ୍ପ ଦେଇ ନାହାନ୍ତି।

### କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟ

## ମୋଦୀଙ୍କୁ ଟ୍ରମ୍ପ ଅପହରଣ କରିନେବେ କି?

ମୁମ୍ବଇ, ୬।୧ (ଏଜେନ୍ସି): କଂଗ୍ରେସ ନେତା ୪ଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚଭନ ଭେନେଜୁଏଲା ସ୍ଥିତିକୁ ନେଇ ବିବଦାୟ ମନ୍ତବ୍ୟ ଦେଇଛନ୍ତି। ଭେନେଜୁଏଲାରେ ଯାହା



ଘଟିଲା ତାହା ଭାରତରେ ହୋଇପାରେ ବୋଲି ସେ କହିଛନ୍ତି। ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଉଛି। ଆଉ କିଛି ଲୋକ ଚଭନଙ୍କୁ ପରିହାସ କରୁଛନ୍ତି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ସେନା ଉଠାଇ ନେଇଥିଲା। ଏହି ପ୍ରସଙ୍ଗକୁ ନେଇ ଚଭନ ଚର୍ଚ୍ଚା କରିଥିଲେ। ଭାରତ ଉପରେ ଆମେରିକା ଲଗାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ନେଇ କଂଗ୍ରେସ ନେତା ପୃଥ୍ୱୀରାଜ କହିଲେ ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୂର୍ବରୁ ବନ୍ଦ ହୋଇସାରିଛି। ଭେନେଜୁଏଲାରେ ଯାହା ଘଟିଲା ତାହା ଭାରତରେ ହେବ କି ବୋଲି ଏବେ ପ୍ରଶ୍ନ ଉଠୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅପହରଣ କରିନେବେ କି? ଏବେ କେବଳ ଏହା ବାକି ରହିଛି। ଚଭନଙ୍କ ଏହି ମନ୍ତବ୍ୟକୁ ବକ୍ତବ୍ୟକୁ ବିଜେପି ଭାରତ ବିରୋଧୀ ଏବଂ ଅବାନ୍ତର ବୋଲି କହିଛି। ତୀବ୍ର ସମାଲୋଚନା ପରେ କଂଗ୍ରେସ ନେତା ଏ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଚଭନ କହିଛନ୍ତି ଯେ ଆମେରିକା ଯାହା କରିଛି ତାହା ଜାତିସଂଘ ଚାର୍ଟାର ଏବଂ ଅନ୍ତର୍ଜାତୀୟ ଆଇନ ବିରୋଧୀ ବୋଲି ମୁଁ କହିଛି। ଜଣେ ନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅପହରଣ କରି ନିଆଯାଇଛି। ଏହା ଜାତିସଂଘ ଚାର୍ଟରର ଉଲ୍ଲଂଘନ। ଟ୍ରମ୍ପ ପଡ଼ୋଶୀ କଲମ୍ବିଆର ରାଷ୍ଟ୍ରପତିଙ୍କୁ ମଧ୍ୟ ଧମକ ଦେଇଥିଲେ। ସେ ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା କଥା କହୁଛନ୍ତି। ସେ ପାନାମା କେନାଲକୁ ନିୟନ୍ତ୍ରଣ କରିବାକୁ ଚାହାନ୍ତି। ଯଦି ସହମତି ନହୁଏ, ତେବେ ଜାତିସଂଘ ବ୍ୟବସ୍ଥା ଭୁଶୁଡ଼ି ପଡ଼ିପାରେ। ତେଣୁ ଯଦି ସମସ୍ତ ଏକାଠି ହୋଇ ସତର୍କ ନ ହୁଅନ୍ତି ତେବେ ଯେକୌଣସି ବ୍ୟକ୍ତି ସହ ଏପରି ହୋଇପାରେ। ଟ୍ରମ୍ପ ଯେପରି ମୋଦିଜୀଙ୍କୁ ଧମକ ଦେଉଛନ୍ତି ତାହାକୁ ଦେଖି ଆମେ ମଧ୍ୟ ସତର୍କ ରହିବା ଉଚିତ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ଟ୍ରମ୍ପଙ୍କ ନିକଟରେ ମୁଣ୍ଡ ନୁଆଁଇଛନ୍ତି ତାହା ସେ ବୁଝିପାରୁନାହିଁ। ଏହା ଦେଶ ପାଇଁ ଭଲ ନୁହେଁ। ଆପଣ ଦେଶ ପାଇଁ ଠିଆ ହେବା ଉଚିତ। ମୁଣ୍ଡ ହଲାଇବା ପାଇଁ ଦେଶ ଆପଣଙ୍କୁ ପ୍ରଧାନମନ୍ତ୍ରୀ ନିର୍ବାଚିତ କରିନାହିଁ। ରୁଷଠାରୁ ତୈଳ କ୍ରୟ ହ୍ରାସ ନେଇ ଟ୍ରମ୍ପ ଦେଇଥିବା ବୟାନ ପରେ ଖଡଗେ ଏହି ପ୍ରତିକ୍ରିୟା ଦେଇଛନ୍ତି। ଭେନେଜୁଏଲା ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ସେ କହିଛନ୍ତି ଯେ ସେଠାକାର ପରିସ୍ଥିତି ବିଶ୍ୱ ପାଇଁ ଭଲ ନୁହେଁ। ଭୟଭୀତ କରିବା ଏବଂ ବିସ୍ତାରବାଦ ନୀତି ଅଧିକ ଦିନ ପର୍ଯ୍ୟନ୍ତ ଚାଲିପାରେ ନାହିଁ। ହିଟଲର ଏବଂ ମୁସୋଲିନି ଭଳି ଲୋକ ଇତିହାସ ପାଲଟି ଯାଇଛନ୍ତି। ବିଶ୍ୱ ଶାନ୍ତିକୁ ବିପଦରେ ପକାଇବା ଭଳି ଭାବିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ଜେଏନୟୁରେ ମୋଦୀ-ବିରୋଧୀ ସ୍ଲୋଗାନ

ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ) ପୁଣିବିବାଦରେ ରହିଛି। ସୋମବାର ବିଳମ୍ବିତ ରାତିରେ ସାବରମତୀ ହଷ୍ଟେଲ ବାହାରେ ବିଶ୍ୱବିଦ୍ୟାଳୟର କିଛି ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ବିବାଦୀୟ ସ୍ଲୋଗାନ ଦେଇଥିବା ଅଭିଯୋଗ ହୋଇଛି। ୩୫ସେକେଣ୍ଡର ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ମଙ୍ଗଳବାର ଏହା ସାମ୍ନାକୁ ଆସିଛି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ବିରୋଧ କରି ଏବଂ ୨୦୨୦ ଜାନୁଆରି ୫ରେ କ୍ୟାମ୍ପସ ଉପରେ ହୋଇଥିବା ଆକ୍ରମଣର ଷଷ୍ଠ ବାର୍ଷିକୀ ପାଳନ ପାଇଁ ଏହି ପ୍ରତିବାଦ ଆୟୋଜନ କରାଯାଇଥିଲା। ଭାଇରାଲ ଭିଡିଓରେ ଜେଏନୟୁ ମାଟିରେ ମୋଦୀ-ଶାହାଙ୍କ କବର ଖୋଳାଯିବ ବୋଲି ସ୍ଲୋଗାନ ଦିଆଯାଉଛି। ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଉମର ଖାଲିଦ ଏବଂ ସରଜିଲ ଇମାମ ସମର୍ଥନରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ବୋଲି ବିଜେପି ପ୍ରବକ୍ତା ପ୍ରଦୀପ ଭଣ୍ଡାରୀ ଦାବି କରିଛନ୍ତି। ଏହା ବିକ୍ଷୋଭ ନୁହେଁ, ବରଂ ରାଷ୍ଟ୍ର ବିରୋଧୀ ପ୍ରସାର ବୋଲି ସେ କହିଛନ୍ତି। ସେହିପରି ଏହା କ୍ରୋଧ ପ୍ରକାଶ କରିବାର ଏକ ମାଧ୍ୟମ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

## ଫ୍ୟାନ ହୋଲ୍‌ରେ ଫସିଗଲା ଚୋର

କୋଟା, ୬।୧ (ଏଜେନ୍ସି): ରାଜସ୍ଥାନ କୋଟାରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ଚୋରି କରିବାକୁ ଏକ ଘରେ ପଶିଥିବା ଚୋର ଏକଜଷ୍ଟ ଫ୍ୟାନର ହୋଲ୍‌ରେ ଫସି ଯାଇଛି। ସ୍ଥିତି ଏଭଳି ହୋଇଥିଲା ଯେ ଚୋର ଆଉ ବାହାରି ପାରି ନ ଥିଲା। ତା' ମୁଣ୍ଡ, ହାତ ଘର ଭିତରକୁ ଏବଂ ଗୋଡ଼ ବାହାରକୁ ଝୁଲି ରହିଥିଲା। ଘର ମାଲିକ ସୁବାଷ କୁମାର ରାୱତ ରବିବାର ରାତିରେ ମନ୍ଦିରରୁ ଘରକୁ ଫେରିବା ପରେ ଏହା ଦେଖି କାବା ହୋଇ ଯାଇଥିଲେ ଏବଂ କ'ଣ କରୁଛ ବୋଲି ପଚାରି ଥିଲେ। ପରେ ଉକ୍ତ ବ୍ୟକ୍ତି ନିଜକୁ ଚୋର ବୋଲି କହିଥିଲା। ଏଭଳି ସ୍ଥିତିରେ ଚୋର ଉକ୍ତ ବ୍ୟକ୍ତିଙ୍କୁ ଧମକ ଦେଇଥିଲା। ଦମ୍ପତିଙ୍କୁ କହିଥିଲା ଯେ ତାର କିଛି ସହଯୋଗୀ



ନିକଟରେ ଅଛନ୍ତି। ଯଦି ସେ ଯିବାକୁ ଛାଡ଼ିବେ ନାହିଁ ତେବେ ସେମାନେ ଆକ୍ରମଣ କରିବେ। ଏହା ଶୁଣି ରାୱତ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ବାହାର କରିବାକୁ ପ୍ରୟାସ କରୁଥିବାବେଳେ ଚୋର ଯନ୍ତ୍ରାଣରେ ଛଟପଟ ହେଉଥିଲା। ଶେଷରେ ଚୋର ଗାତରୁ ବାହାରିବା ପରେ ପୁଲିସ ତାକୁ ଗିରଫ କରିଥିଲା।

## ନେପାଳରେ ହିଂସା; ଭାରତ ସୀମା ସିଲ୍

କାଠମାଣ୍ଡୁ, ୬।୧ (ଏଜେନ୍ସି): ନେପାଳରେ ପୁଣି ହିଂସା ହୋଇଛି। ପର୍ସା ଜିଲ୍ଲାର ବୀରଗଞ୍ଜରେ ଥିବା ଏକ ମସଜିଦରେ ଭଙ୍ଗାରୁଜା ହେବା ପରେ ଏହି ସ୍ଥିତି ସୃଷ୍ଟି ହୋଇଛି। ବିକ୍ଷୋଭ ପ୍ରଦର୍ଶନକୁ ଦେଖି ଜିଲ୍ଲା ପ୍ରଶାସନ କର୍ଫ୍ୟୁ ଲଗାଇ ଦେଇଛି। ନିଷେଧାଜ୍ଞା ସତ୍ତ୍ୱେ ଦୁଇ ବିରୋଧୀ ଗୋଷ୍ଠୀ ରାସ୍ତାକୁ ଓହ୍ଲାଇ ଥିବାରୁ ସ୍ଥିତି ବିଗିଡ଼ି ଯାଇଥିଲା। ଏହା ପରେ ପ୍ରଶାସନ କଠୋର ପଦକ୍ଷେପ ନେଇଥିଲା। ଏହି କର୍ଫ୍ୟୁ ତିନି ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ଲୋକଙ୍କୁ କେବଳ ଜରୁରୀ ସ୍ଥିତିରେ ଘରୁ ବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନେପାଳ ସ୍ଥିତିକୁ ଦେଖି ଭାରତୀୟ ସୀମା ସିଲ୍ କରିଦିଆଯାଇଛି ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନେପାଳର ତିନି ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୂର ଦେଓବା, କେପି ଶର୍ମା ଓଲି ଏବଂ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଦଳ ମେଣ୍ଟ ପାଇଁ ପ୍ରସ୍ତୁତି କରୁଛନ୍ତି।

### ଆଜି ମହାପ୍ରଭୁଙ୍କ ବନକଲାଗି

## ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ, ୬।୧ (ସମିସ): ମାଘ କୃଷ୍ଣ ଚତୁର୍ଥୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ପ୍ରାୟ ୫ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

## ଶ୍ରୀମନ୍ଦିରକୁ ଯାଉଥିବା ଖୋଲା ଘିଅ ଜବତ

ପୁରୀ, ୬।୧ (ସମିସ): ଶ୍ରୀମନ୍ଦିରରେ କେବଳ ଓମଫେଡ୍ ଘିଅ ବ୍ୟବହାର ହେବ। କୌଣସି ବାହାର ଘିଅ ପ୍ରବେଶ କରିପାରିବ ନାହିଁ। ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ଏହି କଟକଣା ଲଗାଯାଇଛି। ହେଲେ ମନ୍ଦିର ପରିସରକୁ ଅଧିକୃତ ଓମ୍‌ଫେଡ ଘିଅ ବଦଳରେ ବାହାରୁ ନିଆଯାଉଥିବା ଅନ୍ୟ ଖୋଲା ଘିଅକୁ ଆଜି ଶ୍ରୀମନ୍ଦିର ପ୍ରଶାସନ ଜବତ କରିଛି। ଏହାକୁ ନେଇ ସୁଆର-ମହାସୁଆର ନିଯୋଗକୁ ସୂଚିତ କରାଯିବା ସହ ବାହାର ବ୍ୟକ୍ତିବିଶେଷ ପୁରୀ ବୀରହରେକୃଷ୍ଣପୁରର ରବୀନ୍ଦ୍ର ବାରିକ ଏବଂ ଶ୍ରୀଜମେଶ୍ୱର ସୁଆରଙ୍କୁ ମୁଖ୍ୟ ପ୍ରଶାସକଙ୍କୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ଏହାର ସନ୍ତୋଷଜନକ ଉତ୍ତର ରଖିବାକୁ ୭ଦିନିଆ ନୋଟିସ୍ ଜାରି କରାଯାଇଛି। ଶ୍ରୀମନ୍ଦିର ମଧ୍ୟକୁ ଓମ୍‌ଫେଡ ଘିଅ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ, ସେଥିପ୍ରତି ପଦକ୍ଷେପ ନେବାକୁ ପୂର୍ବରୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଅବଗତ କରାଯିବା ସହ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜର୍ ଏବଂ କମାଣ୍ଡରଙ୍କୁ ଏଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ କୌଣସି ବ୍ୟତିକ୍ରମ ବରଦାସ୍ତ କରାଯିବ ନାହିଁ। ବାହାର ଖୋଲାଘିଅ ବା ଛାପା ଘିଅ ଶ୍ରୀମନ୍ଦିର ପରିସରକୁ ନେବାକୁ ଉଦ୍ୟମ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ସତର୍କ କରାଇଥିଲେ।

**ଦୁଇ ଜଣଙ୍କୁ ନୋଟିସ୍ ଜାରି**

### କଥା କଥାକେ ନୀତିକାନ୍ତି ଓ ଦର୍ଶନ ବନ୍ଦ

## ପ୍ରଶିକ୍ଷଣରେ କ'ଣ ଦିଆଯାଉଛି ଶିକ୍ଷା?

ପୁରୀ, ୬।୧ (ସମିସ): ନିଜନିଜ ଭିତରେ ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ କରୁଛନ୍ତି। ପରସ୍ପର ଭିତରେ ଯୁକ୍ତିତର୍କ ହେଉଛି। ପରବର୍ତ୍ତୀ ସମୟରେ ଏହି କଥା କଟାକଟି ଓ ଗଣ୍ଡଗୋଳ ନେଉଛି ଉଗ୍ରରୂପ। ଏପରିକି, ମହାପ୍ରଭୁଙ୍କ ସମ୍ମୁଖରେ ବି ହାତାହାତି ହେବାକୁ ପଛାଉନାହାନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ହେଲା ସେମାନଙ୍କ ଭିତରେ ବିବାଦ ପାଇଁ ଭକ୍ତ-ଭଗବାନ ମଧ୍ୟରେ ଅନ୍ତରାୟ ସୃଷ୍ଟି ହେଉଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନରୁ ପ୍ରଭାବିତ ହେଉଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିରରେ ସେବାୟତଙ୍କ ମଧ୍ୟରେ ବିବାଦ ହେଉ କିମ୍ବା ସେବାୟତ-କର୍ମଚାରୀ ଅବା ଅଧିକାରୀଙ୍କ ସହ ମନୋମାଳିନ୍ୟ ହେଲେ, ସଙ୍ଗେସଙ୍ଗେ ନୀତିକାନ୍ତି ବନ୍ଦ କରି ଦିଆଯାଉଛି। ବେଳେବେଳେ ଦ୍ୱାର ବନ୍ଦ କରି ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି କରାଯାଉଛି। ପୂର୍ବରୁ ଏମିତି ଘଟଣାର ଏକାଧିକ ନଜିର ରହିଥିବା ବେଳେ ନିକଟରେ ପୁଣି ଏହାର ପୁନରାବୃତ୍ତି ଘଟିଛି।

ରବିବାର ଶ୍ରୀମନ୍ଦିରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଥିଲା। ପୁଲିସ-କମାଣ୍ଡର-ଜେଟିପି ଓ କିଛି ନିର୍ଦ୍ଦିଷ୍ଟ ସେବକଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ କିଛି ଜେଟିପି ସାତପାହଚ ଦ୍ୱାର ବନ୍ଦ କରିଦେଇଥିଲେ। ଫଳରେ ଅଧ ଘଣ୍ଟାଏରୁ ଊର୍ଦ୍ଧ୍ୱ ଭକ୍ତମାନେ ବାହାରେ ଛିଡ଼ା ହୋଇଥିଲେ। ଭକ୍ତ-ଭଗବାନଙ୍କ ମଧ୍ୟରେ ଏକପ୍ରକାର ବାଡ଼ ପକାଇ ଦେଇଥିଲେ।

ଏଠି ପ୍ରଶ୍ନ ଉଠୁଛି, କିଛିବର୍ଷ ହେବ ଶ୍ରୀମନ୍ଦିର ସେବାୟତ, କର୍ମଚାରୀ ଏବଂ ଜେଟିପିଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ମୁଖ୍ୟତଃ ଏଥିରେ ମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ନୀତିକାନ୍ତି ବିଷୟରେ ସେମାନଙ୍କୁ ତାଲିମ ଦିଆଯାଉଛି। ଯାହାକୁ ଶିକ୍ଷା ନେଉଛନ୍ତି ତାହାକୁ ଶ୍ରୀମନ୍ଦିରରେ କାର୍ଯ୍ୟକାରୀ କରିବେ। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଭଲ ଅନୁଭୂତି ନେଇ ଫେରିବେ ଏବଂ ଶ୍ରୀକ୍ଷେତ୍ର ପୁରୀ ପ୍ରଶଂସା ସାଉଣ୍ଟିବ। ବାସ୍ତବ ସ୍ଥିତି କିନ୍ତୁ ଓଲଟା। ଭଲ ଅନୁଭୂତି ପରିବେର୍ତ୍ତ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ଭକ୍ତ ଏବଂ ଅଯଥାରେ ଶ୍ରୀମନ୍ଦିର ବଦ୍‌ନାମ ହେଉଛି।



ଶ୍ରୀମନ୍ଦିରରେ ନିର୍ଘଣ୍ଟ ସମୟରେ ନୀତିକାନ୍ତି ସମ୍ପନ୍ନ କରିବା ଏବଂ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ଏଥିପାଇଁ ଏକାଧିକ ବୈଠକ ବସି ଆଲୋଚନା ଓ ତର୍ଜମା ହେଉଛି। ଅନେକ କଟକଣା ବି ଲାଗୁ କରାଯାଉଛି। ହେଲେ କିଛି ସେବାୟତ, କର୍ମଚାରୀଙ୍କୁ ଏସବୁର ଫରକ୍ ପଡୁନାହିଁ। ସେମାନେ ତାଙ୍କ ଆଚାରବ୍ୟବହାରରେ ସଂଯମତା ଆଣୁନାହାନ୍ତି। ଫଳରେ ଅନେକ ସମୟରେ ଶ୍ରୀମନ୍ଦିର ଭିତରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ରବିବାର ବି ଏଭଳି ଏକ ସ୍ଥିତି ଉପୁଜିଥିଲା। ଗୋଟିଏପଟେ କମାଣ୍ଡର୍, ଜେଟିପି ଓ କିଛି ସେବାୟତ ଏବଂ ଅନ୍ୟପଟେ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷାବାହିନୀ ମୁହାଁମୁହିଁ ହୋଇଥିଲେ। ହଜାରହଜାର ଭକ୍ତଙ୍କ ସମ୍ମୁଖରେ କଥା କଟାକଟି ଏପରିକି, ଠେଲପେଲା ପର୍ଯ୍ୟନ୍ତ କଥା ଯାଇଥିଲା। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସାତପାହାଚ ଦ୍ୱାର ବନ୍ଦ କରି ଦିଆଯାଇଥିଲା। ଯଦିଓ ଏହାର ସମାଧାନ ପାଇଁ ସୋମବାର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ବସିଥିଲା, କିନ୍ତୁ ଏହା ଯେ ପୁନରାବୃତ୍ତି ନ ହେବ, କିଏ କହିବ?

ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ଦର୍ଶନ ଆଦି କ୍ଷେତ୍ରରେ ସେବକଙ୍କ ସମେତ ଶ୍ରୀମନ୍ଦିର କର୍ମଚାରୀ, ଜେଟିପି ପ୍ରମୁଖଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଥମେ ଏହିମାନଙ୍କୁ ଆଚରଣ, ଉଚ୍ଚାରଣରେ ସଂଯମତା ରଖିବାକୁ ପଡ଼ିବ। "କାହାକୁ କଟୁ କଥା କହିବେ ନାହିଁ। ମହାପ୍ରଭୁଙ୍କ ସେବା ପ୍ରତି ସର୍ବଦା ସମର୍ପଣ ଭାବ ରଖି ଶ୍ରଦ୍ଧାଳୁଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ"; ଏମିତି ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କିଛି ବର୍ଷ ହେବ ସେବକ, ମନ୍ଦିର କର୍ମଚାରୀ, ଜେଟିପି ପ୍ରମୁଖଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ବିଶେଷକରି ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନ, ସମର୍ପଣ, ପବିତ୍ରତା, ପ୍ରଶାସନ ଓ ସେବକଙ୍କ ମଧ୍ୟରେ ସମନ୍ୱୟ ଆଦି ବିଭିନ୍ନ ବିଷୟରେ ସେବକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ସେହିପରି ଜେଟିପିଙ୍କୁ ଶୃଙ୍ଖଳାଜ୍ଞାନ, ଆଚାର ବ୍ୟବହାର, ସମୟାନୁବର୍ତ୍ତିତା ନେଇ ପ୍ରଶିକ୍ଷଣ ଦିଆଯାଇଛି। ସମସ୍ତ ଜେଟିପିମାନେ ଉତ୍ସର୍ଗୀକୃତ ଭାବେ ତଥା ଉତ୍ତରଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ କରିବା ନେଇ ପରାମର୍ଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ହେଲେ ବାସ୍ତବ କ୍ଷେତ୍ରରେ କିନ୍ତୁ ଏସବୁ ପ୍ରଶିକ୍ଷଣ କିଛି ସେବକ, କିଛି ଜେଟିପିଙ୍କ ପାଇଁ ଅଲୋଡ଼ା ସଦୃଶ। ସେମାନେ ମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ବଦଳରେ ବିବାଦର କାରଣ ପାଲଟୁଛନ୍ତି। ଯେଉଁଥିପାଇଁ ଅନେକ ଭକ୍ତ ରବିବାର ମହାପ୍ରଭୁଙ୍କ ଦର୍ଶନୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ଭକ୍ତଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିବା ବେଳେ ମନ୍ଦିର ପ୍ରଶାସନ ଟଙ୍କା ଖର୍ଚ୍ଚ କରି କି' ପ୍ରଶିକ୍ଷଣ ଦେଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି।

### ବାଲି ନେଇଗଲା ଦୁଇ ଜୀବନ; ଅଧା ରହିଗଲା ଜଗାଦର୍ଶନ

## ବସ୍ ଧକ୍କାରେ ମହିଳା ସାମ୍ବାଦିକାଙ୍କ ସମେତ ୨ ମୃତ

ପିପିଲି, ୬।୧(ସମିସ): ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟ ଜମାଲପୁର ସିଡ଼ିଠାରେ ବସ୍ ଧକ୍କାରେ ଦୁଇ ଜଣ ମହିଳା ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଭୁବନେଶ୍ୱର କଳିଙ୍ଗ ନଗରର ଶୀଲା ପଟ୍ଟନାୟକ(୪୦) ଓ ଘାଟିକିଆ ଖଣ୍ଡଗିରି ଅଞ୍ଚଳର ସିପିକା ନାୟକ (୩୬)। ଶୀଲା ପଟ୍ଟନାୟକ ଏକ ଘରୋଇ ଟିଭି ଚ୍ୟାନେଲରେ ସାମ୍ବାଦିକା ଭାବେ କାର୍ଯ୍ୟରତ ଥିଲେ ବୋଲି ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଶୀଲା ଓ ସିପିକା ଆଜି ଭୁବନେଶ୍ୱରରୁ ଏକ ସ୍କୁଟି ଯୋଗେ ପୁରୀ ଯାଉଥିଲେ। ଜମାଲପୁର ସିଡିଠାରେ ଜାତୀୟ ରାଜପଥ ଉପରେ ଏକ ଟ୍ରିପ୍ ବାଲି ଖେଳାଇ ହୋଇ ପଡ଼ିଥିଲା। ସେହି ବାଲିରେ ଭାରସାମ୍ୟ ହରାଇ ସ୍କୁଟି ସହିତ ଶୀଲା ଓ ସିପିକା ରାଜପଥ ଉପରେ ପଡ଼ିଯାଇଥିଲେ। ସେହି ସମୟରେ ପଛରୁ ଦ୍ରୁତଗତିରେ ଆସୁଥିବା ସାରଳା ନାମକ ଏକ ଘରୋଇ ଯାତ୍ରୀ ବସ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କର ମଙ୍ଗଳପୁର ମେଡିକାଲରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଲାଗି ରହିଥିଲା।



ଖବର ପାଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଥାନା ଏସ୍‌ଆଇ ସୁରମା ସ୍ୱାଇଁ, ନାରାୟଣ ବେହେରା ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ପ୍ରମୁଖ ପହଞ୍ଚି ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରି ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲେ। ପିପିଲି ପୁଲିସ ମଙ୍ଗଳପୁର ମେଡିକାଲରେ ଦୁଇ ମହିଳାଙ୍କ ମୃତଦେହକୁ ଜବତ କରିଛି। ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ସାକ୍ଷୀଗୋପାଳ ଥାନାରେ ଅଟକ ରହିଥିବା ସହ ବସ୍‌କୁ ଜବତ କରାଯାଇଛି। ମୃତ ସିପିକାଙ୍କ ସ୍ୱାମୀ ପ୍ରଦୀପ୍ତ ରାଉତଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ଥାନାରେ ଏନେଇ ୧୫/୨୬ରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ତେବେ ଏଠାରେ ପ୍ରଶ୍ନ ଉଠୁଛି ରାଜପଥ ଉପରକୁ ବାଲି ଆସିଲା କେଉଁଠୁ? ଏନ୍‌ଏଚ୍‌ଏଆଇ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯାଉଥିବା ବେଳେ ଦୀର୍ଘ ୮ ଘଣ୍ଟା ଧରି ରାଜପଥ ଉପରେ ଏତେ ପରିମାଣର ବାଲି ପଡ଼ିରହିଲା କାହିଁକି? ଏହା ସହିତ ପୁଲିସ ପକ୍ଷରୁ ହାଇୱେ ପାଟ୍ରୋଲିଂ କରାଯାଉଥିବା ବେଳେ ପୁଲିସ କେମିତି ବାଲି ସମ୍ପର୍କରେ ଜାଣିପାରିଲା ନାହିଁ? ଯାହା ଫଳରେ ଦୁଇଟି ଅମୂଲ୍ୟ ଜୀବନ ଅକାଳରେ ଲିଭିଗଲା।

### ଶିମିଳିପାଳରେ ପୁଣି ୩ ଡିଗ୍ରୀ

## ୨୪ ଘଣ୍ଟାରେ କମିଲା ୫ ଡିଗ୍ରୀ



ବାରିପଦା, ୬।୧(ସମିସ): ଶିମିଳିପାଳରେ ପୁଣି ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀରେ ପହଞ୍ଚିଛି। ୨୪ ଘଣ୍ଟା ତଳେ ଅଭୟାରଣ୍ୟ ଭିତରେ ପାରଦ ପାଖାପାଖି ୮ ଡିଗ୍ରୀ ରହିଥିବା ବେଳେ ଆଜି ଏକାଥରକେ ୫ଡିଗ୍ରୀ ଖସିଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଖାଲି ଶିମିଳିପାଳ ନୁହେଁ, ପୂରା ମୟୂରଭଞ୍ଜରେ ଭୀଷଣ ଶୀତ ଲହରୀ ଜାରି ରହିଛି। ଦିନତମାମ ଘଣ୍ଟାକୁ ୧୭ କିମି ବେଗରେ ଉତ୍ତରା ପବନ ପ୍ରବାହିତ ସାଙ୍ଗକୁ ଘନ କୁହୁଡ଼ି ଯୋଗୁଁ ସାଧାରଣ ଜନଜୀବନ ବ୍ୟାହତ ହୋଇଛି। ଶୀତର ପ୍ରଭାବ ଏତେମାତ୍ରାରେ ବଢ଼ିଯାଇଛି ଯେ ଲୋକେ ଦିନରାତି ଶୀତବସ୍ତ୍ର ଘୋଡ଼ାଇ ହୋଇ ରହୁଛନ୍ତି। ସୂଚନାନୁଯାୟୀ, ଜିଲ୍ଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୯ରୁ ୧୦ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଶିମିଳିପାଳର ଉପରବାରହା କାମୁଡ଼ା ରେଞ୍ଜରେ ସୋମବାର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ଓ ଚହଲାରେ ୯ଡିଗ୍ରୀ ଥିବା ବେଳେ ମଙ୍ଗଳବାର ପାରଦ ଖସିଯାଇ ୩ ଡିଗ୍ରୀରେ ପହଞ୍ଚିଛି। ଏହି ଦୁଇଟି ସ୍ଥାନରେ ସକାଳେ ଘାସ ଓ ଗଛପତ୍ରରେ ପଡ଼ିଥିବା ତୁହିନର ଆସ୍ତରଣ ତୁଷାରପାତର ଭ୍ରମ ସୃଷ୍ଟି କରିଛି। ସେହିପରି ଶିମିଳିପାଳ ଅଭୟାରଣ୍ୟର ରାମତୀର୍ଥରେ ୯ଡିଗ୍ରୀ, ଗୁଡୁଗୁଡିଆ ଓ ବରେହିପାଣିରେ ୭ଡିଗ୍ରୀ ଏବଂ ସାତକୋଶିଆରେ ୯ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

- ଶୀତରେ ଥରୁଛି ସାରା ମୟୂରଭଞ୍ଜ
- କୋହଲା ପବନରେ ବଢୁଛି ଶୀତ

## ଭିଜିଲାନ୍ସ ଜାଲରେ ବନ କର୍ମଚାରୀ

ମୁରିବାହାଲ, ୬।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହଲ ରେଞ୍ଜ ଅଧୀନ ଗୁଲୁମି ସେକ୍ସନର ଫରେଷ୍ଟର ଅଶୋକ କୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଟିଟିଲାଗଡ଼ ଥାନା ମହୁଲପଡା ପଞ୍ଚାୟତ କୁଟୁରାକେନ୍ ଗ୍ରାମର କୌଶିକ(ବାବୁଲାଲ) ଭୋଇଙ୍କୁ ସେ କିଛି ଦିନ ତଳେ ତାଙ୍କ ନିଜ ଜମିରୁ କଟା ହୋଇଥିବା ଗୋଟିଏ ସାଗୁଆନ ଏବଂ ଗୋଟିଏ ଶାଳଗଛ ପରିବହନ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ସରକାରୀ ନିୟମ ଅନୁଯାୟୀ ବିନା ଅନୁମତିରେ ଗଛ କଟା ଯାଇଥିବାରୁ ଫରେଷ୍ଟର ତାଙ୍କୁ ପ୍ରଥମେ ୨ ହଜାର ଟଙ୍କା ଜରିମାନା କରିଥିଲେ; ହେଲେ କାଠ ପରିବହନ ପାଇଁ ଅନୁମତି ଦେବାକୁ ୧୦ ହଜାର ଟଙ୍କା ପାଇଁ ଜିଦ୍ ଧରିଥିଲେ। ନ ଦେଲେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ। ଏନେଇ ବାବୁଲାଲ ଭିଜିଲାନ୍ସରେ ଜଣାଇଥିଲେ। ସେହି ଅନୁସାରେ ଫରେଷ୍ଟରଙ୍କୁ ଧରିବାକୁ ଭିଜିଲାନ୍ସ ଯୋଜନା ପ୍ରସ୍ତୁତ କରିଥିଲା। ମଙ୍ଗଳବାର ଫରେଷ୍ଟର ଶ୍ରୀ ନାୟକ ବାବୁଲାଲଙ୍କଠାରୁ ୧୦ ହଜାର ଲାଞ୍ଚ ଟଙ୍କା ଏବଂ ୨ ହଜାର ଟଙ୍କା ଜରିମାନା ନେଉଥିବା ବେଳେ ଧରା ପଡିଥିଲେ। ଭିଜିଲାନ୍ସର ଏକ ଦଳ ନେହେରୁନଗରସ୍ଥିତ ତାଙ୍କ ଅଫିସ ପାଖ ବାସଭବନରେ ଚଢ଼଼ଉ କରି ଗିରଫ କରିଥିଲା। ତାଙ୍କଠାରୁ ୧୨ ହଜାର ଟଙ୍କା ଜବତ କରାଯାଇଛି। ସେହିଭଳି ତାଙ୍କ ବାସଭବନରୁ ପୁଳା ପୁଳା ଟଙ୍କା ମିଳିଛି।



### ଚିକିଟି ମଦ ମୃତ୍ୟୁ ମାମଲା

## ହାଇକୋର୍ଟରେ ୯ ଅଭିଯୁକ୍ତଙ୍କ ଜାମିନ ଖାରଜ

କଟକ, ୬।୧(ସମିସ): ବହୁଚର୍ଚ୍ଚିତ ଗଞ୍ଜାମ ଜିଲ୍ଲା ଚିକିଟି ମଦମୃତ୍ୟୁ ମାମଲାରେ ଗିରଫ ୯ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଭାକର ସାହୁ, ବିପିନ ସାହୁ, ବାୟା ସାହୁ, ରାଜେନ୍ଦ୍ର ସାହୁ, ସୁଦାମ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ରାମ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ରବି ସାହୁଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଅନ୍ୟପଟରେ ଅନ୍ୟତମ ଅଭିଯୁକ୍ତ ବଳରାମ ବିଷୋୟୀଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସମସ୍ତ ଜାମିନ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୪ ଅଗଷ୍ଟ ୧୯ତାରିଖ ରାତିରେ ସ୍ଥାନୀୟ ଜେନାପୁର, କାଉଁଦାପୁର ଓ କାରବଲୁଆ ଗ୍ରାମର ଏକାଧିକ ଲୋକ ବିଷାକ୍ତ ମଦ୍ୟପାନ କରିଥିଲେ। ଏମାନଙ୍କ ମଧ୍ୟରୁ ୫ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଅଧିକ ଗୁରୁତର ହୋଇଥିଲେ। ଏ ସଂକ୍ରାନ୍ତରେ କେ ନୂଆଗାଁ ଥାନାରେ ଏସଆଇ ରଂଜିତ ମହାପାତ୍ର ଏକ ଏତଲା ଦେଇଥିଲେ। ବାୟା ସାହୁ ଓ ତା'ର ଦୁଇପୁଅ ବିପିନ ଓ ପ୍ରଭାକର, ରବି ସାହୁ ଓ ତା'ର ଦୁଇଭାଇ ପୂର୍ଣ୍ଣଚନ୍ଦ୍ର ଓ ରାଜେନ୍ଦ୍ରଙ୍କ ସହ ଗାଁ ମୁଖିଆ ବଳରାମଙ୍କଠାରୁ ଲୋକେ ବିଷାକ୍ତ ମଦ କିଣି ପିଇଥିଲେ ବୋଲି ଅଭିଯୋଗ ହୋଇଥିଲା। ସେହିଭଳି ସୁଦାମ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ରାମ ମଲ୍ଲିକ ମଦ ପ୍ରସ୍ତୁତ କରି ଯୋଗାଣ କରୁଥିବା ଜଣାପଡ଼ିଥିଲା। ତେବେ ବଳରାମଙ୍କ ମଦ ବ୍ୟବସାୟ ସହ ସମ୍ପୃକ୍ତି ତଥ୍ୟ ମିଳି ନଥିବାରୁ ଅଦାଲତ ତାଙ୍କର ଜାମିନକୁ ମଞ୍ଜୁର କରିଛନ୍ତି ଓ ଅନ୍ୟମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି।

## ଫେବ୍ରୁଆରୀ ତୃତୀୟ ସପ୍ତାହରେ ବଜେଟ୍ ଅଧିବେଶନ

ଭୁବନେଶ୍ୱର, ୬।୧(ସମିସ): ଫେବ୍ରୁଆରୀ ତୃତୀୟ ସପ୍ତାହରେ ବସିପାରେ ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ। ଏଥିପାଇଁ ସରକାର ଆଗାମୀ ଆର୍ଥିକ ବର୍ଷ ପାଇଁବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହିକ୍ରମରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାଧାରଣ ଲୋକ ତଥା ନାଗରିକ ସମାଜ ଓ ବିଶେଷଜ୍ଞଙ୍କଠାରୁ ମତାମତ ଲୋଡ଼ିଛି ଅର୍ଥ ବିଭାଗ। ହ୍ୱାଟ୍ସଆପ ସାଙ୍ଗକୁ ଏକାଧିକ ସାମାଜିକ ଗଣମାଧ୍ୟମରେ ଆସନ୍ତା ୩୧ ତାରିଖ ମଧ୍ୟରେ ମତାମତ ଦେବାକୁ ବିଭାଗ ଅନୁରୋଧ କରିଛି। ତେବେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଅର୍ଥ ବିଭାଗ ଅଣ୍ଟା ଭିଡୁଥିବା ବେଳେ ଚଳିତ ବର୍ଷର ବଜେଟ ଖର୍ଚ୍ଚ ଆଖିଦୃଶିଆ ହୋଇପାରି ନାହିଁ। ବିଶେଷକରି ଡିସେମ୍ବର ଶେଷ ସୁଦ୍ଧା ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ବେଳେ ମାତ୍ର ୫୧.୩୧ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଆସନ୍ତା ୩ ମାସ ମଧ୍ୟରେ ଅତିବେଶିରେ ଆଉ ୧୫ରୁ ୨୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହେବ ବୋଲି ଆକଳନ କରୁଛନ୍ତି ଅର୍ଥନୀତି ବିଶେଷଜ୍ଞ।

୨୦୨୪-୨୫ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ବଜେଟ ଆବଣ୍ଟିତ ଅର୍ଥର ୫୨ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିଲା। ଚଳିତ ଆର୍ଥିକ ବର୍ଷର ଖର୍ଚ୍ଚ ଏହାଠାରୁ ପଛରେ ରହିଛି। ଗ୍ରାମାଞ୍ଚଳରେ ବିକାଶ ମୂଳକ କାମ ସେପରି ଆଗକୁ ବଢୁନଥିବା ବେଳେ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉ ନାହିଁ। ବଜେଟ ଅର୍ଥ ଖର୍ଚ୍ଚ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିଭାଗ ଯଥା ପଞ୍ଚାୟତିରାଜ, ଜଳସମ୍ପଦ, ଶିଳ୍ପ, କ୍ରୀଡ଼ା, ରାଜସ୍ୱ, ଖଣି ଓ ଇସ୍ପାତ ଆଦି ବିଭାଗ ଗୁଡ଼ିକର ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ଡିସେମ୍ବର ଶେଷ ସୁଦ୍ଧା ପଞ୍ଚାୟତିରାଜ ବିଭାଗ ମାତ୍ର ୩୫.୬୫ ପ୍ରତିଶତ ଅର୍ଥ ବ୍ୟୟ କରିପାରିଛି। କ୍ରୀଡ଼ା ବିଭାଗ ମାତ୍ର ୧୨ ପ୍ରତିଶତ, ରାଜସ୍ୱ ବିଭାଗ ୧୨.୫୦ ପ୍ରତିଶତ, ଇସ୍ପାତ ଓ ଖଣି ବିଭାଗ ୨୧ ପ୍ରତିଶତ, ଶିଳ୍ପ ବିଭାଗ ୨୬.୮୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି। ତେବେ ବାଣିଜ୍ୟ, ପରିବହନ, ପର୍ଯ୍ୟଟନ ଓ ମିଶନ ଶକ୍ତି ପରି ବିଭାଗଙ୍କ ଆଖିଦୃଶିଆ ବଜେଟ ଅର୍ଥ ଖର୍ଚ୍ଚ ମୋଟ ଖର୍ଚ୍ଚକୁ ୫୦ ପ୍ରତିଶତ ପାର୍ କରିଛି।

- ବଜେଟ୍ ବ୍ୟୟରେ କଛପ ଗତି : ୮ ମାସରେ ୫୧%
- ୨୦୨୬-୨୭ ବଜେଟ ପାଇଁ ଅଣ୍ଟା ଭିଡିଲେ ସରକାର
- ଲୋକଙ୍କଠାରୁ ମତାମତ ଲୋଡ଼ିଲା ରାଜ୍ୟ ଅର୍ଥ ବିଭାଗ

ବିଶେଷଜ୍ଞ ମହଲର ମତ ଅନୁଯାୟୀ କେବଳ ସୁଭଦ୍ରା ଟଙ୍କା, ଧାନ କିଣା ବାବଦରେ ଇନପୁଟ ସବସିଡି ଏବଂ ଗଣଶିକ୍ଷା ବିଭାଗର କେତେକ ଯୋଜନା ବ୍ୟୟକୁ ଛାଡ଼ିଦେଲେ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ଭୁଶୁଡ଼ି ପଡ଼ିଛି। ବିଶେଷକରି ଗ୍ରାମାଞ୍ଚଳ ଭିତ୍ତିଭୂମି ମନ୍ଥର ହୋଇ ପଡ଼ିଥିବାରୁ ଏହା ଏକାଧିକ ବିଭାଗକୁ ପ୍ରଭାବିତ କରିଛି। ତେଣୁ ଆସନ୍ତା ଆର୍ଥିକ ବର୍ଷରେ ସରକାର ବଜେଟ ଅର୍ଥ ଖର୍ଚ୍ଚ ଉପରେ ଗୁରୁତ୍ୱ ଦେବା ଓ ଏଥିପାଇଁ ନିୟମିତ ସମୀକ୍ଷା ସହ ଜନକଲ୍ୟାଣ ଯୋଜନାଗୁଡ଼ିକରେ ଅଧିକ ବ୍ୟୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ଫେବୃଆରୀ ମାସର ତୃତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସାଧାରଣ ବଜେଟ ଆଗତ କରିବାର ସମ୍ଭାବନା ରହିଛି।

### ଖୁରୁଣ୍ଟିଆରେ ଜଣ୍ଡିସ୍ ଆତଙ୍କ

## ଦୂଷିତ ଯୋଗାଣ ପାଣି ପିଇ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ମୋରଡ଼ା, ୬।୧ (ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ପଳାସମୁଣ୍ଡୁଳି ପଞ୍ଚାୟତର ଖୁରୁଣ୍ଟିଆ ଗ୍ରାମରେ ଜଣ୍ଡିସ୍ ଆତଙ୍କ ଦେଖାଦେଇଛି। ମାସକ ତଳେ ଗ୍ରାମର ୧୫ଜଣ ପିଲା ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ବେଳେ ଏବେ ପୁଣି ୧୦ ଜଣଙ୍କୁ ଜଣ୍ଡିସ୍ ହୋଇଥିବା ଜଣାପଡ଼ିଛି। 'ବସୁଧା' ପ୍ରକଳ୍ପରେ ଦୂଷିତ ପାନୀୟ ଜଳଯୋଗାଣ ଏହାର ମୁଖ୍ୟ କାରଣ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ପାଇପ ଚାମ୍ବର୍ ସ୍ଲାବ୍‌ଗୁଡ଼ିକୁ ଫାଙ୍କା ଛଡ଼ା ଯାଇଥିବାରୁ ପାଣିରେ ଅଳିଆ, ଆବର୍ଜନା ମିଶୁଛି ଏବଂ ସେହି ପାଣି ପିଇ ଲୋକେ ଜଣ୍ଡିସ୍‌ରେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ଶିଶୁ ଓ କିଶୋରମାନେ ବେଶୀ ଆକ୍ରାନ୍ତ ହେଉଛନ୍ତି। ଗ୍ରାମରେ ଥିବା ଖୁରୁଣ୍ଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ ଛାତ୍ରଛାତ୍ରୀ ଜଣ୍ଡିସ୍ ଆକ୍ରାନ୍ତ ହୋଇଥିବା ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପାଲ କହିଛନ୍ତି। ସ୍ଥିତି ପରଖିବା ପାଇଁ ଗତକାଲି ମୋରଡା ବିଡିଓ ଅଣାକର ନାଏକଙ୍କ ନିର୍ଦ୍ଦେଶକ୍ରମେ ବିଇଓ ବିଜୟକୁମାର ପାଣିଗ୍ରାହୀ, ବ୍ଲକ୍ ମଙ୍ଗଳ ଅଧିକାରିଣୀ ପାର୍ବତୀ ହାଁସଦା ଖୁରୁଣ୍ଟିଆ ବିଦ୍ୟାଳୟକୁ ଯାଇଥିଲେ। ଏ ବାବଦରେ ସ୍ୱାସ୍ଥ୍ୟ ଅଧିକାରୀ ହାମ୍ବିରା ମୁର୍ମୁ କହିଛନ୍ତି ଯେ ଆକ୍ରାନ୍ତଙ୍କ ମଧ୍ୟରୁ କିଛି ସୁସ୍ଥ ହୋଇଛନ୍ତି। ବାକି ପିଲାମାନେ ଘରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷେ, ଆଜି ଦିନ ବେଳା ଡାକ୍ତର ଆଲଫା ମିଶ୍ରଙ୍କ ସହ ଏକ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଗ୍ରାମ୍ୟ ପରିମଳ ଓ ପାନୀୟ ଜଳଯୋଗାଣର କନିଷ୍ଠ ଯନ୍ତ୍ରୀ ସସ୍ମିତା ପତିଙ୍କୁ ପଚାରିବାରୁ ସେ ମଧ୍ୟ ଆଜି ଏକ ଟିମ ପଠାଇ ଟାଙ୍କିରେ ବ୍ଲିଚିଙ୍ଗ ପାଉଡ଼ର୍ ଦେବା ସହିତ ପାଇପ ମରାମତି କାର୍ଯ୍ୟ ଚାଲିଛି ବୋଲି କହିଛନ୍ତି।

**ମାସକ ତଳେ ଆକ୍ରାନ୍ତ ହୋଇଥିଲେ ୧୫ଜଣ ପିଲା**



### ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମୂହ ଗଛକଟା ଘଟଣା

## ୩ ସପ୍ତାହ ସମୟ ମାଗିଲେ ସରକାର

ବାରିପଦା, ୬।୧(ସମିସ): ପାଲବଣୀଠାରେ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ହୋଇଥିବା ମାମଲାର ଆଜି ଶୁଣାଣି ହୋଇଛି। ତେବେ ମାମଲା ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ ପାଇଁ ଓଡ଼ିଶା ସରକାର ତିନି ସପ୍ତାହ ସମୟ ମାଗିବାରୁ ପରବର୍ତ୍ତୀ ଶୁଣାଣିକୁ ଫେବ୍ରୁଆରି ୧୨ ତାରିଖକୁ ରଖାଯାଇଛି। ଅଭିଯୋଗକାରୀଙ୍କ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଏହି ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ପାଲବଣିଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟା ହୋଇଛି। ସରକାରୀ ନିୟମ ଉଲ୍ଲଂଘନ କରି ଏହି ବେନିୟମ କାର୍ଯ୍ୟ କରାଯିବା ସହ ଏହାଦ୍ୱାରା ପରିବେଶର କ୍ଷତି ହୋଇଛି। ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ଏହାକୁ ବିରୋଧ କରି ବିକ୍ଷୋଭ ମଧ୍ୟ କରିଥିଲେ। ଯୁବ କଂଗ୍ରେସ ନେତା ପ୍ରମୋଦ କୁମାର ହେମ୍ବ୍ରମ ଏନେଇ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ କୋଲକାତାସ୍ଥିତ ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚରେ ଏ ସଂପର୍କିତ ଏକ ମାମଲା ରୁଜୁ ହୋଇଥିଲା। ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପର୍ଟ ମେମ୍ବର ଇଶ୍ୱର ସିଂ ମାମଲା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଏହାର ଶୁଣାଣି ଥିବା ବେଳେ ଶ୍ରୀ ହେମ୍ବ୍ରମଙ୍କ ପକ୍ଷରୁ ସମସ୍ତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ ଆଇନଜୀବୀ ୨୧ଦିନର ସମୟ ମାଗିଥିବାରୁ ଶୁଣାଣି ଘୁଞ୍ଚିଛି। ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସଡ଼କ ପରିବହନ ନିଗମର ମ୍ୟାନେଜିଂ ଡାଇରେକ୍ଟର୍, ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।



# ଜାମସେଦପୁରରେ ପୁଷ୍ପ ପ୍ରଦର୍ଶନୀରେ କଳିଙ୍ଗନଗରର ଜନଜାତି କଳା ପ୍ରଦର୍ଶିତ

ଦାନଗଦି,୬ା୧(ସମିସ)

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ)ର ସହାୟତାରେ କଳିଙ୍ଗନଗରର 'ନବଜୀବନ କୋଅପରେଟିଭ୍ ଲିମିଟେଡ୍'ର ମହିଳା ଉଦ୍ୟୋଗୀମାନେ ଜାମସେଦପୁରର ଗୋପାଳ ମୈଦାନଠାରେ ଅନୁଷ୍ଠିତ ୩୫ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜନଜାତି ଐତିହ୍ୟ, ଦକ୍ଷତା ଏବଂ ଦୀର୍ଘସ୍ଥାୟୀ ଜୀବିକାକୁ ନେଇ ଗଠିତ ଏହି ମହିଳା ଉଦ୍ୟୋଗଗୁଡ଼ିକ ଚିତ୍ତାକର୍ଷକ ହୋଇଥିଲା। ନବଜୀବନର ଷ୍ଟଲରେ ପ୍ରଦର୍ଶିତ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

ବର୍ତ୍ତମାନ ଗୋବରଘାଟି, ତ୍ରିଜଙ୍ଗା ଏବଂ ସନସାଇଲୋ ଅଞ୍ଚଳର ପ୍ରାୟ ୮୫ ଜଣ ସକ୍ରିୟ ସଦସ୍ୟା ପୋଷାକ ନିର୍ମାଣ, ଜନଜାତି କଳା ଓ ହସ୍ତଶିଳ୍ପ ଏବଂ ଟସର ସିଲ୍କ ଉତ୍ପାଦନ ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଓଡ଼ିଶାର ପ୍ରାଚୀନ 'ସଉରା' ଚିତ୍ରକଳାର ପୁନରୁଦ୍ଧାର ଏହି ସଂଗଠନର ଏକ ପ୍ରମୁଖ ସଫଳତା। ତ୍ରିଜଙ୍ଗାର ନବଜୀବନ ସଭାପତି କୌଶଲ୍ୟା ପାତ୍ରଙ୍କ କହିବା ଅନୁଯାୟୀ, ପ୍ରଥମେ ସେମାନେ ସିଲେଇ କାମ ଆରମ୍ଭ କରିଥିଲେ। ସେଥିରୁ ହେଉଥିବା ସଞ୍ଚୟ ମାଧ୍ୟମରେ ସଉରା ଚିତ୍ରକଳାର ପ୍ରଶିକ୍ଷଣ ନେଇଥିଲେ। ଆଜି ସେମାନଙ୍କ ଦ୍ୱାରା ପ୍ରସ୍ତୁତ




କଳାକୃତିର ବହୁତ ଚାହିଦା ରହିଛି। ଯାଜପୁର ଓ କେନ୍ଦୁଝର ଜିଲ୍ଲାର ୫୦୦ରୁ ଅଧିକ ଚାଷୀଙ୍କ ସହ ମିଶି ଏହି ସମବାୟ ସମିତି କୋଷାରୁ ସୂତା ପ୍ରସ୍ତୁତ କରିବା ସହ ସେଥିରେ ପ୍ରାକୃତିକ ରଙ୍ଗ ଦେଇ ଉଚ୍ଚମାନର ପୋଷାକ ଓ ଘର ସଜ୍ଜା ସାମଗ୍ରୀ ପ୍ରସ୍ତୁତ କରୁଛି। ସଂଗଠନଟି ଓଡ଼ିଶା ସରକାରଙ୍କ ଏସ୍‌ଆଇଡିଏସି ସହ ମିଶି କାରିଗରମାନଙ୍କ ପ୍ରମାଣପତ୍ର ଏବଂ ସ୍ୱୀକୃତି ଦିଗରେ କାର୍ଯ୍ୟ କରୁଛି। ଆଗାମୀ ଦିନରେ ଓଡ଼ିଶାର ସମୃଦ୍ଧ ଜନଜାତି ଐତିହ୍ୟକୁ ବଞ୍ଚାଇ ରଖିବା ସହ ଅଧିକ ମହିଳାଙ୍କୁ ସମ୍ମାନଜନକ ଜୀବିକା ଯୋଗାଇବା ପାଇଁ ନବଜୀବନ ଏହାର ବଜାର ସଂଯୋଗକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି।

## ଅବିନ୍ ଦାଦାଙ୍କ ୨୬ତମ ଜନ୍ମୋତ୍ସବ

ପ୍ରୀତିପୁର,୬ା୧(ସମିସ): ବିଞ୍ଝାରପୁର ବ୍ଲକର ମାଁସଡ଼ା ପଞ୍ଚାୟତର ରସିକଛକ ନିକଟରେ ଅବସ୍ଥିତ ସତସଙ୍ଗ ବିହାର ପରିସରରେ ସଦାଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ଅବିନ୍ ଦାଦାଙ୍କ ୨୬ତମ ଜନ୍ମୋତ୍ସବ ସତ୍‌ସଙ୍ଗ ବିହାର ବିଞ୍ଝାରପୁର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସତ୍‌ସଙ୍ଗ ସଦାଲୋଚନା ସଭାରେ ସହପ୍ରତିଋତ୍ୱିକ ଡ. ବିଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ସହପ୍ରତିଋତ୍ୱିକ ରତନଲାଲ ଭୂୟାଁ, ହିରଣ୍ମୟ ସାହୁ, ଅଜୟ କୁମାର ନାୟକ, ଶୁଭଶ୍ରୀ ସାହୁ, ଅଜିତେଶ ଧଳ, ବିଦ୍ୟୁତ କୁମାର ସାହୁ, ଆଦ୍ୟାସା ଦଳାଇ, ସୁଲଗ୍ନା ସାହୁ, ସୁମିତ୍ରା ସାହୁ ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରଦୀପ କୁମାର ରାଉଳ, ବିଶ୍ୱଦୀପନ ସାହୁ, ବିଜୟ ପାତ୍ର, ସ୍ୱାଧୀନ ଦାଶ ପ୍ରମୁଖ ସତସଙ୍ଗକୁ ଆସିଲେ ମଣିଷର ଚାରିତ୍ରିକ ପରିବର୍ତ୍ତନ ହୋଇଥାଏ ବୋଲି କହିଥିଲେ। ସହପ୍ରତିଋତ୍ୱିକ ଭିକାରୀ ଚରଣ ନାୟକ, ରମେଶ କୁମାର ସାହୁ, ପ୍ରହଲାଦ ପଣ୍ଡା, କୃଷ୍ଣଚନ୍ଦ୍ର କାଣ୍ଡି, ପ୍ରଦୀପ୍ତ କୁମାର ଦଳାଇ, ମଦନ ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଅପହରଣ ଅଭିଯୁକ୍ତକୁ ପଳାତକ ଘୋଷଣା

ପ୍ରୀତିପୁର,୬ା୧(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ମାସଁଡ଼ା ପଞ୍ଚାୟତ ପାଟଣା ସାହିର ମହେନ୍ଦ୍ର ମଲ୍ଲିକଙ୍କ ପୁଅ ରାଜେନ୍ଦ୍ର ମଲ୍ଲିକଙ୍କୁ ଯାଜପୁର ଜିଲ୍ଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ପଳାତକ ଘୋଷଣା କରିଛନ୍ତି। ଏଥି ନେଇ ବିଞ୍ଝାରପୁର ପୁଲିସ ଆଜି ମାସଁଡ଼ା ପାଟଣା ସାହି ସ୍ଥିତ ରାଜେନ୍ଦ୍ର ମଲ୍ଲିକଙ୍କ ଘରେ ନୋଟିସ୍ ଝୁଲାଇବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରିଥିଲେ। ସୂଚନା ଥାଉ ବିଞ୍ଝାରପୁର ଥାନା କେସ ନଂ ୧୮/୨୧ ଅନୁଯାଇ ଅଭିଯୁକ୍ତ ରାଜେନ୍ଦ୍ର ମଲ୍ଲିକ ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ନାବାଳିକାର ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି



ଘଟଣାରେ କୋର୍ଟ ରାଜେନ୍ଦ୍ରଙ୍କୁ ପଳାତକ ଘୋଷଣା କରିଛନ୍ତି। ଆସନ୍ତା ମାର୍ଚ୍ଚ ୫ ତାରିଖ ମଧ୍ୟରେ ଅଭିଯୁକ୍ତ ରାଜେନ୍ଦ୍ର କୋର୍ଟରେ ହାଜର ନ ହୁଅନ୍ତି ତେବେ ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ହେବା ନେଇ ନୋଟିସ୍‌ରେ ଦର୍ଶାଯାଇଛି।

## ସିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ପ୍ରୀତିପୁର,୬ା୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମା' ଭାଗବତୀ ଖେଳପଡିଆରେ ଚନ୍ଦ୍ରମୁଁ ପଞ୍ଚାୟତ ପ୍ରିମିୟର ଲିଗ୍ ସିଜିନ-୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟିମ ହ୍ୟୁମାନିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସଭାପତି ଦେବପ୍ରସାଦ ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱରଞ୍ଜନ ସାମଲ, ସାମ୍ବାଦିକ ବିଶ୍ୱଜିତ ନାୟକ, ସୁରେନ୍ଦ୍ର ସାମଲ, ଶଙ୍କରର୍ଷଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ୬ଟି ଦଳ ଏହି ଖେଳରେ ଅଂଶଗ୍ରହଣ କରିଛନ୍ତି। ଟିମ ହ୍ୟୁମାନିଟିର ସଦସ୍ୟ ବିଶ୍ୱଜିତ ସାମଲ ଓ ଅନ୍ୟମାନେ ଖେଳ ପରିଚଳନା କରିଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

ବ୍ୟାସନଗର,୬ା୧(ସମିସ): ବ୍ୟାସନଗର ସହରର ଦଳାଠାରେ ରହିଥିବା ଓଡ଼ିଶା ଉଠା ଜଳସେଚନ ବିଭାଗ ଯାଜପୁର ରୋଡ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଓଡିଶା ଉଠା ଜଳସେଚନ ବିଭାଗ ଯାଜପୁର ରୋଡ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ସାହୁ, କୋରେଇ ଉଦ୍ୟାନ କୃଷି ଅଧିକାରୀ ଅମ୍ଳାନ ସର, ଧର୍ମଶାଳା ସହକାରୀ ଯନ୍ତ୍ରୀ ଶେଷଦେବ



ମହାଳିକ, ସହକାରୀ ଯନ୍ତ୍ରୀ (ବନ୍ଧ) ଯୁଧିଷ୍ଠିର ମହାଳିକ ପ୍ରମୁଖ ଅତିଥି ଯୋଗଦେଇଥିଲେ। ଏହି ଅବସରରେ ଉଠା ଜଳସେଚନର ଉପାଦେୟତା, ବିଭିନ୍ନ କୃଷି ଓ ଆନୁସଙ୍ଗିକ କାର୍ଯ୍ୟ, ସାଙ୍ଗଠନିକ ବ୍ୟବସ୍ଥା, କାର୍ଯ୍ୟାବଳୀ ଏବଂ ଅଧିନିୟମ ଏବଂ ନିୟମାବଳୀ ଉପରେ ବିଶେଷ ଆଲୋଚନା କରାଯିବା ସହିତ ପାଣି ପଞ୍ଚାୟତକୁ ସଶକ୍ତୀକରଣ ପାଇଁ ସରକାରଙ୍କ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୁଇଜ ବିଭାଗରେ ପାଣିକୋଇଲି ପିଏମଶ୍ରୀ ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ରୀ ସ୍ୱାଗତିକା ମହାପାତ୍ର ପ୍ରଥମ, ପ୍ରବନ୍ଧ ବିଭାଗରେ ମହାବୀର ହାଇସ୍କୁଲ ଦଳାର ୧୦ମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ବୋଇତାଇ ୧ମ, ଚିତ୍ରାଙ୍କନରେ ପାଣିକୋଇଲି ପିଏମଶ୍ରୀ ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ରୀ ଚିତ୍ରଲେଖା ଦାଶ ପ୍ରଥମ, ପ୍ରକଳ୍ପରେ ବ୍ୟାସନଗରର ଶଶୀଭୂଷଣ ବାଳିକା ହାଇସ୍କୁଲର ଛାତ୍ର ସତ୍ୟପ୍ରିୟା ପୃଷ୍ଟି ପ୍ରଥମ, ତର୍କରେ ପାଣିକୋଇଲି ପିଏମଶ୍ରୀ ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ରୀ ଅର୍ଚ୍ଚିତା ବିଶ୍ୱାଳ ପ୍ରଥମ ସ୍ଥାନ ହାସଲ କରିବା ସହିତ ଉପସ୍ଥିତ ଅତିଥିମାନଙ୍କ ନିକଟରୁ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଯନ୍ତ୍ରୀ (ଯାନ୍ତ୍ରିକ ବିଭାଗ) ସରୋଜ କୁମାର ମହାନ୍ତି, ନଳିନୀକାନ୍ତ ସାହୁ, ସହକାରୀ ଯନ୍ତ୍ରୀ ବିଦ୍ୟୁତ, ଲୋକନାଥ ରାୟ, ଗୌରମୋହନ ପାଣିଗ୍ରାହୀ, ଅଭିମନ୍ୟୁ ପଣ୍ଡା, ବିଷ୍ଣୁ ଥାଟୋଇ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପ୍ରତାପ ପରିଡ଼ା, ଅଭିମନ୍ୟୁ ମଳିକ, ଶୁଭଙ୍କର ଜେନା, ନିରାକାର ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ ଯନ୍ତ୍ରୀ (ବନ୍ଧ) ଯୁଧିଷ୍ଠିର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପବିତ୍ର ମୋହନ ମାହାଲାଙ୍କୁ ଶିକ୍ଷା ଗୌରବ ସମ୍ମାନ



ବଡ଼ଚଣା,୬ା୧(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ଶିକ୍ଷା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ବଡ଼ଚଣା ସ୍ଥିତ ଶପଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନବମ ବାର୍ଷିକ ଉତ୍ସବ ପାଳନ ତଥା ବିଦ୍ୟା ଫାଉଣ୍ଡେସନ ପକ୍ଷରୁ ସ୍ଥାପିତ ଶିଶୁ ଯତ୍ନଗୃହର କୋମଳମତି ପିଲାମାନଙ୍କର ସାମୂହିକ ଜନ୍ମୋତ୍ସବ ଅବସରରେ ଓଳାଶୁଣୀ ଗୁମ୍ଫା ପାହାଡ଼ ଉପରେ ଆୟୋଜିତ ଏକ ସଭାରେ ପ୍ରାଧ୍ୟାପକ ମାହାଲାଙ୍କୁ ଓଡିଶାରେ ଉଚ୍ଚଶିକ୍ଷାର ପ୍ରଚାର ପ୍ରସାର କରିବା ଦିଗରେ ଜୀବନବ୍ୟାପୀ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଟକର ଅତିରିକ୍ତ ଆରକ୍ଷୀ ଆୟୁକ୍ତ ଅମିତାଭ ମହାପାତ୍ର ଯୋଗଦେଇ ସମ୍ମାନିତ କରିଥଲେ। ଅନ୍ୟ ମାନଙ୍କ ମଧ୍ୟରେ ବିକେ ଏଜୁକେସ୍‌ନାଲ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା କାମିନୀ ନାୟକ ଆଇନଜୀବୀ ଆଲୋକ କୁମାର ଜେନା, ସାମ୍ବାଦିକ ପ୍ରଦୀପ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଖରସ୍ରୋତା ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ସିଂହପୁର,୬ା୧(ସମିସ): ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ୪୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡା ପରିଷଦ ସମ୍ପାଦକ ଗଗନ ବିହାରୀ ବେହେରା, ସହଯୋଗୀ କମଳ କୁମାର ସେଠୀ, ସନ୍ତୋଷ କୁମାର ମହାପାତ୍ର, ପୁଷ୍ପଲତା ଜେନା, ଜଳଧର ସାହୁ, ଚନ୍ଦନ ପତି, ରାଜେଶ କୁମାର ପୃଷ୍ଟି, ପିଇଟି ସଂଜୀବ କୁମାର ଭଦ୍ର, ଅତିଥି କ୍ରୀଡ଼ା ପ୍ରଶିକ୍ଷକ ଭାବେ ବିରଜା ମହିଳା ମହାବିଦ୍ୟାଳୟ, ଚିତ୍ତାଲୋ ମହାବିଦ୍ୟାଳୟ ଓ ବରୁଣେଶ୍ୱର ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ସହଯୋଗ କରିଥିଲେ। କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ ଡ. ସୁବାସ ଚନ୍ଦ୍ର ସାହୁ, ମୀନକେତନ ତ୍ରିପାଠୀ, ଡ. ଅରୁଣ କୁମାର ସାମଲ। ବିଚାରକ ଭାବେ କୈଳାସ ଚନ୍ଦ୍ର ମିଶ୍ର, ସତ୍ୟ ବ୍ରତ ସେଠୀ, ରଜତ କୁମାର ସାହୁ, ଚିତ୍ତରଞ୍ଜନ ସାହୁ, ଡ. ଦୀପ୍ତିରଞ୍ଜନ ସେନାପତି, ବୈଭବ ନାୟକ, ପ୍ରଦୀପ କୁମାର ରାଉଳ, ସତ୍ୟନାରାୟଣ ଗୁପ୍ତା, ଡ. ଅମ୍ବିକା ପ୍ରସାଦ ଜେନା, ସୁରେନ୍ଦ୍ର କୁମାର ସାମଲ, ବିଜୟ ପତି, ନୀଳମଣି ମଲ୍ଲିକ, ଶରତ କୁମାର ରାଉଳ, ବିବେକ ମେହେର, ପାଣ୍ଡବ ଚରଣ ସେଠୀ ଡ. ଗାୟତ୍ରୀ ଧଳ, ଅର୍ପିତା ସ୍ୱାଇଁ, ପ୍ରତିକ୍ଷା ମଲ୍ଲିକ, ସ୍ମୃତିସ୍ମିତା ନାୟକ, ରୁବୀ ଏକା, ଶର୍ମିଷ୍ଠା ସାହୁ, ରୋଜାଲିନ କୁଅଁର, ଜ୍ୟୋତିପ୍ରଭା ମହାନ୍ତି, ପ୍ରୀତିରେଖା ଭୁଇଁଆ, ମୁଖ୍ୟ କିରାଣି ରଶ୍ମିତା ନାୟକ, ଡେମୋନଷ୍ଟ୍ରେଟର ଚନ୍ଦ୍ରହାସ୍ୟ ମଲ୍ଲିକ, ଚିନ୍ମୟ କୁମାର ଥାଟୋଇ, କୈଳାସ ଚନ୍ଦ୍ର ସେଠୀ, ମଳୟ କୁମାର ଦାଶ, ତାପସ କୁମାର ବିନ୍ଧାଣୀ, ଦିଲୀପ କୁମାର ବାରିକ, ସସ୍ମିତା ସାମଲ, ଜୟନ୍ତୀ ପଣ୍ଡା, ସୁଲୋଚନା ମଲ୍ଲିକ, ସନ୍ତୋଷ, ସୌରଭ, ସତ୍ୟପ୍ରକାଶ, ବିଶ୍ୱରଞ୍ଜନ, ବିରଜ କୁମାର, ଉମେଶ କୁମାର, ଯଶୋବନ୍ତ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ଫେବୃଆରୀ ୧୦ରୁ ସୁକିନ୍ଦା ଶିଳ୍ପ ମହୋତ୍ସବ



ଦାନଗଦି,୬ା୧(ସମିସ): ସୁକିନ୍ଦା ଶିଳ୍ପ ମହୋତ୍ସବ-୨୦୨୬ ଦ୍ୱିତୀୟ ବର୍ଷର ପ୍ରସ୍ତୁତି ବୈଠକ ଦାନଗଦି ବ୍ଲକ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଆଭାକତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ଫେବୃଆରୀ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ସୁକିନ୍ଦା ଶିଳ୍ପ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସୁପ୍ରସନ୍ନ ମଲ୍ଲିକ, ସୁକିନ୍ଦା ଓ ଦାନଗଦି ବ୍ଲକର ବିଡ଼ିଓ, ତହସିଲଦାର, ଯାଜପୁର ରୋଡ୍ ଓ କଳିଙ୍ଗନଗର ଥାନାର ଆଇଆଇସି, ସୁକିନ୍ଦା ଶିଳ୍ପ ମହାତ୍ସବର ସଭାପତି ପ୍ରଶାନ୍ତ ରାୟ, ସମ୍ପାଦକ ସୁଧାଂଶୁ ଭଞ୍ଜ, ଉପସଭାପତି ପ୍ରତାପ ଧୀର, ଉପଦେଷ୍ଟା ଅମଳେନ୍ଦୁ ବେହେରାଙ୍କ ସହିତ ସୁକିନ୍ଦା ଅଞ୍ଚଳରେ ନିର୍ମାଣଧୀନ ସମସ୍ତ ଶିଳ୍ପ କାରଖାନାର ଉଚ୍ଚ ଅଧିକାରୀ, ସରକାରୀ ବିଭାଗୀୟ ଅଧିକାରୀ ଏବଂ ମହାତ୍ସବର କାର୍ଯ୍ୟକାରୀ କମିଟିର ସଦସ୍ୟ, ମାନସ ମହାନ୍ତି, ଶେଖର ମହାନ୍ତି, ଅଜିତ ଦାଶ, କୃପାସିନ୍ଧୁ ସାମନ୍ତ ରାୟ ସଞ୍ଜୟ କୁମାର ମହାନ୍ତି, ଜଗବନ୍ଧୁ ଦାସ, ରମାକାନ୍ତ ସାହୁ, ପିନୁ ସାମଲ, ମୃତ୍ୟୁଞ୍ଜୟ ଜେନା, ମାନସ ରଣା, ବିଜୟ ଦାସ, ବଇନ ରାଉତ, ଅଭିମନ୍ୟୁ ପ୍ରଧାନ, ବୁଲବୁଲ ପଟ୍ଟନାୟକ, ରଞ୍ଜନ ଦେଓ ପ୍ରଭୃତି ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ପାଞ୍ଚ ଦିନ ଧରି ସୁକିନ୍ଦା ଶିଳ୍ପ ମହାତ୍ସବ ତେଲିବାହାଲୀ ମହାପାଟ ପଡିଆରେ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ଅଧିକ ସରସ ସୁନ୍ଦର କିପରି ହୋଇପାରିବ ସେଥିପାଇଁ ମନ୍ତ୍ରୀ ଉପସ୍ଥିତ ଶିଳ୍ପ କାରଖାନା ଅଧିକାରୀ ଏବଂ ସରକାରୀ ଅଧିକାରୀ, ସମସ୍ତ କାଯ୍ୟକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଯାଜପୁର ଟାଉନ,୬ା୧(ସମିସ):

ଯାଜପୁର ଜିଲ୍ଲାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ସ୍ଥାନୀୟ କୁସୁମା ପ୍ରଶାସନିକ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳା ଅବସରରେ ଆୟୋଜିତ ସାଧାରଣ ସଭାରେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ର, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଡା. ସୁବ୍ରତ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ସହିତ କୃଷି, ଜୀବିକା ମିଶନ, ଓମଫେଡ ଆଦି ବିଭାଗମାନଙ୍କ ଦ୍ୱାରା ସମୁଦାୟ ୨୮ଟି ଷ୍ଟଲରେ ପ୍ରଦର୍ଶନୀ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ମେଳାର ୧ମ ଦିନରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ୧୦ଟି ବ୍ଲକ୍‌ର ମୋଟ ୭୦୦ ପ୍ରାଣୀ ପାଳକ ଓ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାଣୀ ପାଳନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ରସୁଲପୁର ବ୍ଲକର ଶରତ ସାହୁ ଓ ସେହି ବ୍ଲକର ତୁଳସୀ ଏସ୍‌ଏଚ୍‌ଜି ଏବଂ ମତ୍ସ୍ୟ ଚାଷ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବଡଚଣା ବ୍ଲକର ଶୈଳବାଳା ଦାସ ଓ ବରୀ ବ୍ଲକର ବିଶ୍ୱ ମା' ନାରୀଶକ୍ତି ଏସ୍‌ଏଚ୍‌ଜି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଞ୍ଝାରପୁରୀ ଗୋପ୍ରଜାତିର ସଂରକ୍ଷଣ ଓ ଉନ୍ନତି ପାଇଁ ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ଚାଷୀ-ବିଶେଷଜ୍ଞ ଆଲୋଚନାଚକ୍ରରେ ମତ୍ସ୍ୟ ଚାଷ ବିଶେଷଜ୍ଞ ଭାବେ ଜଗତସିଂହପୁରର ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ ଓ ମନସ୍ୱିନୀ ସାମଲ ଯୋଗଦେଇଥିଲେ। ସେହିପରି ପ୍ରାଣୀ ସମ୍ପଦ ବିଶେଷଜ୍ଞ ଭାବେ ଓମଫେଡର ସାଧାରଣ ପରିଚାଳକ ଡ. ଦିଗାମ୍ବର ନାୟକ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବେତନଟୀ ଡା. ରଞ୍ଜନ କୁମାର ସେଠୀ ଏବଂ ଯାଜପୁରର ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମନୀଷା ରାଉତ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣିଧନ ନିରୀକ୍ଷକ ଏବଂ ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅଧିକାରୀ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ଜିଲ୍ଲା କଳା ସଂସ୍କୃତି ସଂଘ ଦ୍ୱାରା ସଚେତନତା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



## ଶ୍ରୀମଦ୍ ଭାଗବତ ଗୀତା ପ୍ରତିଯୋଗିତା

ବଡ଼ଚଣା,୬ା୧(ସମିସ): ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ସଭା ଗୃହରେ ହିନ୍ଦୁ ଏକତା ମଞ୍ଚ ଭାରତ ଓ ଦେବାଳୟ ବିମୋଚାନାମ ଉତ୍ତ୍ର ଦେଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ପୁରସ୍କାର ବିତରଣ ସଭା ସଂଗଠନର ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ. ହରିହର କାନୁନଗୋ, ସମ୍ମାନିତ ଅତିଥି ଭାବେ ଡ. ପବିତ୍ର ସାମନ୍ତରାୟ, ଡ. ନିରଞ୍ଜନ ସାହୁ, ସିଦ୍ଧଗିରି ଆଶ୍ରମ ମହନ୍ତ ବାବା ବିଶ୍ୱନାଥ ଦାସ, ଯାଜପୁର ଜିଲ୍ଲା ହିନ୍ଦୁ ଏକତା ମଞ୍ଚର ସଭାପତି ନରେନ ଜେନା ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୁ ଏକତା ମଞ୍ଚ ସଂଗଠନ ଆନୁକୂଲ୍ୟରେ




ଯାଜପୁର ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ୪୪ଟି ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଗୀତା ବହି, ଟ୍ରଫି, ସାର୍ଟିଫିକେଟ ଆଦି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ଗୀତା ପରୀକ୍ଷାରେ ସହଯୋଗ କରିଥିବା ସଂଯୋଜକ କୁଞ୍ଜବିହାରୀ ରାୟ, ଘନଶ୍ୟାମ ବିଶ୍ୱାଳ, ଅନନ୍ତ ନାରାୟଣ ମିଶ୍ର, କୁଳମଣି ମଲ୍ଲିକ, ଗିରିଧାରୀ ସାମଲ, ବନମାଳୀ ରଥ, ପୁରୁଷୋତ୍ତମ ନାୟକ, ଅକ୍ଷୟ କୁମାର ପଟ୍ଟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶୀଲ ପାଲ, ତେଜପାଳ ଧେନୁକା, ବ୍ରଜକିଶୋର ଜେନା, ରାଜକୁମାର ଖେମେକା, ଡ. ପଦ୍ମଲୋଚନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ନିରଞ୍ଜନ ସାମଲ ସଭା ପରିଚାଳନା କରିଥିଲେ।

ଇଂରାଜୀ ନୂଆବର୍ଷ ୨୦୨୬ ଏବଂ
ପବିତ୍ର ମକର ସଂକ୍ରାନ୍ତି ଅବସରରେ
ସମସ୍ତଙ୍କୁ ଅନେକ
ଶୁଭେଚ୍ଛା ଓ ଅଭିନନ୍ଦନ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ
ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ।
ଜଳ ସମ୍ପଦ ବିଭାଗ
ଶରଣକୁଳ, ନୟାଗଡ଼


ନୂତନ ବର୍ଷ ୨୦୨୬ ଉପଲକ୍ଷେ
ସମସ୍ତ ଛାତ୍ରୀ ଓ ଅଭିଭାବକଙ୍କୁ
ଶୁଭେଚ୍ଛା ଏବଂ ଅଭିନନ୍ଦନ
BIO-ACTIVA CENTRE
BANAJA BALA PANDA
(MANAGING DIRECTOR)
"Be obsessed with
our own potential"
A leading Ladies Mess for +2 & +3
SCIENCE GIRLS STUDENTS ONLY
MILL CAMPUS SQUARE, SORO, BALASORE

KOSMIC VISION
Decode your life Through
Nuemrology Workshop
- Learn About Numbers
- Number's effect on life
- Destiny Number
- Conductor Number
- Personal Year Number
- Remedies etc.
Hurry Up!
11th Jan, 2026 11.00 AM-01.00 PM
More Details Contacts:
+91 9078275345 / +91 9008683775
kosmicvision1@gmail.com


ଇଂରାଜୀ ନୂଆବର୍ଷ ୨୦୨୬ ଏବଂ
ପବିତ୍ର ମକର ସଂକ୍ରାନ୍ତି ଅବସରରେ
ସମସ୍ତଙ୍କୁ ଅନେକ
ଶୁଭେଚ୍ଛା ଓ ଅଭିନନ୍ଦନ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ
ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ।
ସନ୍ୟାସୀ ପ୍ରଧାନ
ନିର୍ଦ୍ଦେଶକ, ରାଜ୍ୟ ସମବାୟ ବ୍ୟାଙ୍କ, ଶିଖରପୁର, ନୟାଗଡ଼


ଇଂରାଜୀ ନୂଆବର୍ଷ ୨୦୨୬ ଏବଂ
ପବିତ୍ର ମକର ସଂକ୍ରାନ୍ତି ଅବସରରେ
ସମସ୍ତଙ୍କୁ ଅନେକ
ଶୁଭେଚ୍ଛା ଓ ଅଭିନନ୍ଦନ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ
ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ।
ଡା. ତାପସ ରଞ୍ଜନ ସେନାପତି
ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଶରଣକୁଳ, ନୟାଗଡ଼

**ମଣ୍ଡି ପାଇଁ ଧାନ କିଣା କମିଟି ବୈଠକ**

# ଚାଷୀଙ୍କୁ ଘାରିଛି ଝୋଟ ଅଖା ଚିନ୍ତା



କବାଟବନ୍ଧ,୬।୧(ସମିସ): ଚଳିତ ବର୍ଷ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଧାନ ମଣ୍ଡି ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଧର୍ମଶାଳା ବ୍ଲକର ବିଭିନ୍ନ ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ମଣ୍ଡିରୁ ଧାନ କ୍ରୟ କରାଯିବ। ସୋମବାର ଏହି ପରିପ୍ରେକ୍ଷୀରେ ବ୍ଲକର ମଧୁସୂଦନପୁର ସେବା ସମବାୟ ସମିତି, ତାଳଜଙ୍ଗ ସେବା ସମବାୟ ସମିତି, ରେଖିଦେଇପୁର ସେବା ସମବାୟ ସମିତି ଏବଂ ଏଣ୍ଡଲବା ସେବା ସମବାୟ ସମିତିରୁ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯିବା ନେଇ ସୋସାଇଟ ଲେଭୁଲ ପ୍ରୋକ୍ୟୁଅରମେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ଯୋଗାଣ ଅଧିକାରୀ ତପସ୍ୱିନୀ ବିଶ୍ୱାଳ, ଏରିଆ ଅଫିସର ପ୍ରଭୁକଲ୍ୟାଣ ମଲ୍ଲିକ, ବଳରାମପୁର -୨ ରାଜସ୍ୱ ନିରୀକ୍ଷକ ସନ୍ଦୀପ କୁମାର ମହାନ୍ତି, ରେଖିଦେଇପୁର ରାଜସ୍ୱ ନିରୀକ୍ଷକ ମଧୁସୂଦନ ହାଇବ୍ରୁ ଏବଂ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ତାଳଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଏହି ବୈଠକରେ ମଣ୍ଡି ସୁପରିଚାଳନା ପାଇଁ ବିଭିନ୍ନ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ଏହି କମିଟିର ସଦସ୍ୟ ଏବଂ ସ୍ଥାନୀୟ ଚାଷୀ ମାନେ ଉପସ୍ଥିତ ଥିଲେ। ଚାଷୀ ମାନଙ୍କ ପାଖରୁ କିଭଳି ଧାନ କ୍ରୟ କରାଯିବ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସରକାରଙ୍କ ନିୟମ ଅନୁସାରେ ଚାଷୀମାନଙ୍କ ଠାରୁ ଏଫଏକ୍ୟୁ ଗୁଣର ତଥା ଶୁଖିଲା, ଅଶୁଦ୍ଧତା, ଆର୍ଦ୍ରତା, ପରିପକ୍ୱ ଏକ ରଙ୍ଗ ଆଦି ମାନଦଣ୍ଡ ପୂରଣ କରୁଥିବା ଧାନକୁ ଚାଷୀମାନେ ମଣ୍ଡିରେ ଦେଇପାରିବେ ବୋଲି ଅବଗତ କରାଯାଇଥିଲା। ଏହା ଛଡ଼ା ଚାଷୀମାନେ ମଧ୍ୟ ନିଜର ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଠିକ ସମୟରେ ଗାଡ଼ି ଆସୁ ନ ଥିବା କାରଣରୁ ଚାଷୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ସମୟ ଅପେକ୍ଷା କରିବା ସହିତ ମଣ୍ଡିରେ ଧାନକୁ ଜଗିବାକୁ ମଧ୍ୟ ପଡୁଥିବା କହିଥିଲେ। ସେହିପରି କମ ଟୋକନ ମଧ୍ୟ ଅନ୍ୟ ଏକ ମୁଖ୍ୟ ସମସ୍ୟା ତଥା ଚାଷୀମାନଙ୍କ ପାଇଁ ଏକ ପ୍ରତିବନ୍ଧକ ସାଜିଛି। ଏହା ବ୍ୟତୀତ ମିଲରମାନେ ଜରି ଅଖାରେ ଧାନ ନେବେ ନାହିଁ ବୋଲି ଚରମ ବାଣୀ ଶୁଣାଇବା ପରେ ଏବେ ଚିନ୍ତାରେ ଚାଷୀ। ବହୁ ପୂର୍ବରୁ ଚାଷୀମାନେ ଜରି ଅଖାରେ ଧାନ ପ୍ୟାକେଟ କରି ମଣ୍ଡିରେ ଦେବା ପାଇଁ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି। ଅଚାନକ ଝୋଟ ଅଖାରେ ଧାନ ନେବେ ବୋଲି ମିଲର କହିବା ପରେ ଏହା ଚାଷୀଙ୍କ ଚିନ୍ତା ବଢାଇଛି। ପୁଣି ଟଙ୍କା ଖର୍ଚ୍ଚ ସହିତ ସମୟ ନଷ୍ଟ କରି ଝୋଟ ଅଖାରେ ପ୍ୟାକେଟ କରିବା ଚାଷୀଙ୍କ ପାଇଁ ସହଜ ହେବ ନାହିଁ ବୋଲି ଚାଷୀମାନେ ମତ ପ୍ରକାଶ କରିଥିଲେ। ତେବେ ଆସନ୍ତା ୭ ତାରିଖରୁ ଧାନ ମଣ୍ଡି ଆରମ୍ଭ ହେବ ବୋଲି କମିଟି ନିଷ୍ପତ୍ତି ନେଇଛି। ମାତ୍ର ଏତେ କମ ସମୟ ମଧ୍ୟରେ କେମିତି ଏହା ସମ୍ଭବ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବୈଠକରେ ଧାନକିଣା କମିଟିର ରହିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ୍ୟ କୃଷି କର୍ମୀ, ଉଭୟ ସୋସାଇଟର ସମ୍ପାଦକ, ସ୍ଥାନୀୟ ଜନ ପ୍ରତିନିଧି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

● ଓଲଟିଲା ସ୍କୁଲ ଅଟୋ

## ଚାଳକ ସମେତ ୫ ଛାତ୍ରଛାତ୍ରୀ ଗୁରୁତର



ଦଶରଥପୁର,୬।୧(ସମିସ): ଦଶରଥପୁର ଥାନା ବାଳଦା ନିକଟରେ ମଙ୍ଗଳପୁରରେ ଥିବା ଆଇଡିଆଲ ପବ୍ଲିକ ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଫେରୁଥିବା ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଉକ୍ତ ଅଟୋରେ ବସିଥିବା ୭ ଜଣ କୁନି ଛାତ୍ରଛାତ୍ରୀଙ୍କ ସମେତ ଅଟୋ ଚାଳକ ଆହତ ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଦଶରଥପୁର ଥାନାର ଜଣେ ଗୃହରକ୍ଷୀ ଘଟଣାକୁ ଦେଖି ଆହତ ଛାତ୍ରଛାତ୍ରୀ ଓ ଅଟୋ ଚାଳକଙ୍କୁ ଉଦ୍ଧାର କରି ପ୍ରଥମେ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରୁ ୪ଜଣ ଛାତ୍ରଛାତ୍ରୀଙ୍କ ସମେତ ଅଟୋ ଚାଳକ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ଦଶରଥପୁର ପୁଲିସ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲା। ଅପରପକ୍ଷେ ଦଶରଥପୁର ବ୍ଲକ ଅଞ୍ଚଳରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ କୋମଳମତି ପିଲାଙ୍କୁ ନେବା ଆଣିବାରେ ବ୍ୟବହୃତ ହେଉ ଥିବା ଗାଡ଼ିଗୁଡ଼ିକର ଚାଳକ ବେପରୁଆ ଭାବେ ଗାଡି ଚାଳନା କରୁଥିବାରୁ ଅଟୋରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ ହୋଇଛି।

## ରାଜ୍ୟ ନିର୍ବାଚନ କମିଶନରଙ୍କ ଯାଜପୁର ଗସ୍ତ



ଯାଜପୁର,୬।୧(ସମିସ): ଆଜି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଯାଜପୁର ଜିଲ୍ଲାଗସ୍ତରେ ଆସି ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଗାମୀ ପଞ୍ଚାୟତ ନିର୍ବାଚନ-୨୦୨୭କୁ ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ଓ ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର ଶ୍ରୀ ପାଢ଼ୀ ଯାଜପୁର ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ୱାର୍ଡମେମ୍ବର, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟଙ୍କ ଆରକ୍ଷଣ, ନିର୍ବାଚିତ ପ୍ରତିନିଧିଙ୍କ ଶୂନ୍ୟସ୍ଥାନ, ବାଲାଟ ବାକ୍ସ ମହଜୁଦ, ମୋଟ ବୁଥ ସଂଖ୍ୟା ଇତ୍ୟାଦି ବିଷୟରେ ସମୀକ୍ଷା କରିଥିଲେ। ଏହାସହ ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ଜିଲ୍ଲାରେ ଥିବା ଅସ୍ଥାୟୀ ବୁଥ, ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ଯାଜପୁର ଏବଂ ବ୍ୟାସନଗର ପୌର ପରିଷଦର ଆଗାମୀ ପୌର ନିର୍ବାଚନ ପାଇଁ ମଧ୍ୟ ସମୀକ୍ଷା କରିଥିଲେ।

**ଜିଲ୍ଲା ମହୋତ୍ସବ ଯଯାତି ପାଇଁ ପ୍ରଶାସନର ପ୍ରସ୍ତୁତି**

## ସ୍ଥାନୀୟ କଳାକାରଙ୍କୁ ମିଳିବ ଅଗ୍ରାଧିକାର

ଯାଜପୁର, ୬।୧ (ସମିସ): ଆସନ୍ତା ଫେବୃଆରୀ ମାସରେ ଆୟୋଜିତ ହେବାକୁ ଥିବା ଯାଜପୁର ଜିଲ୍ଲା ମହୋତ୍ସବ "ଯଯାତି-୨୦୨୬" ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି଼। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ବିଧାୟକ ଆକାଶ ଦାସ ନାୟକ ମହୋତ୍ସବରେ ସ୍ଥାନୀୟ କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମତପୋଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପ୍ରତିଭାବାନ କଳାକାରମାନଙ୍କୁ ମହୋତ୍ସବର ମୁଖ୍ୟ ମଞ୍ଚରେ ସୁଯୋଗ ଦେବା ପାଇଁ ଜିଲ୍ଲା ସଂସ୍କୃତି ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ତେଣୁ ଯାଜପୁର ଜିଲ୍ଲାର ଯେଉଁ ସାଂସ୍କୃତିକ ଅନୁଷ୍ଠାନ ବା ଦଳମାନଙ୍କର ଶାସ୍ତ୍ରୀୟ ନୃତ୍ୟ ଅର୍ଦ୍ଧ-ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ , ଲୋକକଳା କିମ୍ବା କଣ୍ଢେଇ ନାଚ କ୍ଷେତ୍ରରେ ମଞ୍ଚ ପ୍ରଦର୍ଶନର ସୁନାମ ଓ ଦକ୍ଷତା ରହିଛି, ସେମାନଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଉଅଛି ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି। ଆଗ୍ରହୀ ସାଂସ୍କୃତିକ ଦଳମାନଙ୍କୁ ନିଜ ଦଳର ବିଗତ ଦିନର କିମ୍ବା ବର୍ତ୍ତମାନ ସମୟର ଏକ ଉନ୍ନତ ମାନର ପ୍ରଦର୍ଶନ ଭିଡିଓ ଉତ୍ତୋଳନ କରି ଏବଂ ଲିଖିତ ଦରଖାସ୍ତ ସହିତ ଇ-ମେଲ୍ ମାଧ୍ୟମରେ ପଠାଇବାକୁ ହେବ। ଭିଡିଓ ପଠାଇବାର ଶେଷ ତାରିଖ ଜାନୁଆରୀ ୨୫ ତାରିଖ ରହିଛି। ଏକ ବିଶେଷଜ୍ଞ କମିଟି ଦ୍ୱାରା ଏହି ଭିଡିଓଗୁଡ଼ିକୁ ଯାଞ୍ଚ କରାଯିବା ପରେ ଯୋଗ୍ୟ ବିବେଚିତ ଦଳମାନଙ୍କୁ ଚୂଡ଼ାନ୍ତ ଭାବେ ଚୟନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ବିଭାଗରୁ ସୂଚନା ମିଳିଛି। ସେହିପରି ଚଳିତ ବର୍ଷର ସ୍ମରଣିକାକୁ ଅଧିକ ତଥ୍ୟମୂଳକ ଓ ସଂଗ୍ରହଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ଜିଲ୍ଲା ତଥା ରାଜ୍ୟର ବିଶିଷ୍ଟ ଲେଖକ, କବି, ଗବେଷକ, ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ଠାରୁ ଉଚ୍ଚକୋଟୀର ପ୍ରବନ୍ଧ, କବିତା, ଗଳ୍ପ ଏବଂ ଯାଜପୁରର ଲୁକ୍କାୟିତ ଐତିହ୍ୟ ଓ ପର୍ଯ୍ୟଟନ ଭିତ୍ତିକ ଆଲେଖ୍ୟ ଆହ୍ୱାନ କରାଯାଉଛି। ଏହି ସ୍ମରଣିକା ପ୍ରକାଶନୀ ନିମନ୍ତେ ଉଦୀୟମାନ ଯୁବ ଏବଂ ଛାତ୍ର ଲେଖକ/ ଲେଖିକାମାନଙ୍କୁ ନିଜର ଲେଖା ପ୍ରେରଣ କରିବା ପାଇଁ ଉତ୍ସାହିତ କରାଯାଉଛି। ଲେଖା ଆସନ୍ତା ୨୫ ତାରିଖ ସୁଦ୍ଧା କେବଳ ଇ-ମେଲ୍ ମାଧ୍ୟମରେ ପଠାଇବାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅନୁରୋଧ କରିଅଛନ୍ତି।

## ୧୩୫ ଜଣ ବରିଷ୍ଠ ନାଗରିକଙ୍କ ରାମେଶ୍ୱରମ୍ ଯାତ୍ରା

ଯାଜପୁର,୬।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ସମ୍ମୁଖରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ସବୁଜ ପତାକା ଦେଖାଇ ତୀର୍ଥଯାତ୍ରୀ ବସଗୁଡ଼ିକୁ ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ଜିଲ୍ଲାର ବରିଷ୍ଠ ନାଗରିକମାନେ ଜାନୁଆରୀ ୭ରୁ ୧୨ ତାରିଖ ଅବଧି ମଧ୍ୟରେ ଦକ୍ଷିଣ ଭାରତର ମଦୁରାଇ ଏବଂ



ରାମେଶ୍ୱରମ୍ ତୀର୍ଥସ୍ଥଳ ପରିଦର୍ଶନ କରିବେ। ଆଜି ଯାତ୍ରା ଆରମ୍ଭ ପୂର୍ବରୁ ଅଭିଜ୍ଞ ଡାକ୍ତରମାନେ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଖାଦ୍ୟପେୟର ବନ୍ଦୋବସ୍ତ କରାଯାଇଥିଲା। ଏହାସହ ଯାତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପୋଲିସ ମୁତୟନ ହୋଇଥିଲେ। ସ୍ୱତନ୍ତ୍ର ଭାବେ ନିୟୋଜିତ ଏସ୍କର୍ଟ ଅଧିକାରୀ ଯାତ୍ରୀମାନଙ୍କୁ ସହଯୋଗ କରିଥିଲେ। ଆଜି ୪ ଟି ବସ୍ ଯୋଗେ ଯାତ୍ରୀମାନେ ଯାଜପୁର ସହରରୁ ବାହାରି ବାଲେଶ୍ୱରରେ ପହଞ୍ଚିବେ ଏବଂ ସେଠାରେ ରାତ୍ରୀଯାପନ କରିବେ। ୭ ତାରିଖରେ ବାଲେଶ୍ୱର ରେଳ ଷ୍ଟେସନରୁ ଟ୍ରେନରେ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିବେ। ଏହି ଯୋଜନା ଅଧୀନରେ ମୋଟ ୧୩୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପର୍ଯ୍ୟଟନ ଅଧିକାରୀ ତାପସ ସାହୁ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ।ମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ସଚେତନତା



ଦଶରଥପୁର/କୟାଁଗୋଲା,୬।୧(ସମିସ): ସଡ଼କ ସୁରକ୍ଷା ସପ୍ତାହ ସଚେତନତା ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳନ କରାଯାଇଛି। ଜିଲ୍ଲା ସଡ଼କ ସୁରକ୍ଷା ଅଧିକାରୀ ପ୍ରଦୀପ ବେହେରା, ଟ୍ରାଫିକ ନିରୀକ୍ଷକ ରାଜେଶ ମଙ୍ଗରାଜ, ଦଶରଥପୁର ଥାନାଧିକାରୀ ଶରତ ନାୟକ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଯାଜପୁରସ୍ଥ ଅନ୍ୱେଷଣ ଥିଏଟରର ଧନଞ୍ଜୟ ପୃଷ୍ଟି ଯମରାଜ ଏବଂ ଅବକାଶ ରଥ ଚିତ୍ରଗୁପ୍ତ ପ୍ରମୁଖ ଭୂମିକାରେ ଅଭିନୟ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ସଚେତନତା କରାଯାଇଥିଲା। ପରେ ସ୍କୁଲର ଛାତ୍ରଛାତ୍ରୀ ହାତରେ ସଡ଼କ ସୁରକ୍ଷା ପ୍ଲାକାଡ ଧରି ସ୍ଲୋଗାନ ଦେଇ ଝୁମ୍ପୁରୀ ବଜାର ରାସ୍ତାରେ ଯାତାୟତ କରୁଥିବା ଗାଡ଼ିଚାଳକ ଏବଂ ଦୋକାନିମାନଙ୍କୁ ଅଭିନୟ ମାଧ୍ୟମରେ ସଚେତନ କରାଇଥିଲେ। ଏହି ଅବସରରେ ଚମ୍ପେଇପାଳ ପଞ୍ଚାୟତର ସରପଞ୍ଚ ହିମାଂଶୁ ନାୟକ, ଦଶରଥପୁର ବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ଶିକ୍ଷକ ନାରାୟଣ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଖେଳ ଛୁଟିରେ ସ୍କୁଲରେ ତାଲା ପକାଇ ଶିକ୍ଷକ ଉଭାନ

ପ୍ରୀତିପୁର, ୬।୧(ସମିସ): ଖେଳ ଛୁଟି ପରେ ପିଲାମାନଙ୍କୁ କ୍ୟାମ୍ପସ ଭିତରେ ବନ୍ଦ ଅବସ୍ଥାରେ ଛାଡ଼ିଦେଇ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଦୁଇଜଣ ପଳାଇବା ଓ ତାଲାବନ୍ଦ ଅବସ୍ଥାରେ ଥିବା ପିଲାମାନଙ୍କୁ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକମାନେ ବାହାରକୁ ଆଣିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ବିଞ୍ଝାରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତରଫରୁ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇ ଶିକ୍ଷକ ଦ୍ୱୟଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ଜଣାଯାଇଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର ଉଡ଼ରଙ୍ଗ ପଞ୍ଚାୟତ ସ୍ଥିତ ଅଜିପୁର ପ୍ରାଥମିକ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଦେବାଶିଷ କର ଓ ସହକାରୀ ଶିକ୍ଷକ ପ୍ରମୋଦ କୁମାର ଜେନା ବିଦ୍ୟାଳୟରେ ଆଜି ପହଞ୍ଚିଥିଲେ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନାଦି ପ୍ରସ୍ତୁତ ହୋଇଥିଲା। ତେବେ ଖେଳଛୁଟି ହୋଇଥିଲା। ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରଦାନ କରାଯାଇଥିଲା। ମାତ୍ର ମଧ୍ୟାହ୍ନ ଭୋଜନ ପରେ ପିଲାମାନଙ୍କୁ କ୍ୟାମ୍ପସ ମଧ୍ୟରେ ତାଲା ପକାଇ ଶିକ୍ଷକ ଦୁଇଜଣ ଚାଲି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ତାଲା କାଟି ପିଲାମାନଙ୍କୁ ଉଦ୍ଧାର କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଏହା ସୂଚୀତ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓ ଜିଲ୍ଲା ଶିକ୍ଷାଧିକାରୀ ବିଇଓଙ୍କୁ ତଦନ୍ତ ଆଦେଶ ଦେଇଥିଲେ। ତୁରନ୍ତ ସିଆର୍‌ସିସି ରଶ୍ମୀରଞ୍ଜନ ଧଳ ସ୍କୁଲ ନିକଟରେ ପହଞ୍ଚିଥିଲେ। ଲୋକେ ଉତ୍ତ୍ୟକ୍ତ ଅବସ୍ଥାରେ ସେଠାରେ ଉପସ୍ଥିତ ଥିବା ବେଳେ ସ୍କୁଲରେ ତାଲା ଝୁଲୁଥିଲା। ଶିକ୍ଷକ ଦୁଇଜଣ କିନ୍ତୁ ନଥିଲେ। ଏହି ରିପୋର୍ଟ ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଭୟ ପ୍ରଧାନ ଶିକ୍ଷକ ଦେବାଶିଷ କର ଓ ପ୍ରମୋଦ କୁମାର ଜେନାଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରିଛନ୍ତି।

**ବର୍ଷ ବର୍ଷ ଧରି ବକେୟା ପଡିଛି ଘର ଭଡ଼ା**

## ସିଲ୍ ହେଲା ପୀରବାବା ମାର୍କେଟ୍ କମ୍ପ୍ଲେକ୍ସ



ଯାଜପୁର ଟାଉନ,୬।୧(ସମିସ): ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୀରବାବା ମାର୍କେଟ କମ୍ପ୍ଲେକ୍ସକୁ ମଙ୍ଗଳବାର ଦିନ ୱାକଫ୍ ବୋର୍ଡ ପକ୍ଷରୁ ସିଲ୍ କରାଯାଇଛି। ଏହି ପୀରବାବା ମାର୍କେଟ୍ କମ୍ପ୍ଲେକ୍ସର କମିଟି ଓଡ଼ିଶା ୱାକଫ ବୋର୍ଡରେ ପଞ୍ଜିକୃତ ହୋଇଛି। କେନ୍ଦ୍ର ସରକାରଙ୍କ ୱାକଫ ପାଣ୍ଠିରୁ ଏହି ମାର୍କେଟ୍ କମ୍ପ୍ଲେକ୍ସଟି ନିର୍ମାଣ କରାଯାଇଛି। ଏହି ପୀରବାବା ମାର୍କେଟ୍ କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଦୋକାନୀ ଦୀର୍ଘ ବର୍ଷ ହେବ ଘର ଭଡ଼ା ମୁସଲିମ କୋର୍ଟ ଅନୁଯାଇ ୱାକଫ ବୋର୍ଡ ଦାଖଲ କରୁନାହାଁନ୍ତି। ସମସ୍ତ ଦୋକାନୀଙ୍କୁ ଭଡ଼ା ଦେବା ପାଇଁ ନୋଟିସ୍ ଜାରି କରିଥିବା ବେଳେ ୱାକଫ ବୋର୍ଡ ସଦସ୍ୟ ବହୁବାର ଦୋକାନୀଙ୍କୁ ଭେଟି ଭଡ଼ା ପୈଠ କରିବାକୁ କହିଥିଲେ। ଆଜି ପର୍ଯ୍ୟନ୍ତ କୌଣସି ଦୋକାନୀ ଭଡ଼ା ନ ଦେବାରୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ମୁସଲିମ ୱାକଫ ବୋର୍ଡ଼ ସଦସ୍ୟ ମାଜିଷ୍ଟ୍ରେଟ ସହ ପୁଲିସ ଫୋର୍ସକୁ ସାଙ୍ଗରେ ନେଇ ମାର୍କେଟ କମ୍ପ୍ଲେକ୍ସ ସିଲ୍ କରିବାକୁ ଆସିଥିଲେ। ଦୀର୍ଘ ସମୟ ଧରି ୱାକଫ ବୋଡର୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସେକ୍ ସାଗିନଙ୍କ ସହ ମାର୍କେଟ୍ କମ୍ପ୍ଲେକ୍ସର ଦୋକାନୀଙ୍କ ସହ ବୁଝାମଣା ହେବା ପରେ ଦୋକାନକୁ ସିଲ୍ କରାଯାଇଥିଲା। ପୀରବାବା ମାର୍କେଟ୍ କମ୍ପ୍ଲେକ୍ସରେ ୨୪ଟି ଦୋକାନ ରହିଛି। ଏହି ଚଢ଼ଉ ସମୟରେ ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ସମେତ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଦୀର୍ଘ ବର୍ଷର ହିସାବ ଅନୁଯାୟୀ ଦୋକାନର ଭଡ଼ାକୁ ଦୋକାନୀ ଦେଲା ପରେ ମାର୍କେଟ୍ କମ୍ପ୍ଲେକ୍ସ ସିଲ୍‌ରୁ ମୁକ୍ତ କରାଯିବ ବୋଲି ୱାକପ ବୋର୍ଡ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

## ଛାତ୍ରଙ୍କ ବେକରେ ଛୁରି ଲଗାଇ ଲୁଟ୍



ଦଶରଥପୁର,୬।୧(ସମିସ): ଦଶରଥପୁର ବ୍ଲକ ବାଲିପଦା ଛକଠାରୁ ଚିତ୍ତାଳ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ କଲେଜ ଛାତ୍ରଙ୍କ ବେକରେ ଛୁରି ଲଗାଇ ମୋବାଇଲ, ଏଟିଏମ୍ କାର୍ଡ ସମେତ ୩ହଜାର ଟଙ୍କା ଲୁଟିନେଲେ ୨ଦୁର୍ବୃତ୍ତ। ଛାତ୍ର ଜଣଙ୍କ ନାମ ସୁବ୍ରତ ଓଝା ବୋଲି ଜଣାପଡିଛି। ସେ ଚିତ୍ତାଳ ମହାବିଦ୍ୟାଳୟରେ +୨କଳା ବିଭାଗର ୨ୟ ବର୍ଷରେ ପଢୁଥିବା ବେଳେ ଆଜି ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ ସେ କଲେଜରେ ପରୀକ୍ଷା ଦେବାକୁ ସାଇକଲରେ ଏକୁଟିଆ ଆସୁଥିଲେ। ବାଲିପଦା ଗ୍ରାମ ନାୟକ ସାହି ରାସ୍ତା ନିକଟରେ ହଠାତ ୨ଜଣ ୨୪ରୁ ୨୫ ବର୍ଷର ଯୁବକ ସୁବ୍ରତଙ୍କୁ ଅଟକାଇ ତାଙ୍କ ବେକରେ ଧାରୁଆ ଛୁରି ଲଗାଇ ଛାତ୍ରଙ୍କ ନିକଟରୁ ଗୋଟିଏ ମୋବାଇଲ, ଏଟିଏମ କାର୍ଡ ଏବଂ ୩ହଜାର ଟଙ୍କା ଲୁଟି ନେଇ ରାସ୍ତା ପାଶ୍ୱର୍ ଅକରପଡା ପଞ୍ଚାୟତ ବଡ଼ ଦୋଗଡା ଗ୍ରାମ ଭିତରକୁ ଦୌଡ଼ି ପଳାଇ ଯାଇଥିଲେ। ଛାତ୍ରଙ୍କ ପାଟି ଶୁଣି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ୨ଲୁଟେରାଙ୍କୁ ପିଛା କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳିନଥିଲା। ଲୁଟ ଖବର ଜଣାପଡିବା ପରେ ବହୁ ସଂଖ୍ୟାରେ କଲେଜ ଛାତ୍ର ଘଟଣା ସ୍ଥଳରେ ପହଞ୍ଚି ଚିତ୍ତାଳ ଫାଣ୍ଡି ପୁଲିସ କାର୍ଯ୍ୟ ଶୈଳୀଙ୍କୁ ନେଇ ହୋ-ହାଲ୍ଲା କରିବା ସହିତ ଉକ୍ତ ରାସ୍ତାରେ କିଛି ଅସାମାଜିକ ବ୍ୟକ୍ତି ନିଶା ସେବନ କରି କଲେଜ ଛାତ୍ରଛାତ୍ରୀଙ୍କୁ ଲୁଟିବା, କମେଣ୍ଟ ମାରିବା ଭଳି ଅନୈତିକ କାର୍ଯ୍ୟ କରୁଥିଲେ ମଧ୍ୟ ଫାଣ୍ଡି ପୁଲିସ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ ବୁଝା ସୁଝା ପରେ ଏ ସମ୍ପର୍କରେ କଲେଜ ଛାତ୍ରଙ୍କ ପକ୍ଷରୁ କଲେଜ ଅଧ୍ୟକ୍ଷ ଏବଂ ଚିତ୍ତାଳ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ସାମ୍ବାଦିକାଙ୍କ ବିୟୋଗରେ ଶୋକ

ବରୀ,୬।୧(ସମିସ): ଯୁବା ସାମ୍ବାଦିକା ସିଲା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ବରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଏକ ସ୍ମୃତିସଭା ବରୀ ମାଉଣ୍ଡ ସ୍ଥିତ ଶକ୍ତିପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ସ୍ୱର୍ଗୀୟ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ମହମବତୀ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଭାରେ ବରିଷ୍ଠ ସାମ୍ବାଦିକ ବାଞ୍ଛାନିଧି ସାହୁ, ପ୍ରଶାନ୍ତ ଦ୍ୱିବେଦୀ, ଚୈତନ୍ୟ ଜେନା, ବିଶ୍ୱଭୂଷଣ ଜେନା, ସ୍ନେହାଂଶୁ ମହାନ୍ତି, ସତ୍ୟଜିତ ବାରିକ, ସୁମନ କଲ୍ୟାଣ ଦାସ, ଅରୁଣ ବେହେରା, ଦର୍ଶନ ବେହେରା, ରଞ୍ଜିତ ମହାନ୍ତି, ସୋମେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

# ଧର୍ମଶାଳା ମହୋତ୍ସବ ଉଦ୍‌ଯାପିତ

ଧର୍ମଶାଳା,୬।୧(ସମିସ): ଜାରକାଠାରେ ଆୟୋଜିତ ୨୧ତମ "ଧର୍ମଶାଳା ମହୋତ୍ସବ' ଆଜି ସଂଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ କମିଟିର



ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗଦେଇ ଐତିହ୍ୟ ସଂସ୍କୃତି ଓ ପରମ୍ପରାର ପର୍ବ ହେଉଛି, "ଧର୍ମଶାଳା ମହୋତ୍ସବ " ବୋଲି କହିଥିଲେ। ରାଜ୍ୟ ଶିକ୍ଷମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଆମର କୁମାର ନାୟକ, କୋରାଇ ବିଧାୟକ ଆକାଶ ଦାସ ନାୟକ, ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ବରୀ ବିଜେପି ନେତା ଉମେଶ ଜେନା, ବିଞ୍ଝାରପୁର ବିଜେପି ନେତ୍ରୀ ବବିତା ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟିର ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ବିବରଣୀ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଦସ୍ୟ ସବ୍ୟସାଚୀ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବଲିଉଡ ଗାୟକ ଅମିତ ମିଶ୍ରା ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ନାୟକ, ଅଜୟ କୁମାର ମହାପାତ୍ର, କାଶୀନାଥ ସାହୁ, ରାଜକୁମାର ଶତପଥୀ, ରାମଚନ୍ଦ୍ର ମଲ୍ଲିକ, ଜଳଧର ସାହୁ, ଅଜାମ୍ବର ସାହୁ, ଶରତ କୁମାର ଓଝା, ରାଜେଶ କୁମାର ପାଳ, ଜିତେନ୍ଦ୍ର କୁମାର ରାଉତ, ନାରାୟଣ ମଲ୍ଲିକ, ନକୁଳ ସାହୁ, ଅଶୋକ କୁମାର ବରାଳ, ଅର୍ଜୁନି ଚରଣ ସାହୁ, ଗଗନ ବିହାରୀ ବରାଳ, ହାଡିବନ୍ଧୁ ନାୟକ, ଜଗନ୍ନାଥ ମହାଲିକ, ଅନନ୍ତ ପ୍ରଧାନ ଓ କୈଳାଶ ଚନ୍ଦ୍ର ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ପରିଚାଳନାରେ ସହାୟତା କରିଥିଲେ। ଆସନ୍ତାକାଲି ଲକ୍ଷ୍ମୀ ନାରାୟଣଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/19 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଉପାଧ୍ୟକ୍ଷ (ନିବେଶକ ସମ୍ପର୍କ) | 1 | 50 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ।


- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2026 ରୁ 23.01.2026 ପର୍ଯ୍ୟନ୍ତ।**

ସ୍ଥାନ: ମୁମ୍ବାଇ
ତାରିଖ: 03.01.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଭାରତ ସମଗ୍ର ମାନବଜାତିର ମାତୃଭୂମି, ଆମ ଦର୍ଶନଶାସ୍ତ୍ରର ଉତ୍ସ, ଆମ ଗଣିତ ଶାସ୍ତ୍ରର ଉତ୍ପତ୍ତିସ୍ଥଳ, ଗଣତନ୍ତ୍ର ଓ ସ୍ୱାୟତ୍ତଶାସନର ଆଦିଭୂମି ଏବଂ ଆହୁରି ଅନେକ କ୍ଷେତ୍ରରେ ଆମ ସମସ୍ତଙ୍କର ମାତୃସ୍ଥାନୀୟ।

- ୱିଲ୍ ଡୁରାଣ୍ଟ

## ଗଞ୍ଜୋଡ଼ ମୂଷା

ତୋଷରପାତ, ଦୁର୍ନୀତି ଆଦି ଆମ ବ୍ୟବସ୍ଥାଗତ ତ୍ରୁଟିକୁ ଉପମାବ୍ୟଞ୍ଜକ ଭାବେ ଉପସ୍ଥାପନ କରିବା ପ୍ରୟାସରେ ବିଚରା ନିର୍ଦ୍ଦୋଷ ମୂଷାମାନେ ଅପବାଦର ଶିକାର ହୁଅନ୍ତି। କିନ୍ତୁ ମୂଷାମାନଙ୍କୁ ଗଞ୍ଜୋଡ଼ ଓ ଲାଞ୍ଚଖୋର ନାମରେ ଆରୋପିତ କରିବାର ନୂଆ ଧାରା ଗତ କିଛିବର୍ଷ ହେଲା ଆରମ୍ଭ ହୋଇଛି। ବିଶେଷକରି ପୁଲିସ୍ ଦ୍ୱାରା ଜବତ ବେଆଇନ ଟଙ୍କା, ନିଶା ଦ୍ରବ୍ୟକୁ ରଖାଯାଉଥିବା ମାଲ୍‌ଖାନା ସହିତ ମୂଷାମାନଙ୍କର କାଳ୍ପନିକ ସଂପୃକ୍ତିର ଧାରା ବଢ଼ିବାରେ ଲାଗିଛି। ଏହି ଉପକ୍ରମରେ ନିକଟରେ ଝାଡ଼ଖଣ୍ଡ ପୁଲିସ୍ ଦ୍ୱାରା ଜବତ ଓ ମାଲ୍‌ଖାନାରେ ଥିବା ପ୍ରାୟ ୨୦୦ କେଜି ଗଞ୍ଜେଇ ଉଭାନ୍ ହୋଇଯିବା ପରେ ମୂଷାମାନେ ତାହା ଖାଇଦେଇଥିବା ଅଦାଲତରେ ସେଠାକାର ପୁଲିସ୍ ଏକ ସତ୍ୟପାଠରେ ଉଲ୍ଲେଖ କରିଛି। ଏହାପରେ ଯାହାଙ୍କଠାରୁ ଗଞ୍ଜେଇ ଜବତ ହୋଇଥିଲା ଏବଂ ଚୋରାଚାଲାଣ ଅଭିଯୋଗରେ ଗିରଫ ହୋଇଥିଲେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ପ୍ରମାଣ ନାହିଁ। ସମ୍ପୃକ୍ତ ଚୋରାଚାଲାଣକାରୀ ମୂଷାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିବେ କି ନାହିଁ ତାହା ତାଙ୍କୁ ଜଣା। କିନ୍ତୁ ଆଇନ୍ ଆଖିରେ ଧୂଳି ଦେବା ପାଇଁ ଏହି ମୂଷା ଉପଖ୍ୟାନମାନ ପୁଲିସ୍ ପ୍ରଶାସନ ପାଇଁ ବେଶ୍ ସହାୟକ ଓ ପ୍ରଭାବଶାଳୀ ହେଉଥିବାରୁ ଏଭଳି ଉପକ୍ରମର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ତେଣୁ ଏଭଳି କେତେକ ରୋଚକ ଘଟଣାର ଉପସ୍ଥାପନ ଏଠାରେ ଆବଶ୍ୟକ ମନେ ହୁଏ।

୨୦୨୨ ମସିହାରେ ମଥୁରାରେ ଜବତ ଓ ମାଲଖାନାରେ ଗଚ୍ଛିତ ୫୦୦ କେଜି ଗଞ୍ଜେଇକୁ ମୂଷାମାନେ ଖାଇ ନଷ୍ଟ କରିଦେଇଥିବା ପୁଲିସ୍ ଅଦାଲତରେ ସ୍ୱୀକାର କରିଥିବା ବେଳେ ୨୦୧୮ ରେ ଆସାମ୍‌ର ଏକ ଏଟିଏମ୍ ଭିତରୁ ୧୨ ଲକ୍ଷ ଟଙ୍କାର ନୋଟ୍(ଟଙ୍କା)କୁ ମୂଷାମାନେ ନଷ୍ଟ କରିଦେଇଥିବା ରିପୋର୍ଟ ହୋଇଥିଲା। ପୁଲିସ୍ ରିପୋର୍ଟ ଅନୁଯାୟୀ, ଏହାପୂର୍ବରୁ ମଧ୍ୟ ସେହି ଝାଡ଼ଖଣ୍ଡର ଧାନବାଦ୍ ଜିଲ୍ଲାର ଏକ ମାଲ୍‌ଖାନାରୁ ୨୦୨୪ରେ ମୂଷାମାନେ ୧୦ କେଜି ଭାଙ୍ଗ ଓ ୯ କେଜି ଗଞ୍ଜେଇ ଖାଇ ସଫା କରିଦେଇଥିଲେ। ତେଣୁ ଅଭିଯୁକ୍ତମାନେ ପ୍ରାୟ ୬ ବର୍ଷ ବିଚାରାଧୀନ କଏଦୀ ଭାବରେ ଦଣ୍ଡ ଭୋଗିବା ପରେ ଖଲାସ୍ ହୋଇଥିଲେ। ବୋଧହୁଏ ଚୋରାଚାଲାଣ ପ୍ରମାଣିତ ହୋଇଥିଲେ ତାଙ୍କ ବିରୋଧରେ ଦଣ୍ଡହାର ଏହାଠାରୁ କମ୍ ହୋଇଥା'ନ୍ତା। ୨୦୧୭ରେ ବିହାରରେ ଜବତ ହୋଇ ମାଲ୍‌ଖାନାରେ ଥିବା ୯ ଲକ୍ଷ ଲିଟର ମଦକୁ ମୂଷାମାନେ ପିଇ ଦେଇଥିବା ଅଦାଲତରେ ସ୍ପଷ୍ଟୀକରଣ ଦିଆଯାଇଥିଲା। ସେହିଭଳି ଅତୀତରେ ଉତ୍ତରପ୍ରଦେଶରେ ୧ ହଜାର ଲିଟର ମଦ ମୂଷାମାନେ ପିଇଦେଇଥିବା ବେଳେ ବିଭିନ୍ନ ସମୟରେ ସେଠାରେ ବିଭିନ୍ନ ମାଲ୍‌ଖାନାରେ ଥିବା ଜବତ ୭୦୦ କେଜି ଗଞ୍ଜେଇ ଓ ନିଶାଦ୍ରବ୍ୟକୁ ମୂଷାମାନେ ଖାଇ ନଷ୍ଟ କରିଦେଇଥିବାର ତଥ୍ୟ ଅଦାଲତରେ ସତ୍ୟପାଠ ଜରିଆରେ ଉପସ୍ଥାପିତ ହୋଇଥିଲା। ଓଡ଼ିଶାରେ ମଧ୍ୟ ଗଞ୍ଜୋଡ଼ ବା ନିଶାସକ୍ତ ମୂଷାମାନଙ୍କର ମାଲଖାନାରେ ଦୌରାତ୍ମ୍ୟ କମ୍ ନୁହେଁ। ଓଡ଼ିଶାର ମୂଷାମାନେ ମଧ୍ୟ ହଜାରେ ଲିଟର ମଦ ମାଲଖାନାରୁ ପିଇ ଦେଇଥିବା ପୁଲିସ ରେକର୍ଡଭୁକ୍ତ ହୋଇଛି।

ଗଞ୍ଜୋଡ଼ ମୂଷାଙ୍କର ପ୍ରାଦୁର୍ଭାବ କେବଳ ଭାରତରେ ସୀମିତ ନୁହେଁ। ୨୦୨୪ରେ ଆମେରିକାର ହଷ୍ଟନ୍ ଟେକ୍ସାସ୍‌ରେ ମୂଷାମାନେ ମାଲ୍‌ଖାନାରୁ ବିପୁଳ ପରିମାଣର ଗଞ୍ଜେଇ ଖାଇ ଦେଇଥିବା ପୁଲିସ୍ ରିପୋର୍ଟ କରିବା ପରେ ମୂଷାମାନେ ଗଞ୍ଜୋଡ଼ ହୋଇସାରିଥିବା ସେଠାକାର ଫରେନ୍‌ସିକ୍ ସାଇନ୍ସର ନିର୍ଦ୍ଦେଶକ ବ୍ୟଙ୍ଗାତ୍ମକ ଟିପ୍ପଣୀ କରିଥିଲେ। ଏହାପରେ ମୂଷାମାନେ ସତରେ ଗଞ୍ଜେଇ ପ୍ରତି ଆସକ୍ତ ହେଉଛନ୍ତି କି ନାହିଁ ଏବଂ ପୁଲିସ୍ ମିଛ କହୁଛି କି ସତ; ତାହା ଜାଣିବା ପାଇଁ ଏକ ବିଧିବଦ୍ଧ ଗବେଷଣା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ବ୍ରିଟିଶ୍ କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନୀଙ୍କ ଦ୍ୱାରା ୨୦୧୬ରେ ସମ୍ପନ୍ନ ଏହି ଗବେଷଣାରେ ୨୯ଟି ମୂଷାକୁ ବିଶେଷ ତାଲିମ୍ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏକ କଠିନ ଓ ଏକ ସରଳ ଏଭଳି ଦୁଇଟି କାର୍ଯ୍ୟ କରିବାକୁ ମୂଷାମାନଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ସବୁମୂଷା କଠିନ କାର୍ଯ୍ୟଟି କରିବାକୁ ଅଧିକ ପସନ୍ଦ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କୁ ଗଞ୍ଜେଇ ଖାଇବାକୁ ଦେଇ ପୁଣି ନିର୍ଦ୍ଦେଶ ଦେବା ପରେ ସେମାନେ ଅପେକ୍ଷାକୃତ ସହଜ କାର୍ଯ୍ୟଟି କରିଥିଲେ। ବୈଜ୍ଞାନିକମାନଙ୍କ ନିଷ୍କର୍ଷ ଥିଲା ଗଞ୍ଜେଇ ଖାଇବା ପରେ ମୂଷାମାନେ ଅଳସୁଆ ଓ କର୍ମକୁଣ୍ଠ ହୋଇପଡ଼ନ୍ତି। ତେଣୁ ଗଞ୍ଜେଇ, ମଦ ଆଦି ନିଶାଦ୍ରବ୍ୟଠାରୁ ମୂଷାମାନେ ଯଥାସମ୍ଭବ ଦୂରତ୍ୱ ରକ୍ଷା କରନ୍ତି।

ଏହି ସିଦ୍ଧାନ୍ତ ସହିତ ନିକଟରେ ଝାଡ଼ଖଣ୍ଡର ଘଟଣାକୁ ମିଶାଇ ତର୍ଜମା କଲେ କେବଳ ଢୋଲ ଭିତରେ ନୁହେଁ ପୁଲିସ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିବା ମାଲ୍‌ଖାନାରେ ମଧ୍ୟ ମୂଷା(ଦୁର୍ନୀତି ଓ ତୋଷରପାତ)ର ପ୍ରାଦୁର୍ଭାବ କେତେ ତାହା ସହଜେ ଅନୁମେୟ। ଏଠାରେ ଦୁଇଟି ପ୍ରସଙ୍ଗ ଆଲୋଚନାର ଅପେକ୍ଷା ରଖେ। ପ୍ରଥମତଃ, ଯେଉଁ ମାମଲା ସହିତ ମୂଷାମାନଙ୍କ ଅପବାଦ ଜଡ଼ିତ ତାହାର ବିଚାର ପ୍ରକ୍ରିୟା ବର୍ଷ ବର୍ଷ ଧରି ଗଡ଼ି ଚାଲିଥିଲା। ଚୋରାଚାଲାଣ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଜବତ ସାମଗ୍ରୀକୁ ଅଦାଲତରେ ଉପସ୍ଥାପନା ଜରୁରୀ ହୋଇଥିବା ବେଳେ ସେଥିରେ କାହିଁକି ଅଯଥା ବିଳମ୍ବ ଘଟୁଛି ତାହା ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୁକ୍ତକୁ ଦୋଷୀ ପ୍ରମାଣିତ କରିବା ପାଇଁ ଆବଶ୍ୟକ ଜବତ ସମାଗ୍ରୀକୁ ବର୍ଷ ବର୍ଷ ଧରି ହେପାଜତରେ ରଖିବା ସବୁବେଳେ ସମ୍ଭବ ହୋଇନ ପାରେ। ତେଣୁ ଆମ ନ୍ୟାୟିକ ବ୍ୟବସ୍ଥାରେ ଥିବା ବିଳମ୍ବ ଓ ବିଭ୍ରାଟକୁ ଗଞ୍ଜୋଡ଼ ମୂଷାମାନେ ଅନ୍ତତଃ ସାମ୍ନାକୁ ଆଣିବାକୁ ସକ୍ଷମ ହୋଇପାରିଛନ୍ତି। ଦ୍ୱିତୀୟରେ ଅପରାଧ ଓ ଦୁର୍ନୀତି ନିୟନ୍ତ୍ରଣ ଦାୟିତ୍ୱରେ ଥିବା ପୁଲିସ୍ ହିଁ କିଭଳି ଅସାଧୁ ଉପାୟ ଅବଲମ୍ବନ କରିପାରେ ତାହା ପ୍ରମାଣିତ ହେଉଛି, ଯେଉଁଥିରେ ଅଦାଲତ ମଧ୍ୟ ଉପାୟଶୂନ୍ୟ ଓ ଅସହାୟ ହୋଇପଡୁଥିବା ଦେଖାଯାଉଛି। ଏ ସମସ୍ତ ଘଟଣାରେ ମୂଷାମାନେ ଗଞ୍ଜୋଡ଼ର ଅପବାଦ ଓ ଆରୋପ ନିଜ ଉପରକୁ ନିଅନ୍ତୁ ପଛକେ ହ୍ୱିସିଲ୍‌ବ୍ଲୋୟରର କାମଟି ତ କରିପାରିଛନ୍ତି, ତାହା ସ୍ୱୀକାର କରିବାକୁ ପଡ଼ିବ। ତେଣୁ ଗଞ୍ଜୋଡ଼ ମୂଷାମାନେ ମଧ୍ୟ ପୁରସ୍କାର ଓ ସମ୍ମାନର ହକ୍‌ଦାର ବୋଲି କହିବାରେ ଦ୍ୱିଧା ନାହିଁ।

## ଭାରତରେ ଦ୍ରୁତବିକାଶ ମାର୍ଗ

ଡ. ବିମଳ ଷଡ଼ଙ୍ଗୀ

ଭାରତ ଓ ଚୀନ୍ ବିଶ୍ୱର ଦୁଇ ବୃହତ ମାନବସମ୍ବଳ ସମୃଦ୍ଧ ରାଷ୍ଟ୍ର। ଦୁଇ ରାଷ୍ଟ୍ର ପ୍ରାୟ ଗୋଟିଏ ସମୟରେ ଉପନିବେଶୀୟ ପଞ୍ଝାରୁ ମୁକ୍ତ ହୋଇ ଆଧୁନିକ ରାଷ୍ଟ୍ର ଗଢ଼ିବାକୁ ଆରମ୍ଭ କରିଥିଲେ। ଉଭୟ ରାଷ୍ଟ୍ରର ପୁରାତନ ସଭ୍ୟତା, ଇତିହାସ, ସଂସ୍କୃତି ଓ ମାନବସମ୍ବଳ ଅତ୍ୟନ୍ତ ସମୃଦ୍ଧ। କିନ୍ତୁ ବର୍ତ୍ତମାନ ସମୟରେ ଅର୍ଥ, ଶିଳ୍ପ, ଭିତ୍ତିଭୂମି ବିକାଶ ଆଦି କ୍ଷେତ୍ରରେ ବିଶ୍ୱରେ ଚୀନର ପ୍ରଭାବ ଭାରତଠାରୁ ବହୁଗୁଣରେ ଆଗୁଆ। ଏହି ତାରତମ୍ୟ ପଛରେ ଅନେକ ଗଠନାତ୍ମକ ଓ ପ୍ରଶାସନିକ କାରଣ ରହିଛି।

୧୯୪୯-୧୯୫୭ ମସିହା ପର୍ଯ୍ୟନ୍ତ ଚୀନରେ ଭୂସଂସ୍କାର ମାଧ୍ୟମରେ ଜମିଦାରୀ ପ୍ରଥାର ଉଚ୍ଛେଦ କରାଯାଇ ଚାଷୀମାନଙ୍କୁ ଜମି ଅଧିକାର ଦିଆଯାଇଥିଲା। ଶିଳ୍ପ, ବ୍ୟାଙ୍କ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବହନ ବ୍ୟବସ୍ଥାକୁ ରାଷ୍ଟ୍ରୀୟକରଣ କରାଯାଇଥିଲା। କୃଷିପ୍ରଧାନ ଦେଶରୁ ଶିଳ୍ପସମୃଦ୍ଧ ସମାଜବାଦୀ ଦେଶ ଗଠନ କରିବା ଲକ୍ଷ୍ୟରେ ଚୀନରେ ୧୯୫୮-୧୯୬୧ମସିହାରେ 'ଗ୍ରେଟ୍ ଲିପ୍ ଫରୱାର୍ଡ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗ୍ରାମୀଣ ସ୍ତରକୁ ଯାତାୟାତ ସୁବିଧା ସହିତ ଓ ତ୍ୱରିତ ଇସ୍ପାତ ଉତ୍ପାଦନ ଯୋଜନାକୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତ୍ରୁଟିପୂର୍ଣ୍ଣ ଯୋଜନା ଓ ପ୍ରଶାସନିକ ବିଫଳତା ଯୋଗୁଁ ଚୀନ୍‌ରେ ଭୟାବହ ଖାଦ୍ୟ ସଙ୍କଟ ଦେଖାଦେଇଥିଲା। ଏହି ଦୁର୍ଗତିରୁ ଚୀନ ନିଜର ଭୁଲ ସୁଧାରିବାର ମାର୍ଗ ପାଇବାରେ ସଫଳ ହୋଇଥିଲା। ୧୯୬୬-୧୯୭୬ ମସିହା ମଧ୍ୟରେ 'ପୁରୁଣା ଚିନ୍ତାଧାରା' ସମୂହକୁ ନିର୍ମୂଳ କରିବା ଫଳରେ ଚୀନର ବିକାଶଧାରା ନିମ୍ନଗାମୀ ହୋଇଥିଲା। ମାତ୍ର ୧୯୯୦ ମସିହା ବେଳକୁ ଆର୍ଥିକ ବ୍ୟବସ୍ଥା ବିକାଶରେ ନିର୍ଣ୍ଣାୟକ ହୋଇଥିଲା। ୧୯୯୦-୨୦୦୮ ମସିହା ମଧ୍ୟରେ ବିଶ୍ୱ ବାଣିଜ୍ୟ ସଂଗଠନ ସଦସ୍ୟତା ଯୋଗୁଁ ଚୀନ ନିଜକୁ ବିଶ୍ୱବଜାର ସହ ଦୃଢ଼ ଭାବେ ଯୋଡ଼ି ପାରିଥିଲା। ଚୀନର କୋଟିକୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଥିଲେ। ୨୦୦୮-୨୦୧୫ ମସିହା ମଧ୍ୟରେ ଚୀନ୍ ନିଜର ଉଚ୍ଚଗତି ସମ୍ପନ୍ନ ରେଳ ଚଳାଚଳ, ମେଟ୍ରୋ, ସ୍ମାର୍ଟ ସିଟି ଓ ଶକ୍ତି ପ୍ରକଳ୍ପ ଆଦି ଦ୍ୱାରା ବିଶାଳ ଭିତ୍ତିଭୂମି ବିକାଶ ଓ ସହରୀକରଣକୁ ତ୍ୱରାନ୍ୱିତ କରିବା ସହିତ ୫-ଜି, କୃତ୍ରିମ ବୁଦ୍ଧିମତ୍ତା ଓ ସବୁଜ ଶକ୍ତିରେ ନିବେଶକୁ ଅଧିକ ଗୁରୁତ୍ୱ ଦେଲା। ଚୀନର ଦ୍ରୁତ ବିକାଶର ମୁଖ୍ୟ କାରଣ ହେଉଛି ଦୀର୍ଘକାଳୀନ ଯୋଜନା, ଭୁଲ ବ୍ୟବସ୍ଥାର ତ୍ୱରିତ ପରିବର୍ତ୍ତନ ଓ ନୀତିର ସଠିକ ପାଳନ।

ଅପରପକ୍ଷରେ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ କେନ୍ଦ୍ର ଓ ରାଜ୍ୟରେ ସରକାର ପରିବର୍ତ୍ତନ ସହିତ ଜନହିତକର ପୁରୁଣା ଯୋଜନାଗୁଡ଼ିକ ବନ୍ଦ ହୋଇ ନୂଆ ଯୋଜନା ଘୋଷଣା ହୁଏ। ତେଣୁ ପୁରୁଣା ଯୋଜନା କାର୍ଯ୍ୟକାରିତାରେ ମିଳିଥିବା ଅଭିଜ୍ଞତା ମୂଲ୍ୟହୀନ ସାବ୍ୟସ୍ତ ହୁଏ। ବିନା ଅଭିଜ୍ଞତା ଓ ସଠିକନୀତି ବିନା କାର୍ଯ୍ୟକାରୀ ହେଉଥିବା ନୂଆ ଯୋଜନାରେ ବିକାଶର ଧାରା ବାଧାପ୍ରାପ୍ତ ହୋଇଥାଏ। ଶାସକ ଦଳ ପରିବର୍ତ୍ତନ ହେଲେ ଚୌକିଠାରୁ ଆରମ୍ଭ କରି ବାସନକୁସନ, ଘର, ନାମ ଓ ରଙ୍ଗ ପରିବର୍ତ୍ତନରେ କୋଟି କୋଟି ଅର୍ଥ ବ୍ୟୟ କରିବାରେ ବ୍ୟସ୍ତ ହୁଅନ୍ତି। ଏହିକ୍ରମରେ ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚନ ପରେ ରାଷ୍ଟ୍ର ସମ୍ପତ୍ତି ନଷ୍ଟ ହୁଏ। ପ୍ରତ୍ୟେକ ଦୀର୍ଘମିଆଦୀ ଯୋଜନାର ସଫଳତା ପାଇଁ ଗତିଶୀଳତା, କାର୍ଯ୍ୟକାରିତାରେ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ଅତ୍ୟାବଶ୍ୟକ ଥାଏ, ଯାହା ଭାରତରେ ପ୍ରାୟ ଦେଖାଯାଏ ନାହିଁ।

ଚୀନର ଦ୍ରୁତ ବିକାଶର ଆଉ ଏକ ମୁଖ୍ୟ ଆଧାର ହେଉଛି ଶିଳ୍ପଭିତ୍ତିକ ଅର୍ଥନୀତି। ଚୀନ୍ ଆରମ୍ଭରୁ ଶିଳ୍ପକୁ ଚାକିରି ସୃଷ୍ଟିର ପ୍ରମୁଖ ମାଧ୍ୟମ ଭାବେ ଦେଖିଥିଲା। ବିଶେଷ ଆର୍ଥିକ ଅଞ୍ଚଳ, ସହଜ ନିୟମ, ସୁଲଭ ବିଦ୍ୟୁତ ସଂଯୋଗୀକରଣ, ଦେଶ ଓ ବିଦେଶ ଚାହିଦାଭିତ୍ତିକ ଗୁଣାତ୍ମକ ଉତ୍ପାଦ, ବଜାରୀକରଣ, ଉତ୍ତମ ପରିବହନ ବ୍ୟବସ୍ଥା ମାଧ୍ୟମରେ ଦେଶୀ ଓ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରାଯାଇଥିଲା। ଫଳରେ କୋଟିକୋଟି ଲୋକଙ୍କୁ ଚାକିରି ମିଳିଲା, ଯାହା ଚୀନକୁ ବିଶ୍ୱର କାରଖାନା ଭାବେ ପରିଚିତ କରାଇଥିଲା। ଭାରତରେ କେବଳ ଭୋଟକୁ ଦୃଷ୍ଟିରେ ରଖି କ୍ଷମତା ହାସଲ ପାଇଁ ଶସ୍ତା ଲୋକପ୍ରିୟ ଯୋଜନା ଘୋଷଣା ହେଲା। ଏହା ଦ୍ରୁତ ହେଲେ ମଧ୍ୟ ଶିଳ୍ପ ବିକାଶ ଚୀନ ଅନୁରୂପ ମଜଭୁତ ହୋଇପାରିଲା ନାହିଁ। ଜମି ଅଧିଗ୍ରହଣ, ଶ୍ରମ ଆଇନ, ଦୁର୍ନୀତି ଓ ଭିତ୍ତିଭୂମିର ଅଭାବ ଶିଳ୍ପ ବିକାଶରେ ବାଧା ସୃଷ୍ଟି କଲା। ଫଳରେ ଭାରତ ନିଜର ବିଶାଳ ଯୁବଶକ୍ତି ପାଇଁ ପର୍ଯ୍ୟାପ୍ତ ଚାକିରି ସୃଷ୍ଟି କରିବାରେ ବିଫଳ ହେଲା। ଏହାର ନିକଟତମ ଉଦାହରଣ ହେଲା ଓଡ଼ିଶାରେ 'ହୋମ୍‌ଗାର୍ଡ' ଚାକିରି ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଭିଡ଼ ଓ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା।

ଭିତ୍ତିଭୂମିର ବିକାଶ ମଧ୍ୟ ଏହି ଚୀନ୍-ଭାରତ ବିକାଶ ପାର୍ଥକ୍ୟର ଆଉ ଏକ ବଡ଼ କାରଣ। ଚୀନ୍ ଖୁବ କମ ସମୟରେ ରାଜପଥ, ରେଳପଥ, ବନ୍ଦର, ବିମାନବନ୍ଦର ଓ ବିଦ୍ୟୁତ କେନ୍ଦ୍ର ନିର୍ମାଣ କରିଥିଲା। ଏହା ଉତ୍ପାଦନ ଓ ପରିବହନ ଖର୍ଚ୍ଚ କମାଇ ଅର୍ଥନୀତିର ଅଗ୍ରଗତିରେ ସହାୟକ ହୋଇଥିଲା। ଭାରତରେ ଏହି ପ୍ରକ୍ରିୟା ଧୀର ଓ ଦୁର୍ନୀତିଯୁକ୍ତ ହୋଇଥିବାରୁ ଶିଳ୍ପ ଓ ବ୍ୟବସାୟ ପ୍ରଭାବିତ ହୋଇ ଆସୁଛି। ଜନସଂଖ୍ୟା ନିୟନ୍ତ୍ରଣରେ ମଧ୍ୟ ଚୀନ୍ ଭାରତଠାରୁ ଆଗୁଆ। ଚୀନ୍ ଆରମ୍ଭରୁ କଠୋର ନୀତି ଗ୍ରହଣ କରି ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲା। ଏହା ଦେଶକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସସ୍ଥାନ ବିକାଶରେ ଅଧିକ ନିବେଶ କରିବାର ସୁଯୋଗ ଦେଇଥିଲା। ଭାରତରେ ଅନିୟନ୍ତ୍ରିତ ଜନସଂଖ୍ୟା ବିକାଶର ଧାରାକୁ ମନ୍ଥର କରିଛି। ଶିକ୍ଷା ଓ କୌଶଳ ବିକାଶରେ ମଧ୍ୟ ଦୁଇ ଦେଶରେ ପାର୍ଥକ୍ୟ ରହିଛି। ଚୀନର ଶିକ୍ଷା ପ୍ରଣାଳୀ ଶିଳ୍ପ ଆବଶ୍ୟକତା ସହ ସଂପୃକ୍ତ। ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟ ଘରୋଇକରଣରେ ଅଧିକ ଦୂଷିତ। ବିନା ଭିତ୍ତିଭୂମି, ଛଦ୍ମବେଶୀ ଶିକ୍ଷକ, ତଞ୍ଚକତାପୂର୍ଣ୍ଣ ଯାଞ୍ଚ ବ୍ୟବସ୍ଥାରେ ଆଜି ବୈଷୟିକ ଶିକ୍ଷା, ଡାକ୍ତରୀ ଶିକ୍ଷା ଓ ସାଧାରଣ ଶିକ୍ଷାକୁ କଳୁଷିତ କରିଛି। ବିନା ଜ୍ଞାନକୌଶଳରେ କେବଳ କାଗଜ ଡିଗ୍ରୀଧାରୀଙ୍କ ସଂଖ୍ୟା ବୃଦ୍ଧି ଶିକ୍ଷିତ ବେକାରୀଙ୍କୁ ବଢ଼ାଇ ଚାଲିଛି, ଯାହା ଭାରତର ବିକାଶଧାରାରେ ବର୍ଷ ବର୍ଷ ଧରି ବାଧକ ସାଜିଛି ଓ ଚାଲିବ ମଧ୍ୟ।

ଏ ସବୁ ସତ୍ତ୍ୱେ ଭାରତର ପାଖରେ ଲୋକତନ୍ତ୍ର, ଯୁବଶକ୍ତି ଓ ନବଚିନ୍ତନର ଅପାର ସମ୍ଭାବନା ରହିଛି। ସଠିକ୍ ନୀତି ଓ ଦୃଢ଼ କାର୍ଯ୍ୟାନ୍ୱୟନ ସହ ଭାରତ ମଧ୍ୟ ଦ୍ରୁତ ବିକାଶ ପଥରେ ଆଗୁଆ ହୋଇପାରିବ। ସ୍ୱାଧୀନତା ପରେ ଭାରତର ବିକାଶଯାତ୍ରା ବହୁ ଉତ୍ଥାନପତନରେ ଭରି ରହିଛି। ସଫଳତା ସହିତ ସମସ୍ୟା ମଧ୍ୟ ରହିଛି। ତଥାପି, ଗଣତନ୍ତ୍ର, ବିବିଧତା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ରକ୍ଷା କରି ଆଗକୁ ବଢ଼ିବା ହେଉଛି ଭାରତୀୟ ବିକାଶର ମୂଳ ଶକ୍ତି। ଚୀନ୍ ସହିତ ସମକକ୍ଷ ହେବା ପାଇଁ ଭାରତରେ ସରକାରୀ ଭାଗିଦାରୀରେ ଶିକ୍ଷା ସହିତ ସ୍ୱାସ୍ଥ୍ୟ ଓ ସୁଷମ ପୋଷଣର ଲକ୍ଷ୍ୟକୁ ଆଗକୁ ନେବାକୁ ପଡ଼ିବ। ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ଜାତୀୟକରଣ କରିବାକୁ ପଡ଼ିବ। ରାସ୍ତା, ରେଳ, ବନ୍ଦର, ବିଦ୍ୟୁତ ଭଳି ଢାଞ୍ଚାଗତ ବିକାଶରେ ନିବେଶର ଦ୍ୱାର ଖୋଲା ରଖି ଘରୋଇ ଉଦ୍ୟୋଗ ଭାଗିଦାରୀରେ ବିକାଶ ବୃଦ୍ଧି କରିବାକୁ ପଡ଼ିବ। ଦଳୀୟ ଭାବନା ଉର୍ଦ୍ଧ୍ୱରେ ଦେଶର ସ୍ୱାର୍ଥକୁ ଆଗରେ ରଖି ଭ୍ରଷ୍ଟାଚାରମୁକ୍ତ ହେବାକୁ ପଡ଼ିବ। ଦେଶ ଓ ବିଦେଶ ଚାହିଦାଭିତ୍ତିକ ଗୁଣାତ୍ମକ ଉତ୍ପାଦ ଏବଂ ତାହାର ବଜାର ସହିତ ରପ୍ତାନିକୁ ଆମଦାନୀର ବିକଳ୍ପ ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏହାଦ୍ୱାରା ବିଶ୍ୱ ବଜାରରେ ଭାରତ ମଧ୍ୟ 'ମେକ୍ ଇନ ଇଣ୍ଡିଆ' ଦ୍ୱାରା ନିଜ ସ୍ଥାନ ଦୃଢ଼ କରିପାରିବ।

ନିଷ୍ପତ୍ତି, ଶୃଙ୍ଖଳା, ଦୁର୍ନୀତିମୁକ୍ତ ଶାସନ ଭାରତକୁ ଚୀନ ତୁଳନାରେ ଅଧିକ ଶକ୍ତିଶାଳୀ କରିପାରିବ। ଭାରତରେ ଯୋଜନା ଭଲ; କିନ୍ତୁ କାର୍ଯ୍ୟାନ୍ୱୟନରେ ଅନେକ ସମସ୍ୟା ସହିତ ଲାଲଫିତା ତଳେ ଚାପି ରହି ସମନ୍ୱୟ ଅଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଭାରତର ଭାଷା, ଧର୍ମ, ଜାତିଗତ ବିବିଧତା ଗଣତନ୍ତ୍ରକୁ ଶକ୍ତି ଦେଲେ ମଧ୍ୟ ବେଳେବେଳେ ବିକାଶ ଉପରେ ରାଜନୈତିକ ଧ୍ୟାନ ଏହାକୁ ସଂକୁଚିତ କରିଦେଇଥାଏ। ଭାରତ ଚୀନ ପରି ସମାନ ଭାବେ ବିକଶିତ ନ ହେବାର କାରଣ କୌଣସି ଗୋଟିଏ ତତ୍ତ୍ୱ ନୁହେଁ; ଏହା ଏକ ସଂଯୁକ୍ତ ପରିଣାମ। ତଥାପି ଏହା ମନେ ରଖିବା ଆବଶ୍ୟକ ଯେ ଭାରତ ଗଣତନ୍ତ୍ର, ସ୍ୱାଧୀନତା ଓ ମୂଲ୍ୟବୋଧକୁ ରକ୍ଷା କରି ବିକାଶ କରୁଛି, ଯାହା ଚୀନ ମଡେଲ୍‌ରେ ଅନୁପସ୍ଥିତ। ବିକାଶ ଓ ଦାରିଦ୍ର୍ୟ ମଧ୍ୟରେ ଥିବା ଏହି ଦୂରତା ଭାରତର ସବୁଠାରୁ ବଡ଼ ଆହ୍ୱାନ। ତେଣୁ ପ୍ରାଥମିକ ପଦକ୍ଷେପ ଭାବରେ ଅତୀତରେ ସରକାରଙ୍କ ଦ୍ୱାରା ଯେପରି ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ କରାଯିବାର ଦୃଢ଼ ପଦକ୍ଷେପ ନିଆଯାଇଥିଲା ସେହିପରି ଯଦି ଆମ ସରକାର ଲାଭଖୋର ଘରୋଇ ଶିକ୍ଷା ବ୍ୟବସ୍ଥାକୁ ଉଚ୍ଛେଦ କରି ରାଷ୍ଟ୍ରୀୟକରଣ କରିପାରିବେ ତେବେ ଭାରତର ବିକାଶକୁ କେହି ରୋକିପାରିବେ ନାହିଁ। ତତସହିତ ଆବଶ୍ୟକ ହେଉଛି ରୋଜଗାର ସୃଷ୍ଟିକାରୀ ଆର୍ଥିକ ବିକାଶ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ପ୍ରକୃତିର ଦାନ ହେନ୍ତାଳ ବନ

ହିମାଂଶୁ ଶେଖର ଫତେସିଂହ

ଭାରତର ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳ ଅନ୍ତର୍ଗତ ସମୁଦ୍ର ତଟବର୍ତ୍ତୀ ଜୁଆରିଆ, ଆର୍ଦ୍ର, ବାଲିଆ ଭୂମିରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ଉଦ୍ଭିଦ ଦେଖାଯା'ନ୍ତି, ଯାହାକୁ ଲୁଣା ବା ହେନ୍ତାଳ ଉଦ୍ଭିଦ କୁହାଯାଏ। ଏହି ଉଦ୍ଭିଦଗୁଡ଼ିକର ଅରଣ୍ୟକୁ ଲୁଣା ଜଙ୍ଗଲ ବା ହେନ୍ତାଳ ବନ କୁହାଯାଏ। ଉପକୂଳ ପରିବେଶ ସୁରକ୍ଷାରେ ଏହି ଅରଣ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମୁଦ୍ରିକ ଝଡ଼, ମହାବାତ୍ୟା, ସୁନାମି ଆଦି ପ୍ରାକୃତିକ ଦୁର୍ବିପାକରେ ଏହି ଅରଣ୍ୟ ସମୁଦ୍ର ଉପକୂଳରେ ସୁରକ୍ଷା କବଚ ପରି କାର୍ଯ୍ୟ କରିଥାଏ। ସମୁଦ୍ର ଉପକୂଳରେ ମୃତ୍ତିକା କ୍ଷୟକୁ ଏହା ପ୍ରତିରୋଧ କରିଥାଏ। ବହୁ ପ୍ରଜାତିର ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଓ ଅନ୍ୟାନ୍ୟ ଦୁର୍ଲଭ ସାମୁଦ୍ରିକ ଜୀବଙ୍କର ଏହା ଏକ ପ୍ରକୃଷ୍ଟ ଆବାସସ୍ଥଳୀ। ଏହା ବ୍ୟତୀତ ଏହି ଅରଣ୍ୟରୁ କାଠ, ମହୁ, ତେଲ ଓ ବହୁ ଜଙ୍ଗଲଜାତ ଦ୍ରବ୍ୟ ଉପଲବ୍ଧ ହୋଇଥାଏ।

ଜୁଆରିଆ ଲୁଣା ଜଙ୍ଗଲରେ ଉଦ୍ଭିଦଗୁଡ଼ିକରେ କାଣ୍ଡରୁ ବହୁସଂଖ୍ୟାରେ ଠେସ ମୂଳ ବାହାରି ଉଦ୍ଭିଦକୁ ସିଧା ରଖିଥାଏ। ଚେରରୁ ଶାଖା ବାହରି ମାଟି ଉପରକୁ ଉଠିଥାଏ। ଏହି ଚେରଗୁଡ଼ିକର ଅଗ୍ରଭାଗରେ ଥିବା ଶ୍ୱସନ ରନ୍ଧ୍ର ଯୋଗେ ଉଦ୍ଭିଦ ଶ୍ୱାସକ୍ରିୟା କରିଥାଏ। ଫଳ ବୃକ୍ଷରେ ଲାଗିଥିବା ଅବସ୍ଥାରେ ମଞ୍ଜିରୁ ଗଜା ବାହାରିଥାଏ। ତେଣୁ ଏହି ମଞ୍ଜି ମାଟିରେ ପଡ଼ିବା ମାତ୍ରେ ଏହାର ଚେର ମାଟି ଭିତରକୁ ପଶି ଏକ ନୂତନ ଉଦ୍ଭିଦ ଜନ୍ମ ନେଇଥାଏ। ତେଣୁ ସମୁଦ୍ର ଜୁଆରରେ ଏହାର ମଞ୍ଜିଗୁଡ଼ିକ ଭାସି ଯିବାର ଆଶଙ୍କା ରହେ ନାହିଁ। ସମୁଦ୍ର ତଟବର୍ତ୍ତୀ ଲବଣାକ୍ତ ଜଳବାୟୁ ଓ ଜଳରେ ବଂଶ ବିସ୍ତାର ଏଗୁଡ଼ିକର ସ୍ୱତନ୍ତ୍ର ସାମର୍ଥ୍ୟ ରହିଥାଏ।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଉପଗ୍ରହ ଯୋଗେ ପ୍ରତି ଦୁଇବର୍ଷରେ ଥରେ ଭାରତର ଜଙ୍ଗଲ ପରିମାଣ ଆକଳନ କରି ଆସୁଛି। ଏହି ସଂସ୍ଥା ତରଫରୁ ପ୍ରକାଶିତ ଭାରତର ଜଙ୍ଗଲ ସ୍ଥିତି-୨୦୨୩ରେ ଭାରତର ବିଭିନ୍ନ ରାଜ୍ୟରେ ସର୍ବମୋଟ ୪୯୯୧. ୬୮ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଥିବାର ଆକଳନ କରାଯାଇଛି। ୨୦୨୧ ମସିହାରେ ଏହି ପରିମାଣ ଥିଲା ୪୯୯୯.୧୧ ବର୍ଗ କିମି। ଅର୍ଥାତ ଦୁଇ ବର୍ଷ ମଧ୍ୟରେ ଭାରତରେ ବିଭିନ୍ନ କାରଣରୁ ୭.୪୩ ବର୍ଗ କିମି ପରିମାଣର ହେନ୍ତାଳ ବନ ହ୍ରାସ ପାଇଥିବାର ଜଣାପଡ଼ିଛି। ଭାରତର ହେନ୍ତାଳ ବନ ମଧ୍ୟରୁ ୧୪୬୪ ବର୍ଗ କିମି ଅତିଘନ ହେନ୍ତାଳ ବନ, ୧୫୦୧ ବର୍ଗ କିମି ମଧ୍ୟମ-ଘନ ହେନ୍ତାଳ ବନ ଓ ୨୦୨୭ ବର୍ଗ କିମି ମୁକ୍ତ ହେନ୍ତାଳ ବନ ରହିଛି। ପଶ୍ଚିମବଙ୍ଗରେ ସର୍ବାଧିକ ପରିମାଣର ୨୧୧୯.୧୬ ବର୍ଗ କିମିର ହେନ୍ତାଳ ବନ ରହିଛି। ଏହା ଭାରତର ମୋଟ ହେନ୍ତାଳ ବନର ୪୨.୪୫ ପ୍ରତିଶତ। ପଶ୍ଚିମବଙ୍ଗର କେବଳ ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାରେ ୨୦୮୮.୮୮ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଛି। ଏହାବ୍ୟତୀତ ଗୁଜୁରାଟରେ ୧୧୬୪ ବର୍ଗ କିମି, ଆଣ୍ଡାମାନ ନିକୋବରରେ ୬୦୮.୨୯ ବର୍ଗ କିମି, ଆନ୍ଧ୍ରପ୍ରଦେଶରେ ୪୨୧.୪୩ ବର୍ଗ କିମି, ମହାରାଷ୍ଟ୍ରରେ ୩୧୫ ବର୍ଗ କିମି, ଓଡ଼ିଶାରେ ୨୫୯ ବର୍ଗ କିମି, ତାମିଲନାଡୁରେ ୪୨ ବର୍ଗ କିମି, ଗୋଆରେ ୩୧ ବର୍ଗ କିମି, କର୍ଣ୍ଣାଟକରେ ୧୪.୨ ବର୍ଗ କିମି ଓ କେରଳରେ ୯.୪୫ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଛି।

ଓଡ଼ିଶାରେ କ୍ରମାଗତ ଭାବରେ ହେନ୍ତାଳ ବନ ବୃଦ୍ଧି ପାଇଚାଲିଛି। ୧୯୮୭ ମସିହାରେ ରାଜ୍ୟରେ ୧୯୯ ବର୍ଗ କମି ପରିମିତ ହେନ୍ତାଳ ବନ ରହିଥିବା ବେଳେ ୨୦୦୧ ମସିହାରେ ୨୧୯ ବର୍ଗ କିମି, ୨୦୧୧ ମସିହାରେ ୨୨୨ ବର୍ଗ କିମି ଓ ୨୦୨୧ ମସିହାରେ ୨୫୭.୫୧ ବର୍ଗ କିମିକୁ ଏହି ବନ ପରିମାଣ ବୃଦ୍ଧି ପାଇଛି। ୨୦୨୧-୨୩ ମଧ୍ୟରେ ଓଡ଼ିଶାରେ ୧.୫୫ ଗର୍ଗ କିମି ପରିମିତ ହେନ୍ତାଳ ବନ ବୃଦ୍ଧି ପାଇ ୨୫୯ ବର୍ଗ କିମିରେ ପହଞ୍ଚିଛି। ଓଡ଼ିଶାରେ ଭାରତର ସମୁଦାୟ ହେନ୍ତାଳ ବନର ମାତ୍ର ୫.୧୯ ପ୍ରତିଶତ ରହିଛି। ସେଥିମଧ୍ୟରୁ ୮୧.୬୭ ବର୍ଗ କିମି ଅତିଘନ, ୯୪.୬୧ ବର୍ଗ କିମି ମଧ୍ୟମ-ଘନ ଓ ୮୨.୭୮ ବର୍ଗ କିମି ମୁକ୍ତ ହେନ୍ତାଳ ବନ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ସର୍ବାଧିକ ୨୧୨.୬୯ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଥିବା ବେଳେ ଭଦ୍ରକ ଜିଲ୍ଲାରେ ୩୨.୩୯ ବର୍ଗ କିମି, ବାଲେଶ୍ୱର ଜିଲ୍ଲାରେ ୪.୮୨ ବର୍ଗ କିମି ଓ ପୁରୀ ଜିଲ୍ଲାରେ ୦.୭୪ ବର୍ଗ କିମି ପରିମିତ ହେନ୍ତାଳ ବନ ରହିଛି।

ଓଡ଼ିଶାରେ ହେନ୍ତାଳ ବନ ମୁଖ୍ୟତଃ ମହାନଦୀର ତ୍ରିକୋଣ ଭୂମି, ଧାମରା, ବ୍ରାହ୍ମଣୀ ଓ ବୈତରଣୀ ନଦୀ ମୁହାଣରେ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ରାହ୍ମଣୀ ଓ ବୈତରଣୀ ନଦୀ ମୁହାଣ(ଧାମରା)ରେ ଅବସ୍ଥିତ ଭିତରକନିକା ବନ୍ୟଜୀବ ଅଭୟାରଣ୍ୟରେ ସୁବିସ୍ତୃତ ହେନ୍ତାଳ ବନ ରହିଛି। ୧୯୭୫ ମସିହା ଏପ୍ରିଲ ୨୨ ତାରିଖ ଦିନ ଭାରତ ସରକାର ୬୭୨ ବର୍ଗ କିମି ପରିବ୍ୟାପ୍ତ ଅଞ୍ଚଳକୁ 'ଭିତରକନିକା ବନ୍ୟଜୀବ ଅଭୟାରଣ୍ୟ' ରୂପେ ଘୋଷଣା କରିଛନ୍ତି। ଏହା ଅନ୍ତର୍ଗତ ୧୪୫ ବର୍ଗ କିମି ପରିମିତ ଅଞ୍ଚଳକୁ 'ଭିତରକନିକା ଜାତୀୟ ଉଦ୍ୟାନ' ରୂପେ ଘୋଷଣା କରାଯାଇଛି। ୨୦୦୨ ମସିହା ଅଗଷ୍ଟ ୧୯ ତାରିଖ ଦିନ ଏହାକୁ ଅନ୍ତର୍ଜାତୀୟ 'ରାମସର ସ୍ଥଳୀ'ର ମାନ୍ୟତା ମିଳିଛି। ଚିଲିକା ହ୍ରଦ ପରେ ଏହା ହେଉଛି ଓଡ଼ିଶାର ଦ୍ୱିତୀୟ 'ରାମସର' ସ୍ଥଳୀ। ଦେଶରେ ପରିଦୃଷ୍ଟ ୧୨୫ ପ୍ରଜାତି ହେନ୍ତାଳ ଉଦ୍ଭିଦ ମଧ୍ୟରୁ ଏଠାରେ ୭୩ଟି ପ୍ରଜାତିର ଦେଖାଯାଇଥାଏ। ଅନେକ ପ୍ରଜାତିର ଲୁଣା କୁମ୍ଭୀର, ସାପ, ସରୀସୃପ, ବିରଳ ରାମଲେଖନୀ କଙ୍କଡ଼ା ଆଦି ଏଠାରେ ଦେଖାଯାଇଥା'ନ୍ତି। ଭିତରକନିକା ହେନ୍ତାଳବନ ସଂଲଗ୍ନ ଗହୀରମଥା ବେଳାଭୂମି ଅଲିଭରିଡଲେ ସାମୁଦ୍ରିକ କଇଁଚଗୁଡ଼ିକର ସାମୂହିକ ଅଣ୍ଡାଦାନ ସ୍ଥଳୀ ରୂପେ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି। ହେନ୍ତାଳ ବନ ହେଉଛି ହେଉଛି ଏକ ବିରଳ ପ୍ରାକୃତିକ ସମ୍ପଦ। ଏହାର ସଂରକ୍ଷଣ ପାଇଁ ବ୍ୟାପକ ଜନସଚେତତା ସୃଷ୍ଟି କରାଯିବା ଉଚିତ।

ଗୁରୁଜଙ୍ଗ(ଖୋର୍ଦ୍ଧା), ମୋ: ୭୦୦୮ ୬୬୨୩୪୧

## ପାଦୁକ ନଳାରେ ପଇଡ଼

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ପହୁଡ଼ ଯିବା ପୂର୍ବରୁ ଶୃଂଗାର ବେଶରେ ସଜ୍ଜିତ ହୁଅନ୍ତି। ଶୃଂଗାର ରସର 'ଗୀତ ଗୋବିନ୍ଦ' ଲେଖା ଯାଇଥିବା ଖଣ୍ଡୁଆ ପାଟ ପରିଧାନ କରି ମହାପ୍ରଭୁ ପୁଷ୍ପାଳଙ୍କାରରେ ଭୂଷିତ ହୁଅନ୍ତି। ରସିକଶେଖର ଜଗନ୍ନାଥ ହାତରେ ଏକ ମଲ୍ଲିମାଳ ଧାରଣ କରି ପହୁଡ଼କୁ ଯାଆନ୍ତି ବୋଲି ଅନେକ କହନ୍ତି। ତାଙ୍କ ଶୋଇବା ରତ୍ନ ପଲଙ୍କ ତଳେ କେତେଟା ପଇଡ଼ ଓ କିଛି ଭଙ୍ଗା-ବିଡ଼ିଆ ପାନ ରଖି ଦିଆଯାଏ।

ଦିନେ ଦୁଆର ଫିଟା ପରେ ଦେଖାଗଲା ଯେ ପଲଙ୍କ ତଳେ ରଖା ଯାଇଥିବା ପଇଡ଼ ଭିତରୁ ଗୋଟିଏ ନାହିଁ। ଗର୍ଭଗୃହ ସାରା ଯେତେ ଖୋଜିଲେ ମଧ୍ୟ ତାହା ମିଳିଲା ନାହିଁ। ମନ୍ଦିର ବନ୍ଦ ହେବା ପରେ ପାଦୁକ ନଳା ବ୍ୟତୀତ ବାହାରକୁ କୌଣସି ବାଟ ନ ଥିଲା। ଜଣେ ସେବକ ଆଣ୍ଠେଇ ପଡ଼ି ଦେଖିଲେ ଯେ ପଇଡ଼ଟା ନଳା ଭିତରେ ପଶି ଯାଇଛି। ସେ ତା'କୁ ବାହାର କରିବାକୁ ଉଦ୍ୟମ କରନ୍ତେ ହାତ ବାଜି ଅଧିକ ଭିତରକୁ ପଶିଗଲା। ସବୁଚେଷ୍ଟା ବିଫଳ ହେବା ପରେ ପଇଡ଼ ପଛରେ ଅଧିକ ସମୟ ନ ଦେଇ ସେବକମାନେ ନୀତି ସମ୍ପନ୍ନରେ ତତ୍ପର ହେଲେ।

ମନ୍ଦିରରେ ନୀତି ସଂପାଦନ ପୂର୍ବରୁ ଗର୍ଭଗୃହରେ ପାଣି ଢାଳି ଧୋପଖାଳ କରିବା ଏକ ବିଧି। ସକାଳ ଧୋପଖାଳ ବେଳେ ଅଧିକ ଗରା ପାଣି ବ୍ୟବହାର କରାଯାଏ। ଏ ସବୁ ପାଣି ପାଦୁକ ନଳା ଦେଇ ବାହାରକୁ ଚାଲି ଯାଏ। ଭକ୍ତମାନେ ସେ ପାଦୁକ ପାଣିକୁ ପ୍ରସାଦ ରୂପେ ପାଆନ୍ତି। ସେଦିନ ପାଦୁକ ନଳାରେ ପଇଡ଼ ଲାଗି ଥିବାରୁ ପାଣି ବାହାରକୁ ଗଲା ନାହିଁ। ପୋଖରୀଆରେ ଜମି ରହିଲା। ତା' ପରେ ମହାପ୍ରଭୁଙ୍କର ସ୍ନାନ ହେଲା। ସେ ପାଣି ମଧ୍ୟ ବାହାରକୁ ଯାଇପାରିଲା ନାହିଁ। ଏହିପରି ସେ ଦିନ ନୀତି ଆଗକୁ ଆଗକୁ ଯେତେ ବଢ଼ିଲା, ସେତିକି ସେତିକି ଅଧିକ ପାଣି ଗର୍ଭଗୃହରେ ଜମି ରହିଲା। ସନ୍ଧ୍ୟା ବେଳକୁ ଅବସ୍ଥା ଏପରି ହେଲା ଯେ ସେଠାରେ ପିଢ଼ା ପକେଇ ସବୁ ନୀତି କରିବାକୁ ପଡ଼ିଲା।

ତା' ପର ଦିନ ସେବକମାନେ ଆସି ଦେଖିଲେ ଯେ ପାଣି ପୂର୍ବଦିନ ପରି ଗର୍ଭଗୃହରେ ଠିଆ ହୋଇଥିଲା। ତଥାପି ପିଢ଼ା ପକେଇ ମନ୍ଦିର ଧୋପଖାଳ କରାଗଲା। ତା' ପରେ ପାଣିର ପତ୍ତନ ବଢ଼ି ଯିବାରୁ ପିଢ଼ା ବୁଡ଼ି ଗଲା। ପାଦୁକ ପାଣିରେ ପାଦ ପକେଇବା ଶାସ୍ତ୍ର ବିରୁଦ୍ଧ। ମହାପ୍ରଭୁଙ୍କ ନୀତି ବନ୍ଦ ହୋଇଗଲା। ଠାକୁରମାନେ ଅଭୁକ୍ତ ରହିଲେ। ମହାପ୍ରସାଦ ସେବା କରୁଥିବା ଭକ୍ତମାନେ ମଧ୍ୟ ଉପବାସ ରହିଲେ। ବିବାହବ୍ରତ ଆଦି କାମ ବନ୍ଦ ହୋଇଗଲା। ଖବର ପାଇ ଗଜପତି ଶ୍ରୀମନ୍ଦିରରେ ପହଞ୍ଚିଲେ। ବଡ଼ପଣ୍ଡା, ରାଜଗୁରୁ, ମନ୍ତ୍ରୀ ଓ ମହନ୍ତମାନଙ୍କ ସହ ପରାମର୍ଶ କରି ସମାଧାନର ରାସ୍ତା ଖୋଜିଲେ। କାହାରି ମୁଣ୍ଡରେ କିଛି ବୁଦ୍ଧିବାଟ ଦିଶିଲା ନାହିଁ। ସମସ୍ତେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ଗଜପତି ଜଗମୋହନରେ ଅଧିଆ ପଡ଼ି ନିଉଛାଳି ହେଲେ।

ସେତେବେଳେ ବୈଶାଖ ମାସ ଥିଲା। ଧୁ ଧୁ ଖରାରେ ସାରା ପୃଥିବୀ ଜଳୁଥିଲା। ହଠାତ୍ ଆକାଶରେ ଖଣ୍ଡେ କଳା ବାଦଲ ପୁରୀ ସହରକୁ ଘୋଡ଼େଇ ଦେଲା। ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାକୁ ଲାଗିଲା। ସେମିତି ବର୍ଷା ପୁରୀବାସୀଙ୍କ ପାଇଁ ଅଭୂତପୂର୍ବ ଥିଲା। ଏହାକୁ ଏକ ଅଘଟଣ ମନେ କରି ପୁରୀବାସୀ କୁହାକୁହି ହେଲେ - 'ଆରେ ତମେ ନୀତି ବିଭ୍ରାଟ କରିବ, ଆଉ କାଳିଆ ସବୁ ଚୁପଚାପ ଦେଖୁଥିବ ବୋଲି ଭାବୁଛ? ଏବେ ସମ୍ଭାଳ।'

ସେହି ସମୟରେ ଏକ ବିରାଟ ବଜ୍ରପାତ ହେଲା। ସାରା ସହର ଆଲୁଅ ହୋଇଗଲା। ସେବକମାନେ ମନ୍ଦିରରେ ଥାଇ ଦେଖିଲେ ଯେ ପାଦୁକ ନଳାରୁ ବାହାରକୁ ଯେଉଁଠି ପାଦୁକ ବାହାରେ ବଜ୍ରପାତ ସେଇଠି ହେଲା। ପାଦୁକ ନଳାରେ ଯେଉଁବାଟେ ପଇଡ଼ଟା ପଶି ଥିଲା, ସେହି ବାଟେ ଖପ୍ କିନା ବାହାରି ଆସିଲା। ତା' ପରେ ପୋଖରୀଆରେ ଜମି ଥିବା ପାଣି ବାହାରି ଗଲା। ସବୁ ଶୁଖିଲା। କ'ଣ ହେଲା କେହି ବୁଝି ପାରୁ ନ ଥିଲେ। ରାଜା ବଡ଼ପଣ୍ଡାଙ୍କୁ ଚାହିଁଲେ। ସେ କହିଲେ- 'ମଣିମା, ଏ ସବୁ ଆପଣଙ୍କ ପ୍ରାର୍ଥନାର ଫଳ। ମହାପ୍ରଭୁ ଇନ୍ଦ୍ରଙ୍କୁ ବଜ୍ରପାତ କରିବାକୁ ଆଦେଶ ଦେଲେ। ବଜ୍ରଟା ପାଦୁକ ନଳାର ବାହାର ମୁହଁବାଟେ ଭିତରେ ପଶିଲା। ପଇଡ଼ଟାକୁ ଠେଲି ଗର୍ଭଗୃହ ବାଟେ ବାହାର କରିଦେଲା।' ରାଜା ପଇଡ଼କୁ ପରୀକ୍ଷା କରି ଦେଖଲେ ଯେ ସେଥିରେ ଟୋପାଏ ବି ପାଣି ନ ଥିଲା। ସେ ପ୍ରସାଦୀ ପଇଡ଼କୁ ମୁଣ୍ଡରେ ଲଗେଇ ସଙ୍ଗରେ ନେଇ ଉଆସକୁ ଫେରିଲେ। ଏ ପଟେ ଠାକୁରମାନଙ୍କର ନୀତି ଚାଲିଲା।

ମୋ: ୯୯୦୦୦୮୩୪୩୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ମାମଲା

# ହାଇକୋର୍ଟରେ ଜବାବ ରଖିଲେ ସରକାର

କଟକ, ୬ା୧ (ସମିସ): ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି, ବିଶେଷକରି ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରୁଥିବା ଦୁଇଟି ନିୟମକୁ ଅସାମ୍ବିଧାନିକ ଘୋଷଣା ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଥିବା ବେଳେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ୧୨ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉମେଶଚନ୍ଦ୍ର ବେହେରାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟେ, ଓଡ଼ିଶା ପଞ୍ଚାୟତ ସମିତି ଆକାଉଣ୍ଟ କାର୍ଯ୍ୟବିଧି ନିୟମାବଳୀ, ୨୦୦୨ ଗତ ସେପ୍ଟେମ୍ବର ୧୯ର ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇଥିବା ନେଇ ସରକାର ଅବଗତ କରିଥିଲେ। ଆବେଦନକାରୀ ଉକ୍ତ ଗେଜେଟ୍ ବିଜ୍ଞପ୍ତିକୁ ଚାଲେଞ୍ଜ କରିନଥିବାରୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସଂଶୋଧିତ ପିଟିସନ ଦାଖଲ କରିବାକୁ ଅନୁମତି ଲୋଡ଼ିଥିଲେ। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ସମାନ ପ୍ରସଙ୍ଗରେ ରୁଜୁ ଅନ୍ୟ ସମସ୍ତ ମାମଲାର ଏକତ୍ର ଶୁଣାଣି

### ୧୨ରେ ପୂର୍ଣ୍ଣାଙ୍ଗ ଶୁଣାଣି

କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ, ଓଡ଼ିଶା ପଞ୍ଚାୟତ ସମିତି ଆକାଉଣ୍ଟ କାର୍ଯ୍ୟବିଧି ନିୟମାବଳୀ, ୨୦୦୨ର ନିୟମ ୧୬(୧) ଓ ୧୬(୨) ପାଇଁ ବିଡିଓ ସ୍ୱାଧୀନ ଆର୍ଥିକ କ୍ଷମତା ଉପଭୋଗ କରୁଥିବା ବେଳେ ଏହା ପଞ୍ଚାୟତ ସମିତିର କ୍ଷମତାକୁ ସଙ୍କୁଚିତ କରୁଥିବା ଅଭିଯୋଗ ହୋଇଛି। ଏପରି ନିୟମ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିନା ଅନୁମୋଦନରେ ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡିଓ) ବିଲ୍ ପାସ୍ କରିପାରିବେ। ଏପରିକି, ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦସ୍ତଖତ ମିଳିବାରେ ବିଳମ୍ବ ଘଟିଲେ ବିଲ୍‌ରେ ଡିଆରଡିଏ ପିଡି ବା ଉପ-ଜିଲ୍ଲାପାଳଙ୍କ ଦସ୍ତଖତ ନେବା ପାଇଁ ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ପାରିବେ।

ଉଲ୍ଲେଖଯୋଗ୍ୟ ଯେ ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ ପାଇଁ ବିଡିଓଙ୍କ ଆର୍ଥିକ କ୍ଷମତା ୨ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏପରି ନିୟମ ପାଇଁ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଂକୁଚିତ ହୋଇଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସାମ୍ବିଧାନିକ ବ୍ୟବସ୍ଥାର ଏପରି ନିୟମ ଉଲ୍ଲଂଘନ ହୋଇଥିବାରୁ ଏହାକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସୁକାନ୍ତ କୁମାର ଦଳେଇ ପ୍ରମୁଖ ପରିଚାଳନା କରୁଛନ୍ତି।

## ମୟୂରଭଞ୍ଜରେ 'ପ୍ରଦୂଷଣ କଟକଣା'

ବାରିପଦା, ୬ା୧(ସମିସ): ବାଲେଶ୍ୱର ପରେ ମୟୂରଭଞ୍ଜରେ 'ପ୍ରଦୂଷଣ କଟକଣା'। ମୟୂରଭଞ୍ଜ ଜିଲ୍ଲାରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତିକ୍ରମେ ଜନସାଧାରଣଙ୍କ ପାଇଁ ବିଭିନ୍ନ କଟକଣା ଜାରି କରାଯାଇଛି। ଜିଲ୍ଲାରେ ବାୟୁ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏବଂ ଗ୍ରାପ୍ ଷ୍ଟେଜ୍-୨ ମାର୍ଗଦର୍ଶିକା ଅନୁସାରେ, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା-୧୬୩ ଅନୁଯାୟୀ ବାୟୁ ପ୍ରଦୂଷଣକୁ ରୋକିବାକୁ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ଏହି କଟକଣା ବାରିପଦା ମ୍ୟୁନିସିପାଲିଟି ସମେତ ଜିଲ୍ଲାର ସମସ୍ତ ଏନ୍‌ଏସି, ପୌରାଞ୍ଚଳରେ ଆଗାମୀ ୭ ଦିନ ଯାଏଁ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାର ଅବଧି ବୃଦ୍ଧି କରାଯିବ। ବାରିପଦା ସହର ସମେତ ଜିଲ୍ଲାର ଅନ୍ୟ ସମସ୍ତ ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ବିନା ପାଲରେ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ଚଳାଚଳ କରିପାରିବ ନାହିଁ। ଆବର୍ଜନା ଜଳାଇବା, ଢାବାରେ କୋଇଲା ଜଳାଇବା ଏବଂ ଯେକୌଣସି ପ୍ରକାର ଖୋଲାରେ ନିଆଁ ଜାଳିବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ପକ୍ଷରୁ କୋଇଲା, ଖଣିଜ ଓ ଫ୍ଲାଏଆସ୍ ବୋଝେଇ ଟ୍ରକ୍‌ଗୁଡ଼ିକର ଦିନରେ ଚଳାଚଳ ଉପରେ ପୃଥକ କଟକଣା ଜାରି କରାଯିବ।

## ମିଳିଲାନି ସ୍ୱର୍ଗରଥ ଡାକ୍ତରଖାନାରୁ ଖଟିଆରେ ଗଲା ଶବ



ବାରିପଦା, ୬ା୧୨(ସମିସ): ମିଳିଲାନି ସ୍ୱର୍ଗରଥ। ଡାକ୍ତରଖାନାରୁ ଖଟିଆରେ ବୁହାହେଲା ଶବ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ ମଙ୍ଗଳବାର ସକାଳେ କାମତା ଗ୍ରାମର ରମେଶ ଚନ୍ଦ୍ର ରଣା (୭୦)ଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ଶବ ନେବା ପାଇଁ ତାଙ୍କ ପରିବାର ପାଖରେ ସାମର୍ଥ୍ୟ ନ ଥିବା ବେଳେ ସ୍ୱର୍ଗରଥ ମଧ୍ୟ ମିଳି ନଥିଲା। ଫଳରେ ପରିବାରଲୋକେ ବାଧ୍ୟ ହୋଇ ଖଟିଆରେ ଶବକୁ ବୋହିବୋହି ୪କିମି ବାଟ ନେଇ ଘରେ ପହଞ୍ଚିଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି ବୁଦ୍ଧିଜୀବୀ। ଅପରପକ୍ଷେ, ଏ ବାବଦରେ ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରିଣୀ ଡା. ବୈଜୟନ୍ତୀ ସିଂଙ୍କୁ ପଚାରିବାରୁ ସେ କହିଥିଲେ, ପରିବାରଲୋକ ମୃତଦେହ ନେବା ସମୟରେ ଡାକ୍ତରଖାନାର କେହି କର୍ମଚାରୀ ଏହା ଦେଖିନାହାନ୍ତି। ଦେଖିଥିଲେ, ନିଶ୍ଚିତ ଗାଡ଼ି ବ୍ୟବସ୍ଥା କରାଯାଇଥାଆନ୍ତା। ଏଠି ପ୍ରଶ୍ନ ଉଠୁଛି ଯେ ଡାକ୍ତରଖାନା ପରିସରରୁ ଶବ ଖଟିଆରେ ଗଲା, ମାତ୍ର କର୍ମଚାରୀ କିମ୍ବା ସିକ୍ୟୁରିଟି ଗାର୍ଡ କିପରି ଜାଣିପାରିଲେ ନାହିଁ?

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରିବହନ ବିଭାଗର...

ଅନ୍ୟପଟେ ଜରିମାନା ବିବାଦ ସମାଧାନ ନ ହେଉଣୁ ସରକାର ଗ୍ରୀନ୍ ଷ୍ଟିକର ଭଳି ଅନ୍ୟ ଏକ ଗୋଲକ ଧନ୍ଦା ସୃଷ୍ଟି କରିଛନ୍ତି। ଆସନ୍ତା ୧୦ ତାରିଖ ପରେ ପ୍ରଦୂଷଣ ସାର୍ଟିଫିକେଟ ପ୍ରାପ୍ତ ଗାଡ଼ି ମାଲିକମାନେ ଆର୍‌ଟିଓ ଅଫିସ୍‌ରୁ ଗ୍ରୀନ୍ ଷ୍ଟିକର ଆଣି ଗାଡ଼ିରେ ଲଗାଇବେ। ଏଥିପାଇଁ ମଧ୍ୟ ଲୋକଙ୍କୁ ଲମ୍ବା ଲାଇନ୍ ଠିଆ ହେବାକୁ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଏହି ଦୁଇଟି ଯାକ ଘଟଣାରେ ସରକାର ବାରମ୍ବାର ମତ ବଦଳାଉଛନ୍ତି। ପରିବହନ ମନ୍ତ୍ରୀ, ପରିବହନ ବିଭାଗ ସଚିବ ଓ ପରିବହନ ଆୟୁକ୍ତଙ୍କ ମଧ୍ୟରେ ଥିବା ସମନ୍ୱୟର ଅଭାବ ଯୋଗୁଁ ହିଁ ଏଭଳି ଘଟଣା ଘଟୁଥିବା ଚର୍ଚ୍ଚା ହେଉଛି। କାରଣ ପରିବହନ ଆୟୁକ୍ତ ପ୍ରଥମେ ଯେଉଁ 'ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ତେଲ ମନା' ନିର୍ଦ୍ଦେଶ ନାମା କରିଥିଲେ, ତାହା ପ୍ରଥମେ ଜାନୁଆରୀରୁ ଲାଗୁ ହେବ ବୋଲି ସ୍ପଷ୍ଟ କରାଯାଇଥିଲା। ଏହାପରେ ପ୍ରବଳ ଜନଅସନ୍ତୋଷକୁ ଦୃଷ୍ଟିରେ ରଖି ଏହାକୁ ଫେବୃଆରୀ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିଲା। ଏବେ ଏହାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଗ୍ରୀନ୍ ଷ୍ଟିକର ନେଇ ଯେଉଁ ନିୟମ ହୋଇଛି, ଏକ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି। ପ୍ରଥମେ ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲାଗିବ ବୋଲି କୁହାଯାଇଥିଲା। ପରେ ଏହା ବାଧ୍ୟତାମୂଳକ ନୁହେଁ ବୋଲି ସରକାର କହିଛନ୍ତି। ମାତ୍ର ଲୋକେ ଏବେ ବି ଏହାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। କାରଣ ଅନେକ ଲୋକ ଜରିମାନା ଭୟରେ ପ୍ରଦୂଷଣ ସାର୍ଟିଫିକେଟ କରାଇ ନେଇଛନ୍ତି। ହେଲେ ପରିବହନ ବିଭାଗରରେ ଘଡ଼ିକେ ଘୁଡ଼ା ଛୁଟୁଥିବାରୁ ଲୋକେ ସଂଶୟ ଘେରରେ ରହିଛନ୍ତି।

ଗୋଟିଏ ପଟେ ଜରିମାନା ଓ ଧାଡ଼ି ବ୍ୟବସ୍ଥା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଥିବା ବେଳେ ଏହାର ଫାଇଦା ନେଇ ସାଇବର ଭୟ ମଧ୍ୟ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାଇବର ଠକ ଜାଲି ଇ-ଚାଲାଣ ପଠାଇ ଲୋକଙ୍କୁ ଲୁଟୁଛନ୍ତି। ଏହି ଇ-ଚାଲାଣରେ ଗାଡିର ନମ୍ବର ଓ ଜରିମାନାର ପରିମାଣ ଉଲ୍ଲେଖ କରାଯାଇ ନାହିଁ। ରାଜ୍ୟ ସରକାର ବର୍ତ୍ତମାନ ସମସ୍ତ ମଟର ଯାନର ବାକିଆ ଜୋରିମାନା ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାସହିତ ପିୟୁସିସି ସାର୍ଟିଫିକେଟ୍ ଜରିମାନା ଭରଣା କରିବାକୁ ପଡୁଥିବାରୁ ଏହାର ସୁଯୋଗ ସାଇବର ଠକଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଯାହାକି ଲୋକଙ୍କ ପାଇଁ ଆଉ ଏକ ଚିନ୍ତାର କାରଣ ସାଜିଛି।

### ହାଇକୋର୍ଟଙ୍କ ଜବାବ...

ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି ୨୭ରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ଏସ୍‌ଟିଏ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତି ଜାରି କରାଯାଇ ବୈଧ ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ଏବଂ ଡିଜେଲ୍ ମିଳିବ ନାହିଁ ବୋଲି କୁହାଯାଇଛି। ପରିବହନ ବିଭାଗର ଗତ ୨୦୨୫ ଡିସେମ୍ବର ୨୦ର ଏଭଳି ବିଜ୍ଞପ୍ତି ବେଆଇନ ତଥା ସମ୍ବିଧାନ ବିରୋଧୀ ବୋଲି ଆବେଦନରେ ଦର୍ଶାଯାଇଛି। ଏହି ବିଜ୍ଞପ୍ତିକୁ ରଦ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଯାହାର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିବ, ସେମାନଙ୍କ ବିରୋଧରେ ମୋଟର ଯାନ ଆଇନରେ ମାମଲା ରୁଜୁ କରାଯାଇପାରିବ। ସେହିଭଳି ଏହି ଆଇନ ଅନୁସାରେ ଧାର୍ଯ୍ୟ ଜରିମାନା ଆଦାୟ ହୋଇପାରିବ। କିନ୍ତୁ ମୋଟରଯାନ ଆଇନରେ ଏଭଳି କୌଣସି ପ୍ରକାର ବ୍ୟବସ୍ଥା ନାହିଁ ବୋଲି କୁହାଯାଇଛି। ସେହିଭଳି ଗାଡ଼ିଗୁଡ଼ିକର ବକେୟା ଚାଲାଣ ପଇଠ କରାନଗଲେ, ପିୟୁସିସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା କେନ୍ଦ୍ର ମୋଟର ଯାନ ଆଇନର ଉଲ୍ଲଂଘନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଏଣୁ ସମସ୍ତ ପିୟୁସିସି କେନ୍ଦ୍ରଗୁଡ଼ିକୁ ଚାଲାଣ ପଇଠ ବିନା ପ୍ରମାଣପତ୍ର ଜାରି କରିବାକୁ ପରିବହନ ବିଭାଗ ନିର୍ଦ୍ଦେଶ ଦେଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ପରିବହନ ବିଭାଗ ସଚିବ, ପରିବହନ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

### ୟୁପିରେ ୩କୋଟି...

ସୁପ୍ରିମ କୋର୍ଟ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ବାନାର୍ଜୀ। ଆଜି ତାଙ୍କ ଦଳ ଟିଏମ୍‌ସି ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ପିଟିସନ ଫାଇଲ କରାଯାଇଛି। ଟିଏମସି ନେତା ଡେରେକ ଓବରଏନ୍ ଦାଖଲ କରିଥିବା ଏହି ପିଟିସନରେ ଅଭିଯୋଗ କରିଛନ୍ତି ଯେ ଏସ୍‌ଆଇଆର୍ ନାମରେ ନିର୍ବାଚନ କମିସନ ଆତଙ୍କ ସୃଷ୍ଟି କରିଛନ୍ତି। ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ଦିନ ଠାରୁ କ୍ଷେତ୍ର ଅଧିକାରୀମାନଙ୍କ ସହିତ ଯୋଗାଯୋଗ ପାଇଁ କମିସନ ଭିନ୍ନ ମାଧ୍ୟମ ଆପଣାଇଛନ୍ତି, ଯାହାକି ନିୟମ ବିରୋଧୀ। ସରକାରୀ ଚିଠି ପରିବାର୍ତ୍ତେ ଏହି ଅଧିକାରୀମାନଙ୍କ ସହିତ ହ୍ୱାଟ୍ସଆପ୍ ଏବଂ ମୌଖିକ ଭାବେ କମିସନ ଯୋଗାଯୋଗ କରିବା ସହିତ ଅଲିଖିତ ପରାମର୍ଶ/ଆଦେଶ ଦେଉଛନ୍ତି। ନିୟମ ବାହାରକୁ ଯାଇ କମିସନ ଏକତରଫା ଭାବେ ଏଭଳି ପନ୍ଥା ଗ୍ରହଣ କରିପାରିବେ ନାହିଁ ବୋଲି ଉଲ୍ଲେଖ କରି ସେ ଅଭିଯୋଗ କରିଛନ୍ତି ପଶ୍ଚିମ ବଙ୍ଗ ଭୋଟରମାନଙ୍କ ସହିତ ନିର୍ବାଚନ କମିସନ କେଠାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତକାଲି ମମତା ବାନାର୍ଜୀ କହିଥିଲେ ଯେ ଏସ୍‌ଆଇଆର୍ ନାମରେ କମିସନ ରାଜ୍ୟରେ ଆତଙ୍କରାଜ ଚଳାଇଛନ୍ତି। ଏହା ବିରୋଧରେ ତାଙ୍କ ଦଳ ସୁପ୍ରିମ କୋର୍ଟ ଯିବ। ଆଜି ଏହି ପ୍ରସଙ୍ଗରେ ସେ ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ଏସ୍‌ଆଇଆର୍ ପାଇଁ ବିଜେପି ଆଇଟି ସେଲ୍ ଦ୍ୱାରା ବିକଶିତ ମୋବାଇଲ ଆପ୍‌ର ବ୍ୟବହାର କରୁଛନ୍ତି ନିର୍ବାଚନ କମିସନ। ଏହା ସଂପୂର୍ଣ୍ଣ ରୂପେ ବେଆଇନ, ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ଜୀବିତ ଲୋକଙ୍କୁ ମୃତ ଦର୍ଶାଯାଉଛି। କେବଳ ଏତିକି ନୁହେଁ, ଏସଆଇଆର ଶୁଣାଣିରେ ଏଭଳି ଲୋକଙ୍କୁ ସମନ୍ କରାଯାଉଛି, ଯେଉଁମାନେ ବୃଦ୍ଧ ଏବଂ ଚାଲି ପାରୁ ନାହାନ୍ତି। ରୋଗୀ ଲୋକ ଯେଉଁମାନେ ବିଛଣାରୁ ଉଠିବା ସ୍ଥିତିରେ ନୁହନ୍ତି, ସେମାନଙ୍କୁ ମଧ୍ୟ ସମନ୍ କରାଯାଉଛି।

### ନାବାଳିକା ଦୁଷ୍କର୍ମ-ହତ୍ୟାକାରୀକୁ...

ପୁଲିସର ତଦନ୍ତ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ କୋର୍ଟ ଭାରତୀୟ ନ୍ୟାୟ ସଂହିତା ଏବଂ ପକ୍ସୋ ଆଇନର ଧାରା ୬ ଅନୁଯାୟୀ ପ୍ରଶାନ୍ତକୁ ମୃତ୍ୟୁଦଣ୍ଡ ପ୍ରଦାନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ବରଗଡ଼ ଜିଲ୍ଲା ଏସ୍‌ପିଙ୍କ ସମେତ ସରକାରୀ ଓକିଲ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### 'ଭିବି ଜି ରାମ ଜି'ର ଲକ୍ଷ୍ୟ...

ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନ ଥିଲା। ଅପରପକ୍ଷେ ଟେକ୍ନୋଲୋଜିକୁ ବ୍ୟବହାର କରି ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି। ଏହି ନୂଆ ଆଇନରେ କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଆଇନରେ କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ କାମ ସମ୍ପୂର୍ଣ୍ଣ ବନ୍ଦ ରହିବାର ପ୍ରାବଧାନ କରାଯାଇଛି। ବର୍ଷକୁ ୬୦ ଦିନ ପର୍ଯ୍ୟନ୍ତ ଏହି ଅବଧି ରଖାଯାଇଛି। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରୀ ବଢ଼ିବା ସମସ୍ୟା ବନ୍ଦ ହେବ। ଏତଦବ୍ୟତୀତ ଏଆଇ, ଜିପିଏସ୍ ଓ ମୋବାଇଲ୍ ଜରିଆରେ ସ୍ୱଚ୍ଛତା ଅଣାଯାଇପାରିବ। କାମ ମାଗିବାର ୧୫ ଦିନ ମଧ୍ୟରେ କାମ ନ ମିଳିଲେ ଭତ୍ତା ଦେବା ବାଧ୍ୟତାମୂଳକ କରାଯାଇଛି। ମହାତ୍ମା ଗାନ୍ଧୀଙ୍କ ନୀତିକୁ ପ୍ରସାର କରିବା ଉଦ୍ଦେଶ୍ୟରେ ଆଇନରେ ଏ ସବୁ ସଂସ୍କାର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମନ୍ତ୍ରୀ ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

### ୧୦ ଡିଗ୍ରୀ ତଳେ...

ଦିଗରୁ ଭୁବନେଶ୍ୱରକୁ ଥଣ୍ଡା ପବନର ପ୍ରବାହ ବଢ଼ିଥିଲା। ଏଥିପାଇଁ ଏଠାରେ ଦିନରେ ତାପମାତ୍ରାରେ ଦୃଷ୍ଟାନ୍ତ ମୂଳକ ହ୍ରାସ ଘଟିଥିଲା। ପରିଣାମ ସ୍ୱରୂପ ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରରେ ଥଣ୍ଡା ଦିନ (କୋଲ୍ଡ ଡେ') ସ୍ଥିତି ସୃଷ୍ଟି ହୋଇଛି। ସାଧାରଣତଃ ଉପକୂଳବର୍ତ୍ତୀ ଜିଲ୍ଲାରେ ରାତିର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିବା ସହ ଦିନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪.୮ ଡିଗ୍ରୀରୁ କମ୍ ରହିଲେ ଥଣ୍ଡା ଦିନ ଅନୁଭୂତ ହୋଥାଏ। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ କଟକରେ ପାରଦ ୧୦ ଡିଗ୍ରୀ ଛୁଇଁଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେବ। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କୋରାପୁଟ, ଅନୁଗୁଳ, କଟକ ଓ ଜଗତସିଂହପୁରରେ ପ୍ରବଳ ଥଣ୍ଡା ସହ ଶୀତ ଲହରୀ ଅନୁଭୂତ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ଅନ୍ୟପଟେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଏହା ଅଧିକ ଘନୀଭୂତ ହୋଇ ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ତେବେ ଓଡିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ରହିବ ନାହିଁ। ଏହି ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର ଆଗାମୀ ୪୮ ଘଣ୍ଟା ମଧ୍ୟରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ବିଷୁବରେଖା ନିକଟସ୍ଥ ପୂର୍ବ ଭାରତ ମହାସାଗର ଆଡକୁ ମୁହାଁଇବାର ସମ୍ଭାବନା ରହିଛି।

### ଅଡ଼ି ବସିଛନ୍ତି...

ଚାହିଁଲେ ଏହି ବିବାଦର ସମାଧାନ ହୋଇପାରିବ ବୋଲି ମିଲର୍ସ ଆସୋସିଏସନ୍ ଯୁକ୍ତି କରିଛି। ସଂଘ କହିଛି ୧୫ ମାସ ହେବ ସରକାର ପ୍ରତିଶୃତି ଦେଇ ଆସୁଛନ୍ତି। ମାତ୍ର ମିଲର୍ସମାନେ ଆଉ ମୌଖିକ ପ୍ରତିଶୃତିକୁ ବିଶ୍ୱାସ କରି ପାରୁନାହାନ୍ତି। ଏଥିପାଇଁ ସରକାରଙ୍କଠାରୁ ଲିଖିତ ପ୍ରତିଶୃତି ଦାବି କରାଯାଉଛି। ସରକାର ୪ ଦଫା ଦାବି ପୂରଣ ନେଇ ଲିଖିତ ପ୍ରତିଶୃତି ଦେଇଦେଲେ, ତୁରନ୍ତ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଯିବ ଓ ଧାନ ଉଠା ସ୍ୱାଭାବିକ ହେବ ବୋଲି ସଂଘ କହିଛି।


**OFFICE OF THE PANCHAYAT SAMITI, KALYANSINGHPUR**
Gmail: ori-kalyansinghpur@nic.in.

No: 11/2025 (Dev) — **CORRIGENDUM-II** — Dated.02.01.2026

In partial modification of tender notification No. 3605. dtd 29.12.2025 and subsequently Corrigendum No. 3623 dtd. 31.12.2025 of the B.D.O, Kalyansinghpur towards construction of Gram Panchayat level Federation (GPLF) Building" work (Civil) in Kalyansinghpur Block & due to unavoidable circumstances, the date & time of available in website and receipt online will be 11:00 hrs of 05.01.2026 to 17:00 Hrs of 16.01.2026 instead of 04.01.2026 to 17:00 Hrs of 16.01.2026.

Smt. Manisha Das, OAS-I (SB)
Block Development Officer,
Kalyansinghpur

OIPR-19432/11/0007/2526 i-455

**DISTRICT PROJECT OFFICE**
**SAMAGRA SHIKSHA KANDHAMAL** — n-227
MAIN ROAD PHULBANI - 762001
Email: dpcssakandhamal@gmail.com, Ph.: 06842-2554800

No. 35/SC/ST/2025 — DATED 05.01.2026

**TENDER CALL NOTICE FOR SUPPLY OF BAND INSTRUMENTS (BRASS & PIPE) & BAND UNIFORM (BOYS & GIRLS)**

Sealed tenders under two bid systems are invited from the reputed authorized agency/supplier/manufacturer having valid PAN, GST & IT for supply of band Instruments (Brass & Pipe) & Band Uniform (Boys & Girls) under PM SHRI. The tender papers (bid documents) containing detailed specification with terms and conditions, application of Technical Bid & Financial Bid, same can be obtained by downloading from the web site i.e. https://kandhamal.odisha.gov.in and https://osepa.odisha.gov.in. The bidders are required to submit demand Draft **of Rs. 5000/- (Rupees Five thousand only)** drawn in favour of "DPC SS KANDHAMAL "towards cost of tender paper along with the application of technical bid. The last date and time for receiving of tender paper is **28.01.2026** and will be opened on **29.01.2026 at 11 A.M** in the office of the DEO-cum-DPC, SS, Kandhamal in presence of bidders or their authorized representatives. The authority reserves the right to reject any or all the tenders without assigning any reasons thereof.

By Order of the Collector-cum-Chairman, SS, Kandhamal
DEO-cum-DPC
Samagra Shiksha,Kandhamal

OIPR-27136/11/0014/2526

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**RWS&S DIVISION, MALKANGIRI** — 0-1923
E-mail-eerwss_mal@nic.in, eerwssmlkg@gmail.com
INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWSS_MKG_ONLINE_03/2025-26** — **DATED: - 01.01.2026**

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders having valid HT Electrical Contractor license issued by Electrical Licensing Board of Odisha (ELBO) for the works detailed in the table below to be eventually drawn up in P-1 contract.

1 Name of the Work: : Construction of External Electrification (As detailed in TCN)
2 No. of Works : **02 No.**
3 Estimated Cost : **₹5.50 Lakhs to ₹5.80 Lakhs**
4 Tender Paper Cost : ₹.4000/- each
5 Class of Contractor : HT Electrical Contractor
6 Period of Completion : 02 (Two) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ONLINE_03 of 2025-26** | **08.01.2026 at 09.00 Hours** | **17.01.2026 up to 17.00 Hours** | **15.01.2026** | **19.01.2026 At 16.00 Hours** |

- Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Superintending Engineer
RWS&S Division, Malkangiri

OIPR-25044/11/0018/2526

C-1999
**OFFICE OF THE MUNICIPAL COUNCIL, JAGATSINGHPUR**
No. 47 / Dated: 05.01.2026
**NOTICE INVITING TENDER**
Tender Notice No: EO/JSPURM/ABC-01/2025-26/ Dated: 05.01.2026
**Supply of 01 No. Stray Animal Rescue Vehicle with Hydraulic Lifting facility for Jagatsinghpur Municipality**

Jagatsinghpur Municipality, Jagatsinghpur invites Item Rate bids under two bid systems (Technical and Financial) in prescribed formats from the reputed & experienced Suppliers for supply of 01 No. Animal Rescue Vehicle with Hydraulic Lifting facility to Jagatsinghpur Municipality.

| Sl. | Specification of Items | Quantity |
|---|---|---|
| 1 | 01 No. of Stray Animal Rescue Vehicle with Hydraulic Lifting facility for Jagatsinghpur Municipality | 01 No |

Interested Bidders are requested to send their offer in Prescribed Form along with catalogues, particulars regarding the brand, type and the manufacturer's name and other information etc. into sealed cover envelopes. Tender must be submitted in sealed & the rates of item should be quoted in full quantity and as per technical specification.

The prescribed tender document, detailed specifications of items along with terms & condition can also be downloaded from our website www.Jagatsinghpurmunicipality.com, District website www.jagatsinghpur.nic.in.

The Tender Documents with Bid Confirmation sheet duly super scribed **"TENDER for supply of 01 No. Stray Animal Rescue Vehicle with Hydraulic Lifting facility for Jagatsinghpur Municipality"** along with **advertisement Notice No. in bold letters** on the top of envelop should reach on or **16.01.2026 up to 4.00 P.M.** addressed to **"Executive Officer, Jagatsinghpur Municipality, Jagatsinghpur."**

Tender will be opened on **17.01.2026 at 11.00 P.M.** in the presence of tenderers or their representatives, if they so desire, at office of the Executive Officer, Jagatsinghpur Municipality, Jagatsinghpur.

Executive Officer
Jagatsinghpur Municipality

OIPR-13087/11/0043/2526

**ଜଳ ବିଭାଜିକା ମହୋତ୍ସବ**

ଆସନ୍ତା ତା ୦୯.୦୧.୨୦୨୬ ରିଖ ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବାକୁ ଥିବା ଜଳ ବିଭାଜିକା ମହୋତ୍ସବରେ ନୟାଗଡ଼ ବ୍ଲକର କୃଷି ଭାଇଭଉଣୀମାନେ ଯୋଗଦେବାକୁ ଅନୁରୋଧ।

ସ୍ଥାନ - ସାଲୁଣୀ ଖେଳପଡ଼ିଆ, ସାଲୁଣୀ ନାଟୁଗାଁ ପଞ୍ଚାୟତ, ନୟାଗଡ଼

**କୃଷି ସମୃଦ୍ଧି ଯୋଜନା**

- ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ।
- କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଯୋଜନା ସମ୍ବନ୍ଧୀୟ ସୂଚନା।
- କୃଷି କ୍ଷେତ୍ରରେ ରୋଗପୋକ ପରିଚାଳନା।
- ବିଭିନ୍ନ ପ୍ରକାରର ବିହନ ଚୟନ ଓ ବପନ ସମ୍ବନ୍ଧୀୟ ସୂଚନା
- ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନା ସମ୍ବନ୍ଧୀୟ ସୂଚନା।
- ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ବନ୍ଧୀୟ ସୂଚନା।

ସରକାରଙ୍କ ବହୁମୁଖୀ ଯୋଜନାର ସୁବିଧା ବିଷୟରେ କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର ୧୫୫୩୩୩ ରେ ଯୋଗାଯୋଗ କରି ଚାଷୀମାନେ ସେମାନଙ୍କର କୃଷି କାର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ କରନ୍ତୁ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନୟାଗଡ଼


**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar, I, **Lili Das,** W/o: Gobardhan Das. Permanent/ Current resident of Gangapur 1 Gangapur, Municipentho, PS: Chhatrapur, Dist.: Ganjam, Odisha, PIN - 761026, declare by this Affidavit No.: 62363, Dated: 30.12.2025 have changed my name from Lili Das to **Nilendri Das**. Henceforth, I shall be known as **Nilendri Das** for all future purposes.

**AFFIDAVIT**

I, Sri Gobardhan Pasayat, S/o- Bhagirathi Pasayat, R/o Vill.- Adapani, Po.- Chandibhata, Ps.- Jagdalpur, Dist.- Bargarh state vide affidavit no.01 dtd.06.01.2026 that, my daughter's actual name is **Chachmita Pasayat** but in her Aadhar card her name has been wrongly mentioned as Chachmita. Hence **Chachmita** and **Chachmita Pasayat** is one and the same person.

Sd/- Gobardhan Pasayat

**AFFIDAVIT**

I, Sri Rajesh Sahu, S/o- Pitambar Sahu, R/o Vill.- Nityanandaapur, Po.- Bilaspur, Ps.- Jharbandh, Dist.- Bargarh state vide affidavit no.02 dtd.24.12.2025 that, my actual name is **Rajesh Sahu** but in my Aadhar card my name has been wrongly mentioned as Rojaraj Sahu. hence **Rajesh Sahu** and **Rojaraj Sahu** is one and the same person.

**AFFIDAVIT**

By virtue of an affidavit sworn before the Notary Public, Pipili, dtd.06.01.2026, I, POKHO RAJ, S/o. Sitaram, Vill-Kudiary, P.O./ P.S.- Jatani, Dist- Khordha do hereby declare that my name has been recorded as POKHO RAJ, S/o Sitaram in my Resident Certificate but in my Aadhaar Card mentioned as SHYAMAL KUMAR PATRA. That POKHO RAJ & SHYAMAL KUMAR PATRA is one & the same person, i.e., myself. Henceforth, I shall be known as **POKHO RAJ** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Brahmapur, District Ganjam, Odisha dated 05.01.2026, I Sampathi Rasmita Rao with permanent address of Thota Sahi, Extension-II, Lanjipalli, Brahmapur, District Ganjam Orissa 760008 declare that I have changed my name from Rasmita to Sampathi Rasmita Rao. Henceforth, Ishall be known as Sampathi Rasmita Rao for all purposes.

**Sampathi Rasmita Rao**

**AFFIDAVIT**

I, SONIA BASKEY, aged about 76 years, W/O Late Chandoo, resident of Village-Thakurbadi, P.O.-Tarana, P.S.-Tiring, Dist.-Mayurbhanj, Odisha, do hereby solemnly affirm on oath that my name and my husband's name are wrongly recorded as SUNIAA MAHALI W/O CHANDUMANI MAHALI in my Aadhaar Card (No. 6290 8026 2267). My correct name and my husband's correct name are SONIA BASKEY W/O CHANDOO, as per Pension Book (P.P.O. No. 07050060908). Both sets of names refer to one and the same persons.

**AFFIDAVIT**

I, Pidesethi Devojyoti Subudhi, aged about 37 years, S/o- Pidesethi Chandani Rao Subudhi, resident of Adarsha Pada, Po- Balangir, Ps- Town Bolangir, Dist- Balangir, Odisha, PIN- 767001, do hereby declare by this affidavit No. 48, dtd- 06/01/2026, that now onwards I shall be known as **P DEVOJYOTI SUBUDHI** for all future purposes.

**AFFIDAVIT**

I, Mohammad Feroj, aged about 48 years, S/o-Mohammad Usman, resident of Jampani, Po- Jampani, Ps- Jampani, Dist- Nuapada, Odisha, PIN- 766105, do hereby declare by this affidavit No. 47, dtd- 06/01/2026, that now onwards I shall be known as **MOHAMMAD FIROZ** for all future purposes.

**AFFIDAVIT**

I, Santilata Mahapatra, aged about 74 years, W/o- Radhakanta Mahapatra, resident of At- Paikanagar, Near Delta Square, Ps- Nayapalli, Bhubaneswar Dist- Khurda, Odisha, Pin- 751003, do hereby declare by this affidavit No. 46, dtd- 06/01/2026, that now onwards I shall be known as **SHANTILATA MAHAPATRA** for all future purposes.

### ନିର୍ମାଣକୁ ଗଲାନି ୩ ବର୍ଷ

# ଆଁ କଲାଣି ତିହିଡ଼ି ଥାନାର ନୂଆ କୋଠା

**ଦୋଳସାହି, ୬ା୧(ସମିସ):** ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ତିହିଡ଼ି ଥାନାର ନୂଆ କୋଠା ଭିତରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଡିସିଓଙ୍କ ପ୍ରକୋଷ୍ଠର କାନ୍ଥ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଏହି ନୂଆ କୋଠା ନିର୍ମାଣ ଗତ ୩ ବର୍ଷ ମଧ୍ୟରେ ହୋଇଥିବା ଆଲୋଚନା ହେଉଥିବାବେଳେ ନିର୍ମାଣ କରିଥିବା ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବା ସାଧାରଣରେ ଆଲୋଚନା ହେଉଥିଲାବେଳେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ଥାନାର ଭିତର ପ୍ରକୋଷ୍ଠରେ ବାଉବସା ବାନ୍ଧୁଥିବା ଦେଖିବାକୁ ମିଳିଛି।




# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଭଦ୍ରକ, ୬ା୧(ସମିସ):** ଭଦ୍ରକ ଅର୍ଣ୍ଣପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେବଳ ଏକ ଶୈକ୍ଷିକ ଅନୁଷ୍ଠାନ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି, ପରମ୍ପରା, ଆଧ୍ୟାତ୍ମିକ ଭିତ୍ତିଭୂମିର ପୁନରୁତ୍ଥାନ ପାଇଁ ଏକ ଆନ୍ଦୋଳନ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶିଶୁ ମନ୍ଦିରର ସଭାପତି ସଙ୍ଗୀତକାର ମନୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ବରୁଣ ବନ୍ଛୋର ମୁଖ୍ୟବକ୍ତା, ଶ୍ରୀରାମ ନବମୀ କମିଟି ସଭାପତି ନିତ୍ୟାନନ୍ଦ ନାୟକ ଓ ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏସନ୍‌ର ସଭାପତି ଆଶୋକ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟା ସଞ୍ଜୁଲତା ସାହୁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଇଂ. ଜ୍ଞାନ ରଞ୍ଜନ ବାରିକ। ବିଦ୍ୟାଳୟର କୃତୀ ଛାତ୍ରୀ ପ୍ରାର୍ଥନା ପାଣିଗ୍ରାହୀ ଓ ଭାଇ ସୌମ୍ୟଜିତ୍ ଓଝା ସ୍ୱଅଙ୍କିତ ବିଧାୟକଙ୍କ ଫଟୋଚିତ୍ର ବିଧାୟକଙ୍କୁ ପ୍ରଦାନ କରିବା ସହିତ ତୃତୀୟ ଶ୍ରେଣୀ ସରକାରୀ ବୃତ୍ତି ପ୍ରାପ୍ତି ପାଇଁ ଭଉଣୀ ଜିଜ୍ଞାଶା ରାଉତ, ୫ମ ଶ୍ରେଣୀ ପାଇଁ ଦୀପାଞ୍ଜଳି ପରିଡ଼ା ଓ ଚଳିତ ଶିକ୍ଷା ବର୍ଷର ଚାମ୍ପିଅନ ଭାଇ ଆଶୁତୋଷ ଦାସ ଓ ଭଉଣୀ ଶୁଭଲକ୍ଷ୍ମୀ ବେହେରାଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟାନ୍ୟ କୃତୀ ପାଇଁ ୩୦ ଜଣ ଭାଇଭଉଣୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭଣ୍ଡାରିପୋଖରୀ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା




**ଭଣ୍ଡାରିପୋଖରୀ, ୬ା୧(ସମିସ):** ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ ରତିକାନ୍ତ ବେହେରା କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବ ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଶିକ୍ଷକ ମାନସ କୁମାର ସାହୁଙ୍କ ପରିଚାଳନାରେ ବିଭିନ୍ନ ବର୍ଗର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ସଟ୍‌ପୁଟ୍, ଡିସ୍କସ୍ ଥ୍ରୋ ଆଦି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଜେନାଙ୍କ ସଂଯୋଜନାରେ ଚନ୍ଦନ ସାମଲ, ମହାମାୟା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସାହୁ, ମନ୍ଦୋଦରୀ ସାହୁ, ତୁଳସୀ ବେହେରା, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ବର୍ଷାରାଣୀ ପଲକ, ଉର୍ମିଳା କୁମାରୀ ନାୟକ, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଶିକ୍ଷକ-ଶିକ୍ଷୟିତ୍ରୀମାନେ କ୍ରୀଡ଼ା ବିଚାରକ ଭାବେ କାର୍ଯ୍ୟ କରିଥିଲେ। ଶିକ୍ଷା କର୍ମଚାରୀ ସତ୍ୟଜିତ୍ ଦାସ ଓ ଲମ୍ବୋଦର ଜେନା ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବାରିକପୁର, ୬ା୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୋଟ ୭ ଜଣ ବରିଷ୍ଠ ନାଗରିକ ମଙ୍ଗଳବାରଠାରୁ ୧୨ତାରିଖ ପର୍ଯ୍ୟନ୍ତ ରାମେଶ୍ୱର ଓ ମଦୁଆରୀକୁ ତୀର୍ଥରେ ଯାଉଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଶୁଭଯାତ୍ରା ପାଇଁ ସମସ୍ତ ତୀର୍ଥଯାତ୍ରୀଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାଶ, ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ସୋଭନ୍ ପାଢ଼ୀ, ସୁଧାଂଶୁ ପାଢ଼ୀ, ସରପଞ୍ଚ ରମେଶ ଚନ୍ଦ୍ର ଜେନା, ସାମାଜିକ କର୍ମୀ ତରଣୀସେନ ଜେନା ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

### ଭଦ୍ରକ ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# 'ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ଓ ଜିଲ୍ଲାର ଗରିମା ବୃଦ୍ଧି ହୋଇଥାଏ'

ଭଦ୍ରକ, ୬ା୧(ସମିସ)




ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ଓ ଜିଲ୍ଲାର ଐତିହ୍ୟ, ସଂସ୍କୃତିର ଗରିମା ବୃଦ୍ଧି ହୋଇଥାଏ। ଯାହାକି ପ୍ରତ୍ୟେକ ମଣିଷ ପାଇଁ ଏହା ନିତାନ୍ତ ଜରୁରୀ ଏବଂ କିଛି ଶିକ୍ଷଣୀୟ କଥା ମିଳିଥାଏ ବୋଲି ସଞ୍ଜୀବ କିଆ ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଭଦ୍ରକ ସହରର ଗାନ୍ଧୀ ପଡ଼ିଆଠାରେ ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ସୋମବାର ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ୪ର୍ଥ ସନ୍ଧ୍ୟାରେ 'ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ଓ ଜିଲ୍ଲାର ଐତିହ୍ୟ, ସଂସ୍କୃତିର ଗରିମା ବୃଦ୍ଧି ହୋଇଥାଏ' ବୋଲି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷବିତ୍ ରୋ.ବାଦଲ ମହାପାତ୍ର, ବରେଣ୍ୟ ଅତିଥି ଭାବେ ରାଜ୍ୟ ଉତ୍କଳ ଯାଦବ ମହାସଭାର ସଭାପତି ହରେକୃଷ୍ଣ ପଲେଇ ଯୋଗଦେଇ ଭଦ୍ରକରେ ଅନୁଷ୍ଠିତ ବହୁ ମହୋତ୍ସବ ମଧ୍ୟରେ ସାଂସ୍କୃତିକ ମହୋତ୍ସବ ଅନ୍ୟତମ। ଏହି ମହୋତ୍ସବ ମାଧ୍ୟମରେ ନିଜ ନିଜର ପରିଚୟ ସୃଷ୍ଟି ହେବା ସହ ବହୁ ଶିକ୍ଷଣୀୟ କଥା ମିଳିଥାଏ। ଜିଲ୍ଲାର ମହାପୁରୁଷଙ୍କ କଥା ମନେ ପକାଯାଏ ଯାହାକି ଜିଲ୍ଲାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ରୁଦ୍ଧିମନ୍ତ କରିଥାଏ ବୋଲି ବକ୍ତାମାନେ କହିଥିଲେ। ଅତିଥିମାନଙ୍କୁ ଉପସଭାପତି ମନୋରମା ରାୟ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ମହୋତ୍ସବ କମିଟିର ଉପଦେଷ୍ଟା ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ଉପସଭାପତି ଚୈତାଳି ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ଅଞ୍ଜନା ମିଶ୍ର ଯୋଗଦେଇଥିଲେ। ଭଦ୍ରକ ସାଂସ୍କୃତିକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ର ଓ ଗୀତ ସମ୍ରାଟ ମେଲୋଡି ଓ ଏଡିଏସ୍ ଡ୍ୟାନ୍ସ ଗ୍ରୁପ୍‌ର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉପଦେଷ୍ଟା ସ୍ମୃତିରଞ୍ଜନ ସାହୁ, ହରିହର ନାୟକ, ଅତିସ ବେହେରା, ଉମାକଲ୍ୟାଣ ମହାପାତ୍ର, ରାଜେଶ ଦାସ, ଅଜୟ ପଣ୍ଡା, କ୍ଷୀତିଶ ସାମନ୍ତ, ଶିବାନନ୍ଦ ଦାସ, ଶୁଭଦ୍ୱୀପ ମଲ୍ଲିକ, ଓମ୍‌କାର, ଜଗନ୍ନାଥ ବେହେରା, ରମେଶ ପାଗଳ, ସୀତାକାନ୍ତ ବିଶ୍ୱାଳ, କମଳଲୋଚନ ପଣ୍ଡା, ଯୁବନେତା ଅଶୋକ ନାୟକ, ଜି. ଶିବ ଶଙ୍କର, ତେଜସ୍ୱିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ବେଆଇନ ଔଷଧ ଦୋକାନ ଉପରେ ଚଢ଼ଉ

# ଦେଢ଼ ଲକ୍ଷରୁ ଅଧିକ ଟଙ୍କାର ଔଷଧ ଜବତ



**ଭଦ୍ରକ, ୬ା୧(ସମିସ):** ଡ୍ରଗ୍ସ ବିଭାଗ ଏବେ ଆକ୍ସନ ମୁଡ୍‌ରେ। ଗତ ଡିସେମ୍ବର ୧୧ ତାରିଖରେ ଭଦ୍ରକ ସହରରେ ବିନା ପଞ୍ଜୀକରଣରେ ଥିବା ଏକ ଔଷଧ ଦୋକାନ ଉପରେ ଚଢ଼ଉ କରି ମଦ ଜବତ କରିଥିଲା ଏହି ବିଭାଗ। ଆଉ ମଙ୍ଗଳବାର ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ଘିକୋଇଲିଠାରେ ଏକ ଘରେ ଗତ ୨ବର୍ଷ ହେବ ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିଥିବା ଏକ ଔଷଧ ଦୋକାନ ଉପରେ ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ଉ ହୋଇଛି।

ସୂଚନାନୁଯାୟୀ, ଘିକୋଇଲି ଗାଁର ସୁଶାନ୍ତ ମହାଲିକ ନାମକ ବ୍ୟକ୍ତି ନିଜ ଘରେ ବିପୁଳ ପରିମାଣର ବିଭିନ୍ନ ଔଷଧ ମହଜୁଦ ରଖି ବିକ୍ରି କରୁଥିଲେ। ତେବେ ତାଙ୍କର କୌଣସି ଲାଇସେନ୍ସ ନ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଭିନ୍ନ ଗୁରୁତର ରୋଗର ଔଷଧ ସହ ଶିଶୁମାନଙ୍କ ଔଷଧ ବିପୁଳ ପରିମାଣରେ ରଖି ବିକ୍ରି କରୁଥିଲେ। କଟକର ଏସ୍‌ଏନ୍ ଏଣ୍ଟରପ୍ରାଇଜର୍ସରୁ ଏହି ମେଡିସିନ୍ ଆଣି ସୁଶାନ୍ତ ବେଆଇନ ଭାବେ ବିକ୍ରି କରୁଥିଲେ। ଏନେଇ ପୂର୍ବ ସୂଚନା ପାଇ ମଙ୍ଗଳବାର ଡ୍ରଗ୍ସ ବିଭାଗ ପକ୍ଷରୁ ମାଜିଷ୍ଟ୍ରେଟ୍ ଓ ପୁଲିସ ସହାୟତାରେ ଘିକୋଇଲିସ୍ଥିତ ଉକ୍ତ ଘର ଉପରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ବାଲେଶ୍ୱରସ୍ଥିତ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଜଗନ୍ନାଥ ମଲ୍ଲିକ, ଭଦ୍ରକ ଡ୍ରଗ୍ସ ଇନ୍ସପେକ୍ଟର ଦୀପକ କୁମାର ଜେନା, ଦୀପ୍ତି ରଞ୍ଜନ ମହାପାତ୍ର, ବାଲେଶ୍ୱର ସଦର ଡ୍ରଗ୍ସ ଇନ୍ସପେକ୍ଟର ଜୟଶ୍ରୀ ପାତ୍ରଙ୍କ ସହ ମାଜିଷ୍ଟ୍ରେଟ୍ ଭାବେ ଚାନ୍ଦବାଲି ଅତିରିକ୍ତ ତହସିଲଦାର ବ୍ରଜେଶ୍ୱର ରାଉତ ଓ ଚାନ୍ଦବାଲି ପୁଲିସ ଉପସ୍ଥିତ ଥିଲେ। ଏହି ଚଢ଼ଉରେ ଜବତ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକାର ଔଷଧ ଜବତ ହେବା ସହ ସମ୍ପୃକ୍ତ ବେଆଇନ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାଯାଇଛି।

# ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ

**ଧାମନଗର, ୬ା୧(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ବଡ଼ବଜାରସ୍ଥିତ ୟୁକୋ ବ୍ୟାଙ୍କ ପରିସରରେ ୮୪ତମ ତଥା ଧାମନଗର ୟୁକୋ ବ୍ୟାଙ୍କ ଶାଖର ୫୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନ ୪ଟାରେ ବ୍ୟାଙ୍କ ପରିସରରେ ବରିଷ୍ଠ ଶାଖା ପ୍ରବନ୍ଧକ ପ୍ରଭାତ କୁମାର ମହାନ୍ତି କେକ୍ କାଟି ଉତ୍ସବ ପାଳନ କରିଥିଲେ। ଧାମନଗର ଅଞ୍ଚଳରେ ୟୁକୋ ବ୍ୟାଙ୍କ ଦୀର୍ଘ ୫୩ ବର୍ଷରେ ପଦାର୍ପଣ କରି ଗ୍ରାହକମାନଙ୍କୁ ସେବା ପ୍ରଦାନ କରି ଆସୁଛି। ଗ୍ରାହକମାନେ ହେଲେ ଶାଖାର ଈଶ୍ୱର, ତାଙ୍କୁ ବ୍ୟାଙ୍କ କର୍ମଚାରୀ ପରିମାର୍ଜିତ ବ୍ୟବହାର କରିବା ସହ ଉତ୍ତମ ସେବା ଯୋଗାଇଦେବାକୁ ମୁଖ୍ୟ ପ୍ରବନ୍ଧକ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି। ଏହି ଅବସରରେ ଶାଖା ତରଫରୁ ଜିଲ୍ଲା ଜରାନିବାସ ସମ୍ମୁଖରେ ବୃକ୍ଷରୋପଣ କରାଯାଇଥିବାବେଳେ ଗ୍ରାହକ, ବ୍ୟବସାୟୀ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପ୍ରବନ୍ଧକ ସୋମନାଶ୍ରୀ ସ୍ୱାଇଁ, ସହକାରୀ ପ୍ରବନ୍ଧକ ଜ୍ୟୋତିର୍ମୟୀ ସାମଲ ଓ ତୃପ୍ତିପ୍ରଭା ବେହେରା, ଶୁଭ୍ରଜିତ୍ ଆଚାର୍ଯ୍ୟ, ଦିବ୍ୟପ୍ରକାଶ ମିଶ୍ର, ବ୍ରହ୍ମାନନ୍ଦ ପୃଷ୍ଟି, ଚିନ୍ମୟ ଦାସ, ରାକେଶ ସାହୁ, ସୁଭଦ୍ରା ମହାନ୍ତି, ଦୀପ୍ତିମୟୀ ଦାଶ, ୟାସ୍ମିନ୍ ଅନଜୁମ, ରେସ୍‌ମା ପରବୀନ, ବ୍ୟାଙ୍କ ମିତ୍ର ମାନସୀ ବେହେରା, କର୍ମଚାରୀ ଭୀମସେନ ବେହେରା, ସେକ୍ ଜୋବେର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ସେକ୍ ଜାଫର ଅଲ୍ଲୀ, ବିବେକାନନ୍ଦ ପଣ୍ଡା, ଦୀନକୃଷ୍ଣ ମହାପାତ୍ର, ପ୍ରଦୀପ ମହାପାତ୍ର, ଗ୍ରାହକ ତଥା ଶିକ୍ଷାବିତ୍ ଶଶିକାନ୍ତ ପଣ୍ଡା, ଏମ୍‌ଡି ଅବୁଜାଫର, ନିରାକାର ଧଳ, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।




**ବାରିକପୁର**

ଭଣ୍ଡାରିପୋଖରୀ ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟଠାରେ ୮୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶାଖା ପରିଚାଳକ ଜ୍ୟୋତିଶଙ୍କର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହକାରୀ ପରିଚାଳିକା କଳ୍ପନା ମାହୁନ୍ତ ଉପସ୍ଥିତ ରହି ବ୍ୟାଙ୍କ ଆଭିମୁଖ୍ୟ ଓ ଗ୍ରାହକ ସେବା ସମ୍ପର୍କରେ ମତ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ଶୁଭଲକ୍ଷ୍ମୀ ଜେନା, ପ୍ରତାପ ଦାସ, ବିଭୁପ୍ରସାଦ ପାଣିଗ୍ରାହୀ, ଆୟୁଷକାନ୍ତ ଜେନା, ଧନେଶ୍ୱର ରାଉତ, ସୁଜାତା ଜେନା ଯୁବ ଉଦ୍ୟୋଗୀ ପ୍ରତାପ ନାୟକ, ଖାତାଧାରୀ ସ୍ନେହଲତା ସାମଲ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ବ୍ୟାଙ୍କ କର୍ମଚାରୀ ଧନେଶ୍ୱର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକମାନେ ଦେଶ ପାଇଁ ହୀରା ସଦୃଶ



**ଅସୁରାଳି, ୬ା୧(ସମିସ):** ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚକୁ ନେଇ ଏକ ଶୀତକାଳୀନ କବିତା ଆସର ଅନୁଷ୍ଠିତ ହୋଇଯାଉଛି। ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା କୃଷକ ନେତା ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଏହି ଶୀତକାଳୀନ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ଆସରରେ ୩୫ରୁ ଊର୍ଦ୍ଧ୍ୱ କବି ଯୋଗଦେଇଥିଲେ। କବିଙ୍କ କବିତା ମାଧ୍ୟମରେ ଉଚ୍ଛୁଳି ଉଠିଥିଲା ହୃଦାନନ୍ଦ ପାଠାଗାର। ଅତିଥି ପରିଚୟ ପ୍ରଦାନ କରିଥିଲେ ମଞ୍ଚର ସମ୍ପାଦକ ଦୁର୍ଯ୍ୟୋଧନ ତରାଇ। ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ତଥା ସାହିତ୍ୟିକ ରବୀନ୍ଦ୍ର ବେହୁରିଆ ଏବଂ ଯୁବ ସାମ୍ବାଦିକ ରତିକାନ୍ତ ନାୟକ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ନେତୃତ୍ୱ ଯୁଧିଷ୍ଠିର ମହାପାତ୍ର।

# ନ୍ୟାସ୍‌ନାଲ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଖେଳିବେ ବିଭୂତି

**ଭଣ୍ଡାରିପୋଖରୀ, ୬ା୧(ସମିସ):** ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଶିକ୍ଷା ନବୀଶ ବିଭୂତିଭୂଷଣ ଜେନା ଜୁନିଅର ନ୍ୟାସ୍‌ନାଲ୍ ହ୍ୟାଣ୍ଡବଲ ଚାମ୍ପିଅନସିପ ଖେଳିବେ। ଆଗାମୀ ୭ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ, ଶିଳ୍ପ ତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ ଦୀପକ ମୁଦୁଲି, ପ୍ରତିଷ୍ଠାନର ସମସ୍ତ ପ୍ରଶିକ୍ଷକ, କର୍ମଚାରୀ, ଜିଲ୍ଲା ହ୍ୟାଣ୍ଡବଲ ସଂଘ ସଚିବ ସିରାଜୁଦ୍ଦିନ ଖାଁ ପ୍ରମୁଖ ମଙ୍ଗଳବାର ବିଭୂତିଙ୍କୁ ଶୁଭେଚ୍ଛା ଜଣାଇ ସଫଳତା କାମନା କରିଛନ୍ତି। ବିଭୂତି କୋଚ ଓ ଶେଖ୍ ଗୋଲାପ ଆଦି ଦିଲ୍ଲୀ ଯାତ୍ରା କରିଛନ୍ତି। ବିଭୂତିଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଜିଲ୍ଲାପାଳ ଓ ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି।



# ସମ୍ମାନିତ ହେଲେ କୁନି ପ୍ରତିଭା

**ବନ୍ତ/ଆଗରପଡ଼ା, ୬ା୧(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ତୁଣ୍ଡାର ଦୁଇଜଣ କୃତୀ ପ୍ରତିଭାଙ୍କୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଶୁଭାଙ୍ଗିନୀ ନାୟକ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ରାଜଶ୍ରୀ ଜେନା ସଂସଦୀୟ କ୍ରୀଡ଼ା ମହୋତ୍ସବରେ ସାଇକଲ ଚାଳନାରେ ବ୍ଲକରେ ପ୍ରଥମ ତଥା ଜିଲ୍ଲାସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଉଭୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ଅଶୋକ କୁମାର ଗିରି, ପ୍ରଧାନଶିକ୍ଷକ ଶିବାନନ୍ଦ ନାୟକ, ସହକାରୀ ଶିକ୍ଷକ ପ୍ରମୋଦ ରାଉତ, ପ୍ରତାପ ମହାପାତ୍ର, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ସୁଧାମଣି ଜେନା, କୌଶଲ୍ୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



### ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ

# ୯୫ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଗ୍ରହଣ



ଭଦ୍ରକ, ୬ା୧(ସମିସ)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଭ୍ୟର୍ଥନା ଗୃହରେ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଚିକିତ୍ସିତ ହେଉଥିବା ୯୫ଜଣ ଯକ୍ଷ୍ମାରୋଗୀଙ୍କୁ ଧାମରା-ଆଦାନୀ ଫାଉଣ୍ଡେସନ ଦ୍ୱାରା ପୋଷ୍ୟଭାବେ ଗ୍ରହଣ କରାଯାଇଛି।

ପ୍ରକାଶ ଥାଉକି, ଯକ୍ଷ୍ମରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ସହିତ ପୁଷ୍ଟିକର ଖାଦ୍ୟ ପାଇଁ ମାସକୁ ୧୦୦୦ ଟଙ୍କାର ଆର୍ଥିକ ସହାୟତା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି। କିନ୍ତୁ ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ସାରା ଭାରତର ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ଦେଶରେ ଆନୁଷ୍ଠାନିକ ଭାବେ ଅତୀତରେ ଶୁଭାରମ୍ଭ କରିଥିଲେ। ଗୋଷ୍ଠୀସ୍ତରରୁ ସ୍ୱେଚ୍ଛାକୃତଭାବେ ଯକ୍ଷ୍ମାରୋଗୀମାନଙ୍କୁ ଅତିରିକ୍ତ ସହାୟତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ମଙ୍ଗଳବାର ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଭ୍ୟର୍ଥନା ଗୃହରେ ଆଦାନୀ-ଧାମରା ଫାଉଣ୍ଡେସନ ପକ୍ଷରୁ ଚାନ୍ଦବାଲି, ତିହିଡ଼ି ଓ ବାସୁଦେବପୁର ବ୍ଲକର ମୋଟ୍ ୯୫ଜଣ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟଭାବେ ଗ୍ରହଣ କରାଯାଇ ମାସକ ପାଇଁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଦ୍ୱାରା ଭଦ୍ରକରୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ପୃଷ୍ଟି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଭଦ୍ରକରେ ସଫଳ କରିବା ପାଇଁ ସ୍ୱେଚ୍ଛାକୃତଭାବେ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନମାନେ ଯୋଡ଼ି ହୁଅନ୍ତୁ ବୋଲି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଅଧିକାରୀ ଡା. ଅଶୋକ କୁମାର ମିଶ୍ର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମରା-ଆଦାନୀ ଫାଉଣ୍ଡେସନର ସିଏସ୍‌ଆର୍ ମୁଖ୍ୟ ଅକ୍ଷୟ କୁମାର ନାୟକ ଯୋଗଦେଇ ଯକ୍ଷ୍ମା ରୋଗୀମାନଙ୍କୁ ପୋଷଣ ପ୍ୟାକେଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ସଂଯୋଜକ ନିବାସ ରଞ୍ଜନ ପାଢ଼ୀ, ସୁବାସିନୀ ପାଣିଗ୍ରାହୀ, ରାଜେଶ ସାହୁ, ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ୍ ଓ ଧାମରା-ଆଦାନୀ ଫାଉଣ୍ଡେସନର କର୍ମଚାରୀମାନେ ଉପସ୍ଥିତ ଥିଲେ। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯକ୍ଷ୍ମା ସୁପରଭାଇଜର ସଞ୍ଜୟ କୁମାର ପାଟ ସଂଯୋଜନା କରିଥିଲେ।

# ଆଖୁଆପଦାଠାରେ ପାଣି ପଞ୍ଚାୟତ ପକ୍ଷ ପାଳନ




**ବାରିକପୁର, ୬ା୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଆଖୁଆପଦା ଜଳସମ୍ପଦ ବିଭାଗ ଡିଭିଜନ କାର୍ଯ୍ୟାଳୟଠାରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ପାଣି ପଞ୍ଚାୟତ କର୍ମକର୍ତ୍ତା ତଥା ବରିଷ୍ଠ ଚାଷୀ ଗୟାଧର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଶିକ୍ଷାବିତ୍ ସୁଧାଂଶୁ ନାୟକ, ସମ୍ମାନିତ ଅତିଥି ଭାବେ ଓସିସି ପରିଚାଳନା ନିର୍ଦ୍ଦେଶକ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ଡ୍ରେନେଜ୍ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୂରଜ ମଲ୍ଲିକ, କୃଷି ଅଧିକାରିଣୀ ପ୍ରୀତିରେଖା ମହାଲିକ, ସରପଞ୍ଚ ଅକ୍ଷୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହା ଛଡ଼ା ପାଣି ପଞ୍ଚାୟତ ଗଠନ ଓ ଏହାର ଲକ୍ଷ୍ୟ ସମ୍ପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ବିସ୍ତୃତ ବିବରଣୀ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ବିମଳ ବେହେରା, ନାରାୟଣ ଚନ୍ଦ୍ର ନାୟକ, ନରସିଂହ ସୋରେନ, କିରଣବାଳା ପରିଡ଼ା, ତପସ୍ୱିନୀ ସାହୁ, ଖଗେଶ୍ୱର ସାହୁ, ଭାନୁମତୀ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ।

● ଭଦ୍ରକ ନୂଆବଜାରରେ ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା ୨୦ ଦୋକାନ ଘର



ଅସୁରାଳି,୬।୧(ସମିସ): ଭଦ୍ରକ ସହର ନୂଆବଜାର ଅଞ୍ଚଳରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହୋଇଛି। ପୂର୍ବାହ୍ଣରେ ନୂଆବଜାର ସେନ୍‌କୋ ଦୋକାନ ନିକଟରେ ଥିବା ୪ଟି ପକ୍କା ଦୋକାନ ଘରକୁ ଜେସିବି ଲଗାଇ ଭଙ୍ଗାଯାଇଥିଲା। ସେହିଭଳି ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଭଦ୍ରକ ପୌରପାଳିକାର ୧୨ଟି ପୁରୁଣା ଦୋକାନ ଘରକୁ ଭାଙ୍ଗି ମାଟିରେ ମିଶାଯିବା ସହ ଏହା ନିକଟରେ ଥିବା ଅନ୍ୟ ୪ଟି ଦୋକାନ ଘରକୁ ମଧ ଜେସିବି ଲଗାଇ ଭାଙ୍ଗି ମାଟିରେ ମିଶାଯାଇଥିଲା।

ସୂଚନାଯୋଗ୍ୟ, ୧୯୭୯ରୁ ଅର୍ଥାତ୍ ୪୭ ବର୍ଷ ହେବ ପୌରପାଳିକାକୁ ଅମାନତ ରାଶି ଓ ଭଡ଼ା ଦେଇ ଦୋକାନ କରିଥିବା ପ୍ରତିଷ୍ଠିତ ମେଡିସିନ ଦୋକାନୀ ଦୀନଦୟାଲ ସମେତ ମଡର୍ଣ୍ଣ ପାଥୋଲୋଜି ଆଦି ଉଚ୍ଛେଦର ଶିକାର ହୋଇଥିଲା। ତେବେ ରାଜଘାଟ ପୋଲର ଉଭୟ ପାଶ୍ୱର୍ରେ ସରକାରୀ ଜମିକୁ ଅବରୋଧ କରି ନିର୍ମିତ ପକ୍କାଘରଗୁଡ଼ିକ କେବେ ଉଚ୍ଛେଦ ହେବ ବୋଲି ବହୁ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏହି ଉଚ୍ଛେଦବେଳେ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ଭଦ୍ରକ ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା ଓ ବିକାଶ ଦାସ, ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଫିସର ଶିବରଞ୍ଜନ ମହାପାତ୍ର, ସଦର ଆର୍‌ଆଇ ଶରତ ମହାନ୍ତି, ସର୍ଭେୟର ସୁବାସ ପଲେଇଙ୍କ ସହ ପୁଲିସ ଫୋର୍ସ ଓ ପୌର କର୍ମଚାରୀମାନେ ସାମିଲ୍ ଥିଲେ।

## ପୂଜକଙ୍କ ସ୍ମୃତିଚାରଣ ସଭା



ଦୋଲସାହି,୬।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତ ଝାଡ଼ପଟା ଗାଁର ବରିଷ୍ଠ ପୂଜକ ଭାବଗ୍ରାହୀ ଶତପଥୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ, ଭାବଗ୍ରାହୀ ଶତପଥୀ ଭଦ୍ରକ ଜିଲ୍ଲାର ଜଣେ ଦକ୍ଷ କର୍ମକାଣ୍ଡ ବ୍ରାହ୍ମଣ ଭାବେ ପରିଚିତ। ବିଭିନ୍ନ ଦେବାଳୟ ଓ ଅନୁଷ୍ଠାନ ପକ୍ଷରୁ ହେଉଥିବା ଯଜ୍ଞ, ପୂଜାପାଠ କରି ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ମଙ୍ଗଳବାର ଗୁଆମାଳ ପଞ୍ଚାୟତ ନୂଆଶାସନ ଗାଁରେ ଅବସ୍ଥିତ କୁମାରେଶ୍ୱର ମହାଦେବ ମନ୍ଦିର ନିକଟରେ ତାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ତଥା ତାଙ୍କ କର୍ମର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ସୁରେଶ ମହାନ୍ତି, ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ପ୍ରଭାସ ପଣ୍ଡା, ସତ୍ୟବ୍ରତ ପାଣିଗ୍ରାହୀ, ରାଜକିଶୋର ସାହୁ ଓ ଜୟଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ




ଭଦ୍ରକ,୬।୧(ସମିସ): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ଯୋଜନା ଅନ୍ତର୍ଗତ ଜିଲ୍ଲାର ୪ଟି ପୌରାଞ୍ଚଳ ଓ ୭ଟି ବ୍ଲକ୍‌ର ୧୨୭ ଜଣ ବରିଷ୍ଠ ନାଗରିକ ମଙ୍ଗଳବାର ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉପସ୍ଥିତ ରହି ସବୁଜ ପତାକା ଦେଖାଇ ତୀର୍ଥଯାତ୍ରା ଗାଡ଼ିର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆସନ୍ତା ୭ ତାରିଖରେ ତୀର୍ଥଯାତ୍ରୀମାନେ ବାଲେଶ୍ୱରରୁ ଟ୍ରେନ୍ ଯୋଗେ ରାମେଶ୍ୱରମ୍ ଓ ମଦୁରାଇ ଅଭିମୁଖେ ତୀର୍ଥଯାତ୍ରା କରି ଆସନ୍ତା ୧୨ ତାରିଖରେ ଫେରିବେ। ଏହି ତୀର୍ଥଯାତ୍ରା ସୁସଂଗଠିତ ଭାବେ ସଫଳ ଭାବରେ ସମ୍ପନ୍ନ ହୋଇଥିବାରୁ, ଯାତ୍ରାରେ ସାମିଲ୍ ସମସ୍ତ ବରିଷ୍ଠ ତୀର୍ଥଯାତ୍ରୀ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଉପାସରେ ଶୁକଦେବପୁର ସ୍କୁଲର ୧୩୩ ଛାତ୍ରଛାତ୍ରୀ

ବାସୁଦେବପୁର,୬।୧(ସମିସ)



ବାସୁଦେବପୁର ପୌରପାଳିକାର ଶୁକଦେବପୁର ସ୍କୁଲକୁ ବିବାଦ ପିଛା ଛାଡୁନାହିଁ। କେତେବେଳେ ମଧ୍ୟାହ୍ନଭୋଜନ ବନ୍ଦକୁ ନେଇ ତ ପୁଣି କେତେବେଳେ ପ୍ରଧାନଶିକ୍ଷକ ଛାତ୍ରଙ୍କୁ ମାଡ଼ ମାରିବା ଘଟଣା। ସମ୍ପୃକ୍ତ ପ୍ରଧାନଶିକ୍ଷକ ବିବାଦ ଜାଲରେ ଛନ୍ଦି ହୋଇ ଯାଉଛନ୍ତି। ପୁଷ୍ଟିକର ଖାଦ୍ୟ ଯୋଜନାରେ କୁନିକୁନି ଶିଶୁମାନଙ୍କୁ ପୋଷଣ ଯୋଜନାରେ ଯୋଗାଇ ଦିଆଯାଉଛି ମଧ୍ୟାହ୍ନଭୋଜନ। ଉପସ୍ଥାପନ ବୃଦ୍ଧି ସହିତ ଭୋକିଲା ପେଟକୁ ଦିଆଯାଉଛି ରନ୍ଧା ଖାଦ୍ୟ। ଶିକ୍ଷା ବିଭାଗର ଅପାରଗତା ପାଇଁ ୧୩୩ ଛାତ୍ରଛାତ୍ରୀ ଭୋକ ଉପାସରେ ଦିନ କାଟିଛନ୍ତି। ଏମିତ ଘଟଣା ଘଟିଛି ବାସୁଦେବପୁର ବ୍ଲକ୍‌ର ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଚାଉଳ ଅଛି ହେଲେ ରୋଷେଇ ଘରେ ତାଲା ପଡ଼ିଛି। ମଧ୍ୟାହ୍ନଭୋଜନ ସମୟରେ ଛାତ୍ରଛାତ୍ରୀ ବସିଛନ୍ତି ଲାଇନ ହୋଇ। କେହି କେହି ରୁଣ୍ଡ ହୋଇଛନ୍ତି ତ ପୁଣି କେହି କେହି ପାଣି ପିଇ ଭୋକ ମାରୁଛନ୍ତି।

ବାସୁଦେବପୁର ପୌରପାଳିକାର ଶୁକଦେବପୁର ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମଧ୍ୟାହ୍ନଭୋଜନ ବଣ୍ଟନ ଦାୟିତ୍ୱ ଭଦ୍ରକର ଦାମୋଦରଜୀଉ ସେବା ସଂସ୍ଥା ହାତକୁ ନେଇଥିଲା। ଶୁକଦେବପୁରର କିଛି ଲୋକ ନିମ୍ନମାନର ଖାଦ୍ୟ ପ୍ରଦାନ କରୁଥିବାର ଅଭିଯୋଗ କରି ନଭେମ୍ବର ମାସଠାରୁ ଖାଦ୍ୟ ଯୋଗାଣ ବନ୍ଦ କରିଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ରୋଷେଇ କରି ଖାଦ୍ୟ ଯୋଗାଇ ଦିଆଗଲା। ଶିକ୍ଷା ବିଭାଗର ଆଲର୍ଟମେଣ୍ଟ ଅର୍ଥ ଅଭାବରୁ ଏପର୍ଯ୍ୟନ୍ତ ରୋଷେଇ ବାବଦକୁ ଖର୍ଚ୍ଚ ଟଙ୍କାଟିଏ ପ୍ରଦାନ କରାଯାଇ ନାହିଁ। ଦୋକାନୀଠାରୁ ହାତ ଉଧାର ବଢ଼ିଯିବାରୁ ଦୋକାନୀ ବାକି ଦେବା ବନ୍ଦ କରିଦେଲା। ଅର୍ଥ ଅଭାବରୁ ଡିସେମ୍ବର ୨୨ରୁ ମଧ୍ୟାହ୍ନଭୋଜନ ବନ୍ଦ ରହିଛି। ସ୍କୁଲ ଛୁଟି ଖୋଲିବା ପରେ ପ୍ରଧାନଶିକ୍ଷକ ହାତ ଟେକି ଦେଇଛନ୍ତି। ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ଧାର ଉଧାର କରି ଖାଇବାକୁ ଦେଇପାରିବେ ନାହିଁ ବୋଲି ମନା କରିଦେଇଛନ୍ତି। ମଧ୍ୟାହ୍ନରେ ଛାତ୍ରଛାତ୍ରୀ ଉପାସରେ ଦିନ କାଟୁଛନ୍ତି। ନା ତାଙ୍କୁ ଦିଆଯାଇଛି ରନ୍ଧା ଖାଦ୍ୟ ନା ପ୍ରଦାନ କରାଯାଇଛି ଶୁଖିଲା ଖାଦ୍ୟ। ବିଭାଗୀୟ ଅଧିକାରୀଙ୍କ ଉଦାସିନତା ଯୋଗୁଁ ଫେଲ୍ ମାରୁଛି ପିଏମ୍ ପୋଷଣ କାର୍ଯ୍ୟକ୍ରମ। ଅର୍ଥ ଅଭାବରୁ ମଧ୍ୟାହ୍ନଭୋଜନ ବନ୍ଦ ଅଛି ବୋଲି କହିଛନ୍ତି ପ୍ରଧାନଶିକ୍ଷକ।

# ଭଦ୍ରକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଅସୁରାଳି,୬।୧(ସମିସ): ଭଦ୍ରକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୫-୨୬ ମଙ୍ଗଳବାର ଧାମନଗର ବ୍ଲକ୍ ଅସୁରାଳିଠାରେ ଆୟୋଜିତ ହୋଇଥିଲା। ଯୁବକମାନଙ୍କ ପାଇଁ ନୂତନ ରୋଜଗାର ସହିତ ଅବସର ପ୍ରଦାନ କରୁଥିବା ଏହି ମଞ୍ଚ ଆଶା ଓ ସମ୍ଭାବନାର ଏକ ପ୍ରତୀକ ଭାବେ ପରିଗଣିତ ହୋଇଛି। ମେଳରେ ହଜାର ହଜାର ଚାକିରି ଆଶାୟୀ ଯୁବକଯୁବତୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଓ ଜିଲ୍ଲା ବାହାରୁ ଆସିଥିବା ଶିଳ୍ପ ପ୍ରତିଷ୍ଠାନମାନେ ନିଜର କର୍ମଚାରୀ ଆବଶ୍ୟକତା ପୂରଣ ପାଇଁ ବହୁତ ଆଶାୟୀଙ୍କଠାରୁ ସାକ୍ଷାତ୍‌କାର ନେଇଥିଲେ। ଏହି ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ। ଉପସ୍ଥିତ ଥିଲେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଏଡିଏମ୍ ସରୋଜ ଦଉ ପ୍ରମୁଖ। ସଭା ସଞ୍ଚାଳନ କରିଥିଲେ ଜିଲ୍ଲା ଦକ୍ଷତା ବିକାଶ ବିକାଶ ତଥା ନିୟୋଜିନ ଅଧିକାରିଣୀ ଅନିତା ନାୟକ। ନିଯୁକ୍ତି ସୁଯୋଗ ନିମନ୍ତେ ୫୩ଟି ଷ୍ଟଲ୍ ଖୋଲିଥିଲା। ଏହି ନିଯୁକ୍ତି ମେଳାରେ ୧୩୬୯ ଜଣ ଶିକ୍ଷିତ ଯୁବକଯୁବତୀ ନିଜର ନାମ ପଞ୍ଜୀକରଣ କରାଇଥିଲେ। ସେଥିମଧ୍ୟରୁ ୩୨୩ ଜଣ ବିଭିନ୍ନ ସଂସ୍ଥା ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏଠାରେ ୧୨ଟି ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥାର ଅଧିକାରୀ ଯୋଗଦେଇଥିଲେ। ଏଥିସହିତ ୩୪ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଏହି ମେଳାରେ ଉପସ୍ଥିତ ଥିଲେ। ସେମାନେ ୬୧୬ ଜଣଙ୍କୁ ପରବର୍ତ୍ତୀ ସମୟରେ ନିଯୁକ୍ତି ଦେବା ପାଇଁ ସ୍ଥିର କରିଥିବା ଜଣାପଡ଼ିଛି। ଏହି ମେଳାରେ ୮ ଜଣଙ୍କୁ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ନିଯୁକ୍ତି ଦିଆଯାଇଥିବା ବେଳେ ୨୭ ଜଣଙ୍କୁ ଶିକ୍ଷା ବିଭାଗରେ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟରେ କୌଣସି ସରକାରୀ ଚାକିରି ପାଇଁ ନିଯୁକ୍ତି ସୁଯୋଗ ଏହି ମେଳାରେ ନ ଥିବାରୁ ଯୁବତୀଯୁବକମାନେ ନିରାଶ ହୋଇଥିଲେ। ବିଭିନ୍ନ ଷ୍ଟଲ୍ ବୁଲି ଦେଖୁଥିବାବେଳେ କିଛି ମହିଳା ମନ୍ତ୍ରୀଙ୍କୁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ପଞ୍ଚାୟତରେ ମାସକୁ ୧୦୦ ଚାକିରି ଯୋଗାଇଦେବା ପ୍ରସଙ୍ଗରେ ପ୍ରଶ୍ନ କରିଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀ ଏହାକୁ ଏଡ଼ାଇ ଯାଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ।



କବି ସୂର୍ଯ୍ୟମଣି ବିଶ୍ୱାଳଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ

# 'କବି ଓ କବିତାର ମୃତ୍ୟୁ ହୁଏ ନାହିଁ'

ଭଦ୍ରକ,୬।୧(ସମିସ): କବିର ନଶ୍ୱର ଦେହ ମାଟିରେ ବିଲୀନ ହେଲେ ବି କବି ଓ କବିତାର ମୃତ୍ୟୁ ହୁଏ ନାହିଁ ବରଂ କବିର ଲେଖନୀରୁ ପ୍ଲାବିତ କବିତାରେ ଥିବା ମାନବିକ ମୂଲ୍ୟବୋଧ ଭିତ୍ତିକ ଚିନ୍ତା ଓ ଚେତନା ଯୁଗ ଯୁଗକୁ ଆଲୋକିତ କରେ ବୋଲି କବି ସୂର୍ଯ୍ୟମଣି ବିଶ୍ୱାଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଭଦ୍ରକ ସହରସ୍ଥିତ ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ କବି ସୂର୍ଯ୍ୟମଣି ବିଶ୍ୱାଳଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ମୃତି ସଂସଦର ସଭାପତି ଅଧ୍ୟାପକ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହକୁ ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବ ସେବା, ଓଡ଼ିଆ ଭାଷା ଓ ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ ଯେ କବି ସୂର୍ଯ୍ୟମଣି ବିଶ୍ୱାଳଙ୍କ ଦ୍ୱାରା ସମ୍ପାଦିତ "ଆମ ତୁଳସୀ' ଶିଶୁ ପତ୍ରିକା ଆମ ଜିଲ୍ଲାରୁ ପ୍ରକାଶିତ ହୋଇ ଶିଶୁ କିଶୋରଙ୍କ ହୃଦୟକୁ ବେଶ୍ ଛୁଇଁଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟବକ୍ତା, "ଅମୃତ ଦର୍ଶନ' ସମ୍ପାଦକ ତଥା ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜ, ପୁନେ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ନିର୍ଦ୍ଦେଶକ ଡ. ଦିବାକର ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଂସଦର ସମ୍ପାଦକ ରାମଚନ୍ଦ୍ର ସାହୁ ସମ୍ପାଦକୀୟ ବକ୍ତବ୍ୟ ଏବଂ ନାଟ୍ୟଶ୍ରୀ ନିର୍ମଳ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ତଥା କବି, ସାହିତ୍ୟିକ ତଥା ସାରସ୍ୱତ ସାଧକ ଶ୍ରୀବତ୍ସ କରଶର୍ମାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କୁମୁଦିନୀ ବିଶ୍ୱାଳ ଓ ବିଶ୍ୱହିନ୍ଦୁ ପରିଷଦ ଭଦ୍ରକ ଜିଲ୍ଲା ସମ୍ପାଦକ ବସନ୍ତ କୁମାର ରାଉତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବ୍ରଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟବ୍ରତ ବିଶ୍ୱାଳ, ପ୍ରିୟବ୍ରତ ବିଶ୍ୱାଳ ଓ ନରେନ ବିଶ୍ୱାଳ, ତପସ୍ୱିନୀ ପହି, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉକ୍ତ ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ୟୁନିକ୍ ୧୧ ବିଜୟୀ



ଅସୁରାଳି,୬।୧(ସମିସ): ସହିଦ୍ ଷ୍ଟାଡିୟମ୍‌ରେ ଚାଲିଥିବା ଅଲ୍ ଓଡ଼ିଶା ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନରେ ଆରୋଭି କ୍ଲବ୍ (ଭୁବନେଶ୍ୱର) ଓ ୟୁନିକ୍ ୧୧ (ଭଦ୍ରକ) ମଧ୍ୟରେ ଅତ୍ୟନ୍ତ ରୋମାଞ୍ଚକର ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଆରୋଭି କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୧୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁନିକ୍ ୧୧ ମାତ୍ର ୧୦ ଓଭରରେ ୬ ୱିକେଟ୍‌ରେ ବିଜୟ ହାସଲ କରିଥିଲେ। ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ୍ ସୂର୍ଯ୍ୟବଂଶୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅସୁରାଳି ସରପଞ୍ଚ ମିନତି ସାହୁ, ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ଯୁବ ସାମ୍ବାଦିକ ରତିକାନ୍ତ ନାୟକ, ସମାଜସେବୀ ସୁରଜ ସାହୁ, ଇଂ କିଶୋର ପୃଷ୍ଟି, ସ୍ୱାସ୍ଥ୍ୟ କର୍ମୀ ରଖେଳ ଚନ୍ଦ୍ର ପଲାଇ, ସମାଜସେବୀ ଶ୍ରୀକାନ୍ତ ସାହୁ, ଅମୀୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ନୋଟିସ୍ ପରେ ଜନ ଅସନ୍ତୋଷ

# ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ବନ୍ତ/ଆଗରପଡ଼ା,୬।୧(ସମିସ): ବନ୍ତ ତହସିଲ୍ ଅଧୀନ ଛୟାଳସିଂହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଗଣ୍ଡକୋରା ଓ ଗୋପାଳପୁର ଗ୍ରାମର କିଛି ବ୍ୟକ୍ତିଙ୍କୁ ତହସିଲ୍ ପକ୍ଷରୁ ନୋଟିସ୍ ଲାଗିବା ପରେ ଜନ ଅସନ୍ତୋଷ ଦେଖାଦେଇଛି। ମଙ୍ଗୁଳି ଛକରୁ ଗଣିଜାଙ୍ଗ ଭାୟା ଗୋପାଳପୁର ରାସ୍ତା ପାର୍ଶ୍ୱରେ ୨୫୬ ନଂ ଖାତା, ଖସଡ଼ା ନଂ୧୨୬ରେ ୧ ଡେସିମିଲ ଲେଖାଏଁ ଜାଗା ଜବରଦଖଲ ନେଇ ସ୍ୱର୍ଗତ ହାଡ଼ିବନ୍ଧୁ ଦାସ, ଶରତ ଜେନା, ରଥ ବାରିକ୍, ଲକ୍ଷ୍ମୀଧର ବାରିକ, କୃଷ୍ଣଚନ୍ଦ୍ର ଦାସ, ରବୀନ୍ଦ୍ର ଜେନା, ରେମଶ ନାୟକଙ୍କ ସମେତ ଏକାଧିକ ଲୋକଙ୍କୁ ବନ୍ତ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ଦୁଇ ଦିନ ତଳେ ନୋଟିସ ଜାରି କରାଯାଇଥିଲା। ମଙ୍ଗଳବାର ନୋଟିସ୍ ନମ୍ବରରେ ଛୟାଳସିଂହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଖଜଣା ଦେବା ପାଇଁ ନୋଟିସ ଜାରି କରାଯାଇଥିବା ବେଳେ ଦୁଇଟି ଗ୍ରାମର ନୋଟିସ୍ ହୋଇଥିବା ଲୋକେ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜାରି ନୋଟିସ୍‌କୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ରାଜସ୍ୱ ନିରୀକ୍ଷକ ଛୁଟିରେ ଥିବାରୁ ଲୋକଙ୍କୁ କୌଣସି ଉତ୍ତର ମିଳିପାରି ନ ଥିଲା। ଲୋକଙ୍କ କହିବା ଅନୁଯାୟୀ, ଗୋଟିଏ ନମ୍ବରରେ ଏକାଧିକ ଲୋକଙ୍କୁ ନୋଟିସ୍ କରାଯାଇଥିଲା ବେଳେ ସେହି ନୋଟିସ୍‌ରେ ବାସୁଦେବପୁର ତହସିଲ୍ କାର୍ଯ୍ୟାଳୟ ଉଲ୍ଲେଖ ଥିବା ସ୍ଥଳେ ତା' ତଳକୁ ବନ୍ତ ତହସିଲ୍ ଲେଖାଯାଇଥିବା ଦେଖିବାକୁ ମିଳିଛି। ତତ୍‌ସହିତ କୌଣସି ବ୍ୟକ୍ତି ସରକାରୀ ଜାଗା ଅକ୍ତିଆର କରି ନ ଥିବା ପ୍ରକାଶ କରିବା ସହିତ ଏଭଳି ନୋଟିସ୍ କରି ସାଧାରଣ ଲୋକଙ୍କୁ ହଇରାଣ କରିବା ସହିତ ମୋଟା ଅଙ୍କର ଅର୍ଥ ଦାବି କରୁଥିବା ମଧ ପ୍ରକାଶ କରିଛନ୍ତି। ଯଦି କୌଣସି ବ୍ୟକ୍ତି ସରକାରୀ ଜାଗା ଅକ୍ତିଆର କରିଥା'ନ୍ତି, ତେବେ ଜାଗାକୁ ଚିହ୍ନଟ କରାଯାଇ ନୋଟିସ୍ କରାଯାଉ ଅଯଥା ଲୋକଙ୍କୁ ହଇରାଣ କରା ନ ଯାଉ ବୋଲି ସ୍ଥାନୀୟ ଲୋକେ ମତ ପୋଷଣ କରିବା ସହିତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଯୋଗପୀଠର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୬।୧(ସମିସ): ବନ୍ତ ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ବେଲମଳାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଆଶ୍ରମର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆଶ୍ରମ ପୁରୋଧା ରମାକାନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ଆଶ୍ରମରୁ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମକୁ ସମ୍ପାଦିତ କରିଥିଲେ। ଏହି ଅବସରରେ ସକାଳ ୮.୩୦ରେ ନାମଜପ, ସାବିତ୍ରୀ ମନ୍ତ୍ରପାଠ ପରେ ମାତୃ ପତାକା ଉତ୍ତୋଳନ ଓ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ମଧ୍ୟାହ୍ନରେ ନିରବ ଧ୍ୟାନ ଦୁର୍ଗା ସ୍ତୋତ୍ର, ମାତୃ ଉପନିଷଦ୍ ପାଠ ସହ ମାତୃବନ୍ଦନା ପାଠ କରାଯାଇଥିଲା। ପରେ ପାଠଚକ୍ରରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ଓ ଜୀବନର ଲକ୍ଷ୍ୟ, ଜୀବନରେ ଆଧ୍ୟାତ୍ମିକତା କେତେ ମୂଲ୍ୟବାନ ଓ ଶରୀର ଚର୍ଚ୍ଚା, ନିମ୍ନପ୍ରାଣର ରୂପାନ୍ତର, ମୃତ୍ୟୁ ରହସ୍ୟ ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସନାତନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଦୀପ ଜେନା, ବିଦ୍ୟାଧର କର, ପ୍ରାକ୍ତନ ବ୍ୟାଙ୍କ ପରିଚାଳକ ଦାମୋଦର ଜେନା ପ୍ରମୁଖ ଯୋଗଦେଇ ଯୋଗୀ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ବିଭିନ୍ନ ଆଧ୍ୟାତ୍ମିକ ବିଷୟାବଳୀକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମାତୃପତାକା ଉତ୍ତୋଳନ ଓ ଅବତରଣ କରିଥିଲେ ସୁଦାମ ଦେବ କର। ଅପରାହ୍ଣ ବନ୍ଦେମାତରମ୍ ଗାନ ପରେ ମାତୃପତାକା ଅବତରଣ ସହ ଉକ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ପାଠଚକ୍ରରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଅପା ଓ ଭାଇ ଉପସ୍ଥିତ ଥିଲେ।

ଖଣି ବିଭାଗର ଚଢ଼ଉ

# ଚୋରା ବାଲି ଓ ମାଟି ବୋଝେଇ ୪ ଟ୍ରାକ୍ଟର ଜବତ

ଦୋବଲ,୬।୧(ସମିସ)



ଧାମନଗର ତହସିଲ୍ ଅଧୀନ ସୋହଡ଼ା ପଞ୍ଚାୟତର କ୍ଷେତ୍ରପୁର ନିକଟସ୍ଥ ବୈତରଣୀ ନଦୀ ଅଞ୍ଚଳରେ ବେଆଇନ ବାଲି ଖନନ ଓ ଚାଲାଣ ହେଉଥିବା ଖବର ପାଇ ଖଣି ବିଭାଗ ପକ୍ଷରୁ ମଙ୍ଗଳବାର ସକାଳୁ ଆକସ୍ମିକ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇଥିବା ସହ ଏହାର ଡ୍ରାଇଭରକୁ ଅଟକ ରଖାଯାଇଛି। ତେବେ ଅନ୍ୟ କିଛି ଟ୍ରକ୍ ଓ ଟ୍ରାକ୍ଟର ଯାଜପୁର ଦିଗକୁ ଖସି ପଳାଇଥିବା ଜଣାପଡ଼ିଛି। ଏହାସହ ଧାମନଗର କଲେଜ ନିକଟସ୍ଥ ରାଣୀପୋଖରୀ ହୁଡ଼ା ଅଞ୍ଚଳରେ ବେଆଇନ ଭାବେ ମାଟି ଖନନ ଓ ଚାଲାଣ କରୁଥିବା ୩ଟି ଟ୍ରାକ୍ଟରକୁ ମଧ ଖଣି ବିଭାଗ ଜବତ କରିଛି। ଜବତ ହୋଇଥିବା ସମସ୍ତ ଟ୍ରାକ୍ଟରରେ ନମ୍ବର୍ ପ୍ଲେଟ୍ ନ ଥିବା ଓ ଦୀର୍ଘଦିନ ଧରି ପ୍ରତିଦିନ ମାଟି ଓ ବାଲି ଚୋରା ଚାଲାଣ କରି ସରକାରୀ ରାଜସ୍ୱରେ ଲକ୍ଷ ଲକ୍ଷ ଟଙ୍କା କ୍ଷତି କରାଯାଉଥିବା ଖଣି ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ଘଟଣାରେ ଜବତ ୪ଟି ଟ୍ରାକ୍ଟର ଉପରେ ଲକ୍ଷାଧିକ ଟଙ୍କା ଅର୍ଥଦଣ୍ଡ କରାଯିବା ନେଇ ସୂଚନା ଦେଇଛନ୍ତି ଭଦ୍ରକ ଜିଲ୍ଲାର କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କହିଛନ୍ତି। ଏହା ସହ ଜବତ ହୋଇଥିବା ସମସ୍ତ ଗାଡ଼ିକୁ ଧାମନଗର ଥାନାରେ ଜିମା ଦିଆଯାଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ପ୍ରତି ରାତି ୨୦ରୁ ଅଧିକ ଟ୍ରାକ୍ଟର ଓ ମିନି ଟ୍ରକ୍ ନଦୀ ଭିତରକୁ ପ୍ରବେଶ କରି ବେଆଇନ ଭାବେ ବାଲି ଉଠାଇ ଚୋରା ଚାଲାଣ କରୁଛନ୍ତି। ରାଜସ୍ୱ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଛି। ନଦୀରେ ପର୍ଯ୍ୟାପ୍ତ ବାଲି ନ ଥିବାରୁ ସୈରାତ ନିଲାମ ହୋଇପାରି ନ ଥିବାବେଳେ ସରକାରୀ ଭାବେ ବାଲି ଉତ୍ତୋଳନ ଉପରେ ପ୍ରତିବନ୍ଧକ ରହିଛି। କିନ୍ତୁ ଏହାର ସୁଯୋଗ ନେଇ ବାଲି ମାଫିଆମାନେ ବିଳମ୍ବିତ ରାତିରେ ଡ୍ରୋଜର ଓ ଜେସିବି ସାହାଯ୍ୟରେ ପାଣି ଭିତରୁ ବାଲି ଖୋଳି ଠୁଳ କରୁଛନ୍ତି। ୬ରୁ ୭ ସ୍ଥାନରେ ନଦୀବନ୍ଧ କାଟି ଟ୍ରାକ୍ଟର ଯାଉଥିବା ରାସ୍ତା ତିଆରି କରିଦିଆଯାଇଛି। ଭଦ୍ରକରେ ଥିବା ଖଣି ବିଭାଗର ଜିଲ୍ଲା କାର୍ଯ୍ୟାଳୟରୁ ପ୍ରାୟ ୩୫ କିମି ଦୂରେ ଏହି ବେଆଇନ କାର୍ଯ୍ୟକଳାପ ଚାଲିଛି। ଖଣି ଅଧିକାରୀ ଚଢ଼ଉ ପାଇଁ ଆସିବା ପୂର୍ବରୁ ବେଦପୁର, ଖଡ଼ିପଦା, ଦୋବଲ ଓ ଧାମନଗର ଛକରେ ଜଗି ରହିଥିବା ସୂଚନାଦାତାମାନେ ମାଫିଆଙ୍କୁ ସତର୍କ କରିଦେଉଥିବାରୁ ଚଢ଼ଉ କେବଳ ଔପଚାରିକତାରେ ସୀମିତ ରହୁଛି।

# ଗ୍ରାମାଞ୍ଚଳରେ ହାଡ଼ଭଙ୍ଗା ଶୀତ

ବାରିକପୁର,୬।୧(ସମିସ): ପ୍ରାୟ ୧୫ଦିନ ହେବ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ରାତି ଓ ଦିନର ତାପମାତ୍ରା ହ୍ରାସ ପାଉଥିବାବେଳେ ଏବେ କୋହଲା ପାଗ ସମସ୍ତଙ୍କୁ ଥରହର କରୁଛି। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଏବେ ହାଡ଼ଭଙ୍ଗା ଶୀତ କ୍ରମଶଃ ବୃଦ୍ଧି ପାଉଛି। ଏହାଛଡ଼ା ପ୍ରବଳ କୁହୁଡ଼ି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ବାୟୁମଣ୍ଡଳରେ କୁହୁଡ଼ି ଆଚ୍ଛାଦିତ ହେବା ଯୋଗୁଁ ଦିନତମାମ ସୂର୍ଯ୍ୟ ଦେବତାଙ୍କ ତାପ ମଧ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ଅପରାହ୍ଣଠାରୁ ଧୀରେ ଧୀରେ ଶୀତ ଲହରୀ ଆରମ୍ଭ ହେଉଥିବାବେଳେ ରାତିରେ ଏହା ଆହୁରି ବୃଦ୍ଧି ପାଉଛି। ଭୋର୍ ସମୟରେ ଅତ୍ୟଧିକ କୁହୁଡ଼ି ସାଙ୍ଗକୁ ଶୀତର ପ୍ରକୋପ ଲୋକଙ୍କୁ କଲବଲ କରୁଥିବା ଜଣାପଡ଼ିଛି। ଶୀତ ଯୋଗୁଁ ସନ୍ଧ୍ୟା ୫ଟା ପରେ ମଞ୍ଜୁରୀ ରୋଡ୍, ମାଳଦା, କୁଲଣା, ଆଖୁଆପଦା, ଛତାବର, ବିଷ୍ଣୁପୁର, ବାରିକପୁର, ଧାମନଗର ଛକ, ପରମାନନ୍ଦପୁର, ମଣୀନାଥପୁର, ସରସଦା, ରାଢ଼ୋ, ପଟାପୋଲ ପ୍ରମୁଖ ଗ୍ରାମ୍ୟ ବଜାରଗୁଡ଼ିକରେ ଲୋକ ସମାଗମ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ସେହିଭଳି ସକାଳ ପ୍ରାୟ ୮ଟା ପରେ ଲୋକମାନେ ବଜାର ଘାଟକୁ ଆସୁଛନ୍ତି। ୧୫/୨୦ ବର୍ଷ ମଧ୍ୟରେ ଏଭଳି ଶୀତ ହୋଇ ନ ଥିବା ବିଭିନ୍ନ ଅଞ୍ଚଳର ଲୋକେ କହିଛନ୍ତି। ନଳକୂଅ ଓ ପୁଷ୍କରିଣୀ ପାଣି ବି ବରଫ ଭଳି ଲାଗୁଛି। ହାଡ଼ଭଙ୍ଗା ଶୀତରୁ ଆଶ୍ୱସ୍ତି ପାଇଁ ଗାଁ ଗହଳି ଓ ବଜାର ଘାଟରେ ନିଆଁ ଜାଳି ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ସେକ ନେଉଥିବା ଦେଖିବାକୁ ମିଳିଛି। ଏବେ ଲଘୁଚାପଜନିତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ଶୀତ ଲହରୀ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।



ସକାଳ THE SAKALA



## ବିଜୁ ଜନତା ଦଳର ବନ୍ଧୁମିଳନ



କୁଳିଅଣା, ୬ ।୧(ସମିସ): କୁଳିଅଣା ବ୍ଲକ ଅଧୀନ ଗେଣ୍ଡାପୋଖରୀ ପଞ୍ଚାୟତର ଶଙ୍କରମରା ଡ୍ୟାମଠାରେ ଆଜି ବିଜେଡିର ନୂତନ ବର୍ଷର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଳିଅଣା, ବାଙ୍ଗିରିପୋଷି ଓ ସାମାଖୁଣ୍ଟା ଏହି ତିନୋଟି ବ୍ଲକକୁ ନେଇ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଗଠିତ । ଉକ୍ତ ନିର୍ବାଚନ ମଣ୍ଡଳୀ କୁ ନେଇ ଆଜିର ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଥିଲା । ୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗା ଚରଣ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅଜ୍ଜନ ମୁର୍ମୁ, ୯ ନଂ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ସିଂ, କୁଳିଅଣା ବ୍ଲକ ଅଧ୍ୟକ୍ଷା ଦୀପିକା ସିଂ, ସାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସିଂ, ରାମଚନ୍ଦ୍ର ମୁର୍ମୁ, ପାର୍ବତୀ ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତ, ବାଙ୍ଗିରିପୋଷି ବ୍ଲକ ସଭାପତି ବାଉରିଶୋର ମହାନ୍ତି, ସାମାଖୁଣ୍ଟା ବ୍ଲକ ସଭାପତି ହରେକୃଷ୍ଣ ମହାନ୍ତ, ସୁଧାଂଶୁ କୁମାର ପାଣିଗ୍ରାହୀ, ସୁବୋଧ ମାରାଣ୍ଡି, କରୁଣାକର କର, ରବୀନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ । ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରାଯାଇ ପାରିବ ସେଥିପାଇଁ ମୁଖ୍ୟଅତିଥି ଶ୍ରୀ ମାରାଣ୍ଡି କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ ।

## ଦୋକାନ ଭିତରକୁ ଚଢ଼ିଗଲା ହାଇୱା, ଅଳ୍ପକେ ବର୍ତ୍ତିଲେ ଦୋକାନୀ



ସାରସକଣା, ୬ ।୧(ସମିସ): ସାରସକଣା ବ୍ଲକ ସାମାନ୍ତ ଅଞ୍ଚଳ ଜାମଶୋଳା ଠାରେ କାର୍‌କୁ ବଞ୍ଚାଇବାକୁ ଯାଇ କଣ୍ଟେନରକୁ ଧକ୍କା ଦେଇ ଦୋକାନ ଭିତରକୁ ଚଢ଼ିଗଲା ହାଇୱା । ଏଥିରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଦୋକାନୀ । ସୂଚନା ଅନୁସାରେ, ଖାରପୋଖରିଆ ଥାନା ଜାମଶୋଳା ନିକଟରେ ଏହି ଦୁର୍ଘଟଣା ଘଟି ଯାଇଛି । ଆଜି ସକାଳୁ ଏକ ହାଇୱା ଜାମଶୋଳା ପଟୁ ଖାରପୋଖରିଆ ଅଭିମୁଖେ ଆସୁଥିବା ବେଳେ ଏକ କାର ରାସ୍ତା ପାରି ହୋଇ ପଶ୍ଚିମବଙ୍ଗ ଦିଗକୁ ଯାଉଥିଲା, କାର ଟିକୁ ବଞ୍ଚାଇବାକୁ ଯାଇ ସାମ୍ନା ପଟୁ ଆସୁଥିବା ଏକ କଣ୍ଟେନରକୁ ଧକ୍କା ଦେଇ ଦୋକାନ ଭିତରକୁ ଚଢ଼ିଯାଇଥିଲା ହାଇୱା । ଏହି ଦୁର୍ଘଟଣାରେ ମୋଟରସାଇକେଲ ସମେତ ଦୋକାନର ଅନେକ କ୍ଷୟକ୍ଷତି ହୋଇଛି ଏବଂ ଦୁର୍ଘଟଣାରେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି ଦୋକାନୀ ।

## ଗୌଡ଼ଗାଁରେ ଧାନମଣ୍ଡି ଉଦ୍‌ଘାଟନ

ପିଙ୍ଗୁ,୬ ।୧(ସମିସ): କପ୍ତିପଦା ବ୍ଲକ୍ ଅଧୀନରେ ଜାମଡ଼ିହା ଲ୍ୟାମ୍ପସ୍ ଅଧୀନରେ ଗୌଡ଼ଗାଁରେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କୃଷକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବରେ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ, ସମ୍ମାନିତ ଅତିଥି ଭାବରେ ଏଆରସିଏମ୍ ସୁକୁରାମ ସିଂ, ବିଡ଼ିଓ, ତହସିଲଦାର, ୪ନଂ ଜୋନର ଜିଲ୍ଲାପରିଷଦ, ଗୌଡ଼ଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ, ଝିଙ୍କପଦା ପଞ୍ଚାୟତର ପିଇଓ, ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକ ଅଜିତ କୁମାର ସାମଲ ଯୋଗଦେଇଥିଲେ । ସଭାପତି ପ୍ରତାପଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

■ ମୋରଡ଼ାରେ ପୁଣି ଦାଦନ ମୃତ୍ୟୁ

## ଗୁଜରାଟ ଦାଦନ ଖଟିବାକୁ ଯାଇ ଯୁବକ ମୃତ

ମୋରଡ଼ା,୬ ।୧(ସମିସ): ମୋରଡ଼ା ଥାନା ଅଧୀନ ସରାଶୋଳ ଗ୍ରାମର ଯୁବକ ଶେଖ ଗନିରୁଦ୍ଦିନ (୪୫) ଗୁଜରାଟର ଏକ ଷ୍ଟିଲ ଫ୍ୟାକ୍ଟ୍ରି ରେ କାମ କରିବାକୁ ବର୍ଷେ ତଳେ ଯାଇଥିଲେ । ରବିବାର ସକାଳେ ସେ ଘରେ ଥିବାବେଳେ ହଠାତ ଅସୁସ୍ଥ ହେବାରୁ ତାଙ୍କୁ ଅନ୍ୟସାଥୀମାନେ ଡାକ୍ତରଖାନାକୁ ନେଇଯାଇଥିଲେ । ହେଲେସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଗନିରୁଦ୍ଦିନ କାମ କରୁଥିବା କମ୍ପାନୀ ସହାୟତାରେ ତାଙ୍କ ମୃତଶରୀର ଫ୍ଲାଇଟ ମାଧ୍ୟମରେ କଲିକତା ଆସିଥିବାବେଳେ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ସରାଶୋଳ ସ୍ଥିତ ଗ୍ରାମରେ ପହଞ୍ଚିବା ସୂଚନା ମିଳିଛି । ମୃତକ ଜଣକ ଗରିବ ଶ୍ରମିକ ଶ୍ରେଣୀର ହୋଇଥିବାବେଳେ ତାଙ୍କ ଅନ୍ତେ ଦୁଇ ନାବାଳକ ପୁଅ ଓ ଗୋଟିଏ ସାବାଳକ ପୁଅ ସହ ତାଙ୍କ ପତ୍ନୀ ଓ ବୃଦ୍ଧ ପିତାମାତା ଦୁଃଖରେ ଭାଙ୍ଗିପଡିଥିବା ଜଣାପଡିଛି ।

● ରାସଗୋବିନ୍ଦପୁରରେ ୧୫ ଟିକିଆ ହାତୀପଲ

## ଭାଙ୍ଗିଲେ ଘର, ନଷ୍ଟ କଲେ ଆସବାବପତ୍ର



ରାସଗୋବିନ୍ଦପୁର, ୬ ।୧(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାମ ନେଉନଥିବା ବେଳେ ଶନିବାର ବିଳମ୍ବିତ ରାତିରେ ନାକିଚୁଆ ପଞ୍ଚାୟତ ଅଧୀନ ରାଇଶୋଳ ଗ୍ରାମର ସୁରାଇ ମାରାଣ୍ଡିଙ୍କ ଘରଭାଙ୍ଗିବା ସହ ଘରର ସମସ୍ତ ଆସବାବପତ୍ର ଭଙ୍ଗାରୋଜା କରି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି । ସେହିପରି ଗ୍ରାମର ବାଦଲ ବେହେରାଙ୍କ ଘର ମଧ୍ୟ ଭାଙ୍ଗିଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ଏବେ ୧୫ଟି ହାତୀ ଘୁରି ବୁଲୁଥିବାବେଳେ ବର୍ତ୍ତମାନ ଧାନ ଅମଳ ହୋଇ ଘରକୁ ଆସିଥିବାରୁ ହାତୀପଲ ଘର ମୁହାଁ ହେଉଥିବା ସହ ସନ୍ଧ୍ୟା ସମୟରେ ହାତୀ ପଲ ଗାଁ ଭିତରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି । ବନ ବିଭାଗ ହାତୀମାନଙ୍କୁ ତୁରନ୍ତ ଘଉଡ଼ାଉର ସ୍ଥାୟୀ ସମାଧାନ କରାଇବା ସହ ହାତୀ ଘର ଭାଙ୍ଗି ଥିବା ଲୋକଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା

## ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା କଲେ ୧୯୬ ବରିଷ୍ଠ ନାଗରିକ

ବାରିପଦା, ୬ ।୧(ସମିସ):



ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୧୯୬ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଥିଲେ । ମଙ୍ଗଳବାର ଅପରାହ୍ନରେ ବାରିପଦାସ୍ଥିତ ଷ୍ଟାଡିଅମ ପଡ଼ିଆ ନିକଟରୁ ରାମେଶ୍ୱରମ -ମଦୁରାଇ ଅଭିମୁଖେ ତୀର୍ଥ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଖବନ୍ଧୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବକାଶ ରଞ୍ଜନ ମହାନ୍ତି, ଏସ୍‌ଡିଆଇପିଆର ଶିଶିର କୁମାର ମୁଣ୍ଡୁୟା ପ୍ରମୁଖ ଉପସ୍ଥିତ ଥିଲେ । ମଙ୍ଗଳବାର ବାଲେଶ୍ୱରରେ ରାତ୍ର ରହଣି ପରେ ବୁଧବାର ସେମାନେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା କରିବେ । ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଯୁକ୍ତ ହୋଇଥିବା ୬ ଜଣ ନୋଡାଲ ଅଧିକାରୀ ଯାତ୍ରା ସମୟରେ ନିୟମିତ ସମୟ ବ୍ୟବଧାନରେ ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ କରିବା ସହିତ ହ୍ୱାଟ୍ସଅପ ଗ୍ରୁପ ଜରିଆରେ ଫୋଟ ଓ ତଥ୍ୟ ଅବଗତ କରାଇବେ ।

## ଖୋଲିଲା ବିଭିନ୍ନ ପାକ୍ସରେ ଧାନମଣ୍ଡି

ତେଲକୋଇ/ଝୁମ୍ପୁରା, ୬।୧(ସମିସ): ତେଲକୋଇ ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଆରମ୍ଭ ହୋଇଛି । ମୁଖ୍ୟଅତିଥି ଭାବେ ସମବାୟ ସଭାପତି ନୀଳମଣି ଦେହୁରୀଙ୍କ ସହ ସମ୍ମାନିତ ଅତିଥି ଏଆରସିଏସ ସୁଦର୍ଶନ ନାୟକ, ସମବାୟସମିତି ପରିଚାଳକ କେଶବଚନ୍ଦ୍ର ସାହୁ, ଚାଷୀ ବାସବରାଜ ପ୍ରଧାନ, ଇନ୍ଦ୍ରମଣି ବିଶ୍ୱାଳ, ଭ୍ରମର ସାହୁ, ଭଦ୍ରିସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆରଏମସି ସମ୍ପାଦକ ଭୂପିନ୍ଦର ମାଝୀ, ନିରୀକ୍ଷକ ରୁଦ୍ରପ୍ରସାଦ ସାହୁ ଧାନର ମାନ ପରୀକ୍ଷା କରିଥିଲେ । ସମୁଦାୟ ୧୧୧୬ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ ଥିବା ବେଳେ ପ୍ରଥମ ଦିନରେ ୬ ଜଣଙ୍କଠାରୁ ୨୨୬ କୁଇଣ୍ଟାଲ ଧାନ ସମବାୟସମିତି କ୍ରୟକରିଥିବା ସୂଚନା ରହିଛି । ଚଳିତବର୍ଷ ଯେମିତି କୌଣସି ଚାଷୀ ଏହି ପ୍ରକ୍ରିୟାରୁ ବାଦ୍ ନ ପଡ଼ିବେ ସେଥିପ୍ରତି ସମବାୟ ବିଭାଗ ଅଧିକ ଯତ୍ନବାନ ହେବାକୁ ଚାଷୀନେତା ଲକ୍ଷ୍ମୀଧର ପ୍ରଧାନ ଦାବି କରିଛନ୍ତି । କାର୍ଯ୍ୟକ୍ରମରେ ସମବାୟ କର୍ମଚାରୀ ଅଶ୍ୱିନୀ ସାହୁ, ପୁରୁଷୋତ୍ତମ ପ୍ରଧାନ, ଅମରେଶ ଦାସ, ଚିନ୍ମୟ ସାହୁ, ସୁରେଶ ଅମାନ୍ତ, ଧନେଶ୍ୱର ପେଣ୍ଟେଇ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ସେହିପରି ଝୁମ୍ପୁରା ବ୍ଲକ୍ ଉଖୁଣ୍ଡା ଲ୍ୟାମ୍ପସରେ ପାଟଣା ବିଧାୟକଙ୍କ ପ୍ରତିନିଧି ରାଧାକାନ୍ତ ମହାନ୍ତଙ୍କ ଦ୍ୱାରା ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି । ଅନ୍ୟତମ ଅତିଥି ଭାବେ ଝୁମ୍ପୁରା ବ୍ଲକ ବିଧାୟକଙ୍କ ପ୍ରତିନିଧି ପର୍ଶୁରାମ ମହାନ୍ତ ଚିନ୍ତାମଣି ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାୟକ, ଉଖୁଣ୍ଡା ସମିତିସଭ୍ୟ ଲକ୍ଷ୍ମଣ ରାଉତ, ପୂର୍ବତନ ଲ୍ୟାମ୍ପସ୍ ସଭାପତି ଭବାନୀ ଶଙ୍କର ନାୟକ ଚମ୍ପୁଆ ଆର୍‌ଏମସି ସଂପାଦକ ଦିଗାମ୍ବର ପ୍ରଧାନ, କେନ୍ଦୁଝର ଏସଏଆରସିଏସ ସୁଶୀଲ ନାଏକ, ଚମ୍ପୁଆ ଏସଏଆରସିଏସ ହେମନ୍ତ ନାଏକ, ଉଖୁଣ୍ଡା ଲ୍ୟାମ୍ପସ ଏମଡି ନବୀନଚନ୍ଦ୍ର ମହାନ୍ତ, ପୂର୍ବତନ ଏମଡି ରବୀନ୍ଦ୍ର ବାରିକ, ଉଖୁଣ୍ଡା ଗ୍ରାମସେବକ ଅଶୋକ ମହାନ୍ତ, ଲ୍ୟାମ୍ପସ୍ ଡାଇରେକ୍ଟର ସୁଶାନ୍ତ ପ୍ରଧାନ, ପ୍ରବୀର ରଞ୍ଜନ ନାୟକ, ବନବିହାରୀ ମହାନ୍ତ, ସଙ୍ଖାଳି ନାଏକ, ମୋଲି ନାୟକ ଏବଂ ସଦସ୍ୟ ବେଣୁଧର ମହାନ୍ତ, ରାମେଶ ମହାନ୍ତ, ତ୍ରିଲୋଚନ ମହାନ୍ତ ଯୋଗ ଦେଇଥିଲେ । ପ୍ରଥମ ଦିନ ୬ ଜଣ ଚାଷୀ, ବିଦ୍ୟାଧର ମହାନ୍ତ, ଅନାମ ମହାନ୍ତ, ଜଗନ୍ନାଥ ବାରିକ, ମୁନା ନାଏକ, ଅଜୟ ମହାନ୍ତ, ଲୋକନାଥ ମହାନ୍ତଙ୍କଠାରୁ ୨୦୦ କୁଇଣ୍ଟାଲ ଧାନ କିଣାଯାଇଥିଲା ।

## କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୬।୧(ସମିସ): ସ୍ଥାନୀୟ ଜୁବୁଲି ମଣ୍ଡପରେ ସର୍ବଭାରତୀୟ କରାଟେ ଚାମ୍ପିଅନସିପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦୀପକ କୁଅଁରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅତିଥି ଭାବେ ଓଡ଼ିଶା ଡମ ସମାଜ ବିକାଶ ଟ୍ରଷ୍ଟ ସଭାପତି କରମଚାନ୍ଦ କାଳନ୍ଦୀ, କେସିଓର ମଲେନ୍ଦ୍ର କାଳନ୍ଦୀ, ମନୋରଞ୍ଜନ କୁଅଁର, ବିଶ୍ୱରଞ୍ଜନ ବାଗ, ଶରତ ବୈଠା, ମହେଶର ବେହେରା,



ଶଶାଙ୍କ ତେଲେଙ୍ଗା, ଅନନ୍ତ ବାଗ, ଅଜିତ ବାଗ ସମ୍ବର୍ଦ୍ଧନା ଜଣାଇଥିଲେ । ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଆର୍ଥିକ ସହାୟତା ପ୍ରଦାନ କରି ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ପୋଖରୀରେ ବୁଡ଼ି ମହିଳା ମୃତ

ବଡ଼ସାହି,୬।୧(ସମିସ): ବଡ଼ସାହି ଥାନା ଅଧୀନ ବୀରେଶ୍ୱରପୁର ପଞ୍ଚାୟତ କୁଲଡିହା ଗ୍ରାମର ଜଣେ ମହିଳା ପାଣିରେ ବୁଡ଼ି ମୃତ୍ୟୁବରଣ କରିଥବା ଜଣାଯାଇଛି । ମୃତ ମହିଳା ଜଣକ ହେଲେ ସେହି ଗ୍ରାମର ସ୍ୱର୍ଗତ ସନ୍ତୋଷ କୁଆଁଙ୍କ ସ୍ତ୍ରୀ ସଂଜୁଲତା(୫୮) । ସେ ଗାଁରେ ଥିବା ଏକ ଗଡିଆକୁ ଗାଧୋଇବାକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ଖୋଜଖୋଜି କରିବା ପରେ ସେ ଗଡିଆରେ ପଡିଥିବାର ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ବଡସାହି ଡାକ୍ତରଖାନରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି ।

## ଏମଏସସିବି ବିଶ୍ୱବିଦ୍ୟାଳୟ ପାଇଁ ଏନ୍‌ବିସିସିର ୪୫.୮୭ କୋଟି ଟଙ୍କାର ପ୍ରକଳ୍ପ

ବାରିପଦା, ୬ ।୧(ସମିସ): କେନ୍ଦ୍ର ସରକାରୀ ନବରତ୍ନ ଉଦ୍ୟୋଗ ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍ ଶିକ୍ଷା କ୍ଷେତ୍ରରେ ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ବଡ଼ ପ୍ରକଳ୍ପ ହାସଲ କରିଛି । ୪୫.୮୭ କୋଟି ଟଙ୍କା (ଜିଏସ୍‌ଟି ବ୍ୟତୀତ) ର ପ୍ରକଳ୍ପରେ ବିଶ୍ୱବିଦ୍ୟାଳୟରେ ନିର୍ମାଣ, ମରାମତି ଓ ନବୀକରଣ କାର୍ଯ୍ୟ ପାଇଁ ବ୍ୟୟ ହେବ । ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ଅଧୀନରେ କାର୍ଯ୍ୟକାରୀ ହେବ । ଏହା ଦ୍ୱାରା ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ଆଧୁନିକୀକରଣ ହେବା ସହିତ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପରିବେଶ ମିଳିବ । ଏନ୍‌ବିସିସି ଏହି ପ୍ରକଳ୍ପରେ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ କନ୍ସଲଟାନ୍ସି (ପିଏମ୍‌ସି) ଭାବେ କାର୍ଯ୍ୟ କରିବ । ଏହି ଉନ୍ନୟନ କାର୍ଯ୍ୟ ଉତ୍ତର ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରକୁ ମଜବୁତ୍ କରିବ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ମାନ ବୃଦ୍ଧି ପାଇବା ସହିତ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହେବ । କ୍ୟାମ୍ପସରୁ କ୍ଲାସରୁମ୍ ପର୍ଯ୍ୟନ୍ତ ଏହାର ଦୀର୍ଘକାଳୀନ ପ୍ରଭାବ ପଡ଼ିବ ଓ ରାଜ୍ୟର ଶିକ୍ଷା ନେତୃତ୍ୱାଧୀନ ବିକାଶକୁ ନୂଆ ଗତି ମିଳିବ । ଏନ୍‌ବିସିସିର ଏହି ପ୍ରକଳ୍ପ ସରକାରୀ ଭିତ୍ତିଭୂମି ବିକାଶରେ କମ୍ପାନୀର ମୁଖ୍ୟ ଭୂମିକାକୁ ଆହୁରି ଉଜାଗର କରିଛି । ପୂର୍ବରୁ ବିଶ୍ୱବିଦ୍ୟାଳୟକୁ ପିଏମ୍-ଉଷା ଅଧୀନରେ ୧୦୦ କୋଟି ଟଙ୍କା ଅନୁଦାନ ମିଳିଥିଲା ।

## ପୂର୍ବତନ ସାଂସଦଙ୍କ କମ୍ବଳ ବଣ୍ଟନ

ବଡ଼ସାହି,୬।୧(ସମିସ): ମାନବ ସେବା ହିଁ ମାଧବ ସେବା । ଏହାକୁ ସାକାର କରିବାକୁ ଯାଇ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ମଙ୍ଗଳବାର ବଡ଼ସାହି ନିର୍ବାଚନମଣ୍ଡଳୀ ବଡ଼ସାହି ବ୍ଲକ୍ ଅଧୀନ ବଦଲିଗାଁ ଭୂତେଶ୍ୱର ପୀଠରେ ୧୦ଟି ପଞ୍ଚାୟତର ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷା ମିନତୀ ସିଂ, ଯାମିନୀକାନ୍ତ ନାଏକ, ବରିଷ୍ଠ ନେତା ପ୍ରକାଶ ଚନ୍ଦ୍ର ଦଲେଇ, ଅନନ୍ତ ପଶା, ପ୍ରକାଶ ଚନ୍ଦ୍ର ଦାସ ଓ ମନୋରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ପ୍ରତି ପଞ୍ଚାୟତରୁ ଆସିଥିବା ଅସହାୟ, ବୃଦ୍ଧବୃଦ୍ଧା, ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ପୂର୍ବତନ ସାଂସଦଙ୍କ ସେବା ମନୋବୃତ୍ତି ଓ ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକୁ ଉପସ୍ଥିତ ନେତୃବୃନ୍ଦ ପ୍ରଶଂସା କରିଛନ୍ତି । ସୁରଥ ଦାସ, ଗୋପଲ ମହାନ୍ତି, ସନାତନ ବେହେରା, ସରପଞ୍ଚ କୁନି ସିଂ ଓ ପ୍ରିୟଲତା ସିଂ, ନୀଳରତ୍ନ ମହାପାତ୍ର, ଅତୁଲ୍ୟ ମହାର୍ଣ୍ଣା, ନିରୋଜ ପଟ୍ଟନାୟକ, ମନୋରଞ୍ଜନ ଲେଙ୍କା, ଆଦିତ୍ୟ ବେହେରା ଓ ଲକ୍ଷ୍ମୀଧର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ପଡୁଆ ଉଚ୍ଚବିଦ୍ୟାଳୟରେ 'ପୁରସ୍କାର ନିଧି'

ଚମ୍ପୁଆ, ୬।୧(ସମିସ): ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ଅନ୍ତର୍ଗତ ପଡୁଆ ସରକାରୀ ଉଚ୍ଚବିଦ୍ୟାଳୟଠାରେ ପୁରସ୍କାର ନିଧି ତଥା ଗଣେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟଫଣ୍ଡ ଉଦଘାଟିତ ହୋଇଯାଇଛି । ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଡାକ୍ତର ନିରଂଜନ ଓଝା, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବୈଲୋଚନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାହୁ, ମଦନମୋହନ ଦ୍ୱିବେଦି ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଭକ୍ତବତ୍ସଳ ମହାନ୍ତ ପରିଚାଳନା କରିଥିଲେ । ଏହି ଅବସରରେ ପୂର୍ବତନ ହିନ୍ଦୀ ଶିକ୍ଷକ ଗଣେଶ୍ୱର ସାହୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗଣେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟଫଣ୍ଡ ମାଧ୍ୟମରେ ପୁରସ୍କାର ଯୋଜନାର ଆଭିମୁଖ୍ୟ ରଖିଥିଲେ । ଶ୍ରୀ ସାହୁ ୧ ଲକ୍ଷ ଟଙ୍କା ଏହି ଟ୍ରଷ୍ଟଫଣ୍ଡକୁ ପ୍ରଦାନ କରିଥିବା ବେଳେ ଏହି ଅର୍ଥରାଶିର ବାର୍ଷିକ ସୁଧ ବିଦ୍ୟାଳୟର ପ୍ରତ୍ୟାବାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ । ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ ବିଶିଷ୍ଟବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଡିଗ୍ରୀ ମହାବିଦ୍ୟାଳୟରେ ଶୀତକାଳୀନ ଶିବିର ଉଦ୍‌ଘାଟିତ

ବାରିପଦା, ୬ ।୧(ସମିସ):ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ଅଧକ୍ଷ ଡଃ ପ୍ରବୋଧ କୁମାର ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦଘାଟନ ହୋଇଯାଇଛି । ମହିଳା ଶାଖାର ଛାତ୍ରୀଙ୍କୁ ନେଇ ଉକ୍ତ ଶିବିର ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରୋଗ୍ରାମ ଅଫିସର ସରୋଜ ବେହେରା ଓ ଜ୍ୟୋତ୍ସ୍ନାରାଣୀ ଦତ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସଫଳତାର ସହିତ ପରିଚାଳନା କରିବା ନିମନ୍ତେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ପ୍ରଶାନ୍ତ ମହାନ୍ତି ଓ ସମସ୍ତ କର୍ମଚାରୀ ସହଯୋଗ କରୁଛନ୍ତି ।

## ରୟାଲ୍ସ ପ୍ରିମିୟର ଲିଗର ଚତୁର୍ଥ ଦିବସରେ ୪ଟି ମ୍ୟାଚ୍



ବାରିପଦା,୬ ।୧(ସମିସ): ଷ୍ଟେସନ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗର ୪ର୍ଥ ଦିବସରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ ଓ ସମ୍ମାନିତ ଅତିଥି ଭାବେ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲିଗ୍‌ର ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଉପସ୍ଥିତ ଥିଲେ । ପ୍ରଥମ ମ୍ୟାଚରେ ପରୀ ଚ୍ୟାଲେଞ୍ଜର ୬ ୱିକେଟରେ ଥ୍ରୀଲର ଦଳକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭି ରୋର ୯ ରନରେ ଆଞ୍ଜେଲ ରଣା ଦଳ, ତୃତୀୟ ମ୍ୟାଚରେ ମା' ତାରିଣୀ ୱାରିୟର୍ସ ୫ ୱିକେଟରେ ଏମର୍ଜିଂ ଟାଇଟନ ଦଳ ଓ ୪ର୍ଥ ମ୍ୟାଚ୍‌ରେ ମା' ଅମ୍ବିକା ସୁପର ସ୍ମାସର୍ସ ୬ ୱିକେଟରେ ଜଗନ୍ନାଥ ୱାରିୟର୍ସ ଦଳକୁ ପରାସ୍ତ କରିଥିଲା । ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଲିଆ ଓ ତାପସ ଦେ ଖେଳ ପରିଚାଳନା କରିଥିଲେ ।

## ଦରବାର ହଲ୍‌ରେ ବର୍ଷର ପ୍ରଥମ ଜନଶୁଣାଣି

କେନ୍ଦୁଝର, ୬।୧(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟପରିସରସ୍ଥ ଦରବାର ହଲ୍‌ଠାରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହ ଅଧ୍ୟକ୍ଷତା କରିଥିଲା ବେଳେ ସମସ୍ତ ବିଭାଗର ଅଧିକାରୀ ଅଭିଯୋଗଗୁଡ଼ିକ ଉପରେ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜସ୍ୱ, ଆବାସ, ପାନୀୟଜଳ, ରାସ୍ତା, ବୃଦ୍ଧାଭତ୍ତା, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଥିଲେ । ମୋଟ ୨୩୧ଟି ଅଭିଯୋଗ ମଧ୍ୟରୁ ୩୩ଟିର ତୁରନ୍ତ ସମାଧାନ କରାଯାଇଥିଲା । ବନଖଣ୍ଡ ଅଧିକାରୀ ଧନରାଜ ଏଚଡି,



ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟ ଜିଲ୍ଲା ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ପ୍ରଶିକ୍ଷଣାର୍ଥୀ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ । ଜାନୁଆରୀ ମାସର ପରବର୍ତ୍ତୀ ଶୁଣାଣି ୧୨ ତାରିଖ ସୋମବାର ହାଟଡିହି ବ୍ଲକ କାର୍ଯ୍ୟାଳୟ, ଆନନ୍ଦପୁରରେ ୧୯ ତାରିଖ ସୋମବାର, ଯୋଡ଼ାରେ ୨୭ ତାରିଖ ମଙ୍ଗଳବାର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ରହିଛି ।

## ଦୁର୍ଘଟଣାରେ ଜଣେ ମୃତ

ବାରିପଦା,୬ ।୧(ସମିସ):ବାରିପଦା ସଦର ଥାନା ଅନ୍ତର୍ଗତ ହେସେଲଡ଼ିହି ଛକ ନିକଟରେ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଛନ୍ତି । ମୃତକ ଜଣକ ଉକ୍ତ ଗ୍ରାମର ଗୋପାଳ ସୋରେନ ବୋଲି ଜଣାପଡିଛି । ସେ ସାଇକଲରେ ଯାଉଥିବାବେଳେ ପଛ ପଟୁ ଏକ ବାଇକ୍ ଧକ୍କା ଦେଇଥିଲା । ସେ ରାସ୍ତାରେ ଛିଟିକି ପଡ଼ିଥଲେ । ସ୍ଥାନୀୟ ଲୋକ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଘର ସମ୍ମୁଖରୁ ସ୍କୁଟି ଚୋରି

ରାଇରଙ୍ଗପୁର/କରଞ୍ଜିଆ,୬।୧(ସମିସ): ବଡାସାହି ୱାର୍ଡ ନମ୍ବର ୧୫ରେ ଘର ସମ୍ମୁଖରେ ପାର୍କିଂ ଥିବା ସ୍କୁଟି ଚୋରି ହୋଇଥିବା ନେଇ କରଞ୍ଜିଆ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଭଦ୍ରକ ଧୂଷୁରି ଅଞ୍ଚଳର ଉଷସୀ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେ କରଞ୍ଜିଆରେ ଚାକିରି କରନ୍ତି । ରାତିରେ ଘର ସମ୍ମୁଖରେ ସ୍କୁଟି ପାର୍କିଂ କରିଥିଲେ । ସକାଳୁ ଉକ୍ତ ସ୍ଥାନରେ ଗାଡ଼ି ନ ଥିବା ଦେଖିଥିଲେ । ଖୋଜାଖୋଜି କରିବା ପରେ ଗାଡ଼ି ନ ପାଇବାରୁ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ ।

## ଝାଡ଼ଖଣ୍ଡ ବାଲି ବୋଝେଇ ହାଇୱା ଜବତ

ରାଇରଙ୍ଗପୁର,୬।୧(ସମିସ): ଝାଡ଼ଖଣ୍ଡକୁ ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ତିରିଂ ଥାନା ପୁଲିସ ବାଲି ବୋଝେଇ ହାଇୱାକୁ ଜବତ କରିଛି । ବହୁ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲା । ଯାହାକୁ ନେଇ ପୁଲିସ ପାଟ୍ରୋଲିଂ କରି ଗିଡିଲତା ଗ୍ରାମ ନିକଟରେ ଚଢ଼ଉ କରି ଜବତ କରିଛି । ହାଇୱା ଚାଳକ ଝାଡ଼ଖଣ୍ଡ ରାଜ୍ୟର ସରେଇକଲା-ଖରସୁଆଁ ଅଞ୍ଚଳର ବଣକାଟିର ସୁଜିତ ମହାନ୍ତ(୩୦) ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏ ନେଇ ପୁଲିସ ପକ୍ଷରୁ ଅଭିଯୋଗକ୍ରମେ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ହାଇୱା ଜବତ କରି ତଦନ୍ତ ଜାରି ରହିଛି ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ

ବାଲେଶ୍ୱର, ୬।୧(ସମିସ):



ଟିପିଏନଓଡିଏଲ ପକ୍ଷରୁ ସ୍ଥାପନ ହେଲା ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର । ଉପଭୋକ୍ତାଙ୍କୁ ମିଳିବ ଗୁଣାତ୍ମକ ବିଜୁଳି ସେବା । ଦୂର ହେବ ଲୋ-ଭୋଲ୍ଟେଜ ସମସ୍ୟା । ଜନସାଧାରଣଙ୍କ ପାଇଁ ଲୋ-ଭୋଲ୍ଟେଜ ଏକ ସମସ୍ୟା ହୋଇ ରହି ଆସିଥିବାବେଳେ ସେମାନଙ୍କ ଅଭିଯୋଗ ଥିବାବେଳେ ଏହାର ସ୍ଥାୟୀ ସମାଧାନ କରିଛି ଟାଟା ପାୱାର ଓ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) । ଟିପିଏନଓଡିଏଲ ପକ୍ଷରୁ ଲୋ-ଭୋଲ୍ଟେଜ ସମସ୍ୟା ନେଇ ଅଭିଯୋଗ ଥିବା ଅଞ୍ଚଳରେ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି । କେନ୍ଦୁଝର ଜିଲ୍ଲା ଝୁମ୍ପୁରା ସେକ୍ସନ ଅନ୍ତର୍ଗତ ଦୁଡକୁଣ୍ଡି ଅଞ୍ଚଳରେ ୨୫ କେଭିଏରୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଥିବାବେଳେ ଯାଜପୁର ଜିଲ୍ଲା କୁଆଖିଆ ଡିଭିଜନ ଅନ୍ତର୍ଗତ ପାନ୍ଥୁରି ଅଞ୍ଚଳର ଥିବା ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଛି । ନେଉଳପୁର ଅଞ୍ଚଳର ୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଛି । ଅନୁରୂପ ଭାବେ ବାରିପଦା ଅନ୍ତର୍ଗତ ରଘୁନାଥପୁରରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଥିବାବେଳେ ଭଦ୍ରକ ସାଉଥ ଡିଭିଜନ ଅନ୍ତର୍ଗତ ଆଖୁଆପଦାରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଛି । ସେହିପରି ରାଇରାଙ୍ଗପୁର ଡିଭିଜନ ଅନ୍ତର୍ଗତ ଉପରବେଡା ଓ କଣ୍ଟାବଣିରେ ଦୁଇଟି ୨୫ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୧୦୦ କେଭିକୁ ବୃଦ୍ଧି କରାଯିବା ସହ କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ପରିବର୍ତ୍ତନ କରି ୨୫୦ କେଭିକୁ ବୃଦ୍ଧି କରାଯାଇଛି ।

ଏଣିକି ଏହି ଟ୍ରାନ୍ସଫର୍ମରଗୁଡ଼ିକ ଅଧିକ କ୍ଷମତାସମ୍ପର୍ଣ୍ଣ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ-ଭୋଲ୍ଟେଜ ସମସ୍ୟା ଦୂର କରିବାରେ ସକ୍ଷମ ହେବ । ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ବହୁ ଦିନର ସମସ୍ୟା ମଧ୍ୟ ଦୂର ହେବ । ଖାଲି ସେତିକି ନୁହଁ, ସୁରକ୍ଷାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରୀ ନିର୍ମାଣ କରାଯାଇଛି । ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରୟାସରତ ଥିବାବେଳେ ବିଗତ କିଛି ଦିନ ମଧ୍ୟରେ ଭିତ୍ତିଭୂମିରେ ଅନେକ ପରିବର୍ତ୍ତନ କରାଯାଇଛି । ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଉଛି ।

## ଆଜିର ରାଶିଫଳ

**ମେଷ:** ଦୂର ସମ୍ପର୍କୀୟଙ୍କ ସହିତ ଭେଟ ହୋଇପାରେ। ପୁରୁଣା ନିବେଶରୁ ଲାଭ ମିଳିବ। ପରିବାର ସହିତ ହସଖୁସିର ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିପାରେ। ଅଚାନକ ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ:** ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ସମୟ ଭଲ। ଚକ୍ଷୁ ଜନିତ ସମସ୍ୟା ହୋଇପାରେ। ସମୟର ସଦୁପଯୋଗ କରନ୍ତୁ।

**କର୍କଟ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ପ୍ରେମ ବ୍ୟାପାରରେ ସଫଳ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ଧନ ଲାଭ ହୋଇପାରେ।

**କନ୍ୟା:** ଅଜଣା ଲୋକଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ଉଚ୍ଚ ଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି। ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବିଛା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଆଶା କରିଥିବା ଦିଗରୁ ଲାଭବାନ ହେବେ।

**ଧନୁ:** ଶାରୀରିକ ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହିତ ଦୂର ସ୍ଥାନ ବୁଲିବାକୁ ଯାଇ ପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇ ପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ।

**ମକର:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ଆଗରେ ପ୍ରକାଶ କରନ୍ତୁନି। ଇଚ୍ଛା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। କଳାକାରଙ୍କ ପାଇଁ ଦିନଟି ଭଲ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଭାବିଚିନ୍ତି କାମ କରନ୍ତୁ।

**ମୀନ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

## ଆଜିର ଇତିହାସ

- ୧୭୮୨- ପ୍ରଥମ ଆମେରିକୀୟ ବାଣିଜ୍ୟିକ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା'ର ଆରମ୍ଭ।
- ୧୯୪୮- ଲେଖିକା ଶୋଭା ଦେ'ଙ୍କ ଜନ୍ମ।
- ୧୯୯୯- ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଲା।
- ୨୦୨୪- ଶେଖ୍ ହସିନା ବାଂଲାଦେଶରେ ସାଧାରଣ ନିର୍ବାଚନରେ ଜିତିଲେ।

## ଇଏ କି ଟାଟୁ!

ସାମାଜିକ ଗଣମାଧ୍ୟମରେ ଏକ ନୂଆ ଫେସନ ଟ୍ରେଣ୍ଡର ଭିଡିଓ ସେୟାର୍ କରାଯାଉଛି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଏହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ଏବେ ଲୋକେ ନିଜ ପ୍ରିୟଜନଙ୍କ ମୃତ୍ୟୁ ପରେ ସେମାନଙ୍କ ଅସ୍ଥି ପାଉଁଶକୁ ଟାଟୁ କାଳି ବା ଷ୍ୟାହିରେ ରୂପାନ୍ତରିତ କରୁଛନ୍ତି ଏବଂ ସେଥିରେ ଶରୀରରେ ଟାଟୁ କରୁଛନ୍ତି। ଏହି ଟାଟୁକୁ 'ଡେଡ୍ ବଡି ଟାଟୁ' ବୋଲି କୁହାଯାଉଛି। ଏଭଳି କରିବାର ଉଦ୍ଦେଶ୍ୟ ହେଉଛି, ନିଜ ପ୍ରିୟଜନଙ୍କ ଶରୀରର ଅଂଶକୁ ସବୁଦିନ ପାଇଁ ନିଜ ସାଙ୍ଗରେ ରଖିବା। ଏହି ଟ୍ରେଣ୍ଡ ପୂର୍ବରୁ ଆମେରିକା, କାନାଡ଼ା ଏବଂ ୟୁରୋପରେ ଲୋକପ୍ରିୟ ହୋଇଥିଲା। ଏବେ ଏହା ଭାରତରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ମୃତଶରୀର ଦାହ ହେବା ପରେ ଯେଉଁ ପାଉଁଶ ବାହାରେ ତାକୁ ଟାଟୁ କରିବା ପାଇଁ ଅଧିକ ଫାଇନ୍ କରିବାକୁ ପଡ଼ିଥାଏ। ଏନ୍‌ଗ୍ରେଭ୍ ଇଙ୍କ୍, କ୍ରିମେସନ୍ ଇଙ୍କ୍ ଭଳି କମ୍ପାନି ଏହି କାର୍ଯ୍ୟ କରିଥାଆନ୍ତି। ଏହି ପ୍ରକ୍ରିୟାରେ ପାଉଁଶକୁ ପ୍ରଥମେ ଉଚ୍ଚ ତାପମାତ୍ରାରେ ବିଶୁଦ୍ଧ କରାଯାଏ। ଏହାପରେ ଏହାକୁ ଅଲଟ୍ରା ଫାଇନ୍ କରାଯାଇ କାଳିରେ ମିଶାଇବା ପାଇଁ ପ୍ରସ୍ତୁତ କରାଯାଏ। ଏହି ପୁରା ପ୍ରକ୍ରିୟା ୪ ସପ୍ତାହ ପର୍ଯ୍ୟନ୍ତ ଚାଲେ। ସେହିପରି ପ୍ରତ୍ୟେକ ପର୍ଯ୍ୟାୟକୁ ଟ୍ରାକ୍ କରାଯାଏ। ତା'ପରେ ଏହାକୁ ବୋତଲରେ ବନ୍ଦ କରି ଟାଟୁ ଆର୍ଟିଷ୍ଟଙ୍କ ପାଖକୁ ପଠାଯାଏ। ଏହାପରେ ଟାଟୁ ଆର୍ଟିଷ୍ଟ ଜଣକ ଏହାକୁ କ୍ଲାଏଣ୍ଟଙ୍କ ଶରୀରରେ ଖୋଦେଇଥାନ୍ତି। ଅଧିକାଂଶ ମାମଲାରେ କେବଳ ଏକ ଚାମଚ ଅସ୍ଥି ପାଉଁଶକୁ ବ୍ୟବହାର କରାଯାଏ। କିଛି ଲୋକ ନିଜ ବାପା, ଭାଇ, ପୋଷା ପ୍ରାଣୀଙ୍କ ପାଉଁଶରେ ଟାଟୁ କରୁଥିବା ଦେଖାଯାଉଛି। ସେହିପରି ପାଉଁଶ ଠିକ୍ ଭାବେ ବିଶୋଧନ କରାଯାଇ ନ ଥିଲେ ଏଥିରୁ ଚର୍ମରେ ସଂକ୍ରମଣ ହେବା ଆଶଙ୍କା ରହିଛି। ଅନ୍ୟପଟେ ଏହି ଟ୍ରେଣ୍ଡ 'ମର୍ଟିଡ୍ ଇଙ୍କ୍' ନାଁରେ ପରିଚିତ। ତେବେ ବଲେରଗମ୍ ଇଙ୍କ୍ କିମ୍ବା ଘୋଷ୍ଟ ଏଜେଣ୍ଟ ଇଙ୍କ୍ ଭଳି କମ୍ପାନିଗୁଡ଼ିକ ମଧ୍ୟ ଏହି ସେବା ପ୍ରଦାନ କରୁଛନ୍ତି।



## 'ଓଏମ୍‌ଜି ୩'ରେ ରାନୀ

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ଓଏ ମାଇ ଗଡ୍'ର ଦୁଇଟି ପାର୍ଟ ଏଯାବତ୍ ରିଲିଜ୍ ହୋଇଛି। ଏବେ ଏହାର ତୃତୀୟ ପାର୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର ନଜର ଆସିବେ। ଅକ୍ଷୟଙ୍କ ସହ ଏଥିରେ ଏକ ମୁଖ୍ୟ ଭୂମିକାରେ ରାନୀ ମୁଖାର୍ଜୀ ନଜର ଆସିବେ। 'ଓଏ ମାଇ ଗଡ୍' ଅକ୍ଷୟଙ୍କ କ୍ୟାରିୟରର ଏକ ଭଲ ଫିଲ୍ମ ଭାବେ ପରିଗଣିତ ହୋଇଥାଏ। ଏହାର ଦୁଇଟି ପାର୍ଟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏବେ ଏହାର ତୃତୀୟ ପାର୍ଟକୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ପ୍ରଥମ ଥର ପାଇଁ ରାନୀ, ଅକ୍ଷୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ। ଏହାର ନିର୍ଦ୍ଦେଶନା ଦେଉଛନ୍ତି ଅମିତ୍ ରାୟ। ଏହାର ପ୍ରଥମ ଦୁଇଟି ପାର୍ଟରେ 'ଅନ୍ଧବିଶ୍ୱାସ' ଓ 'ସେକ୍ସ ଏଜୁକେସନ୍' ଭଳି ପ୍ରସଙ୍ଗଗୁଡ଼ିକ ଦେଖାଯାଇଥିବାବେଳେ ଏହାର ତୃତୀୟ ପାର୍ଟରେ ଏହାର କାହାଣୀ ଆଗକୁ ବଢ଼ାଯିବ। ଏଠାରେ ପ୍ରକାଶ ଥାଉ କି, ୨୦୧୨ରେ 'ଓଏ ମାଇ ଗଡ୍' ଆସିଥିଲା। ଏଥିରେ ପରେଶ ରାୱଲ ଏକ ନାସ୍ତିକ ବ୍ୟକ୍ତି ଭାବରେ ନଜର ଆସିଥିଲେ। ସେହିପରି ଅକ୍ଷୟ କୁମାର ଭଗବାନ କୃଷ୍ଣଙ୍କ ଭୂମିକାରେ ଦେଖାଯାଇଥିଲେ। ଏହାପରେ ୨୦୨୩ରେ 'ଓଏ ମାଇ ଗଡ୍ ୨' ଆସିଥିଲା। ପଙ୍କଜ ତ୍ରିପାଠୀ ଓ ୟାମୀ ଗୌତମ ଏଥିରେ ଲିଡ୍ ରୋଲରେ ନଜର ଆସିଥିବାବେଳେ ଅକ୍ଷୟ, ଭଗବାନ ଶିବଙ୍କ ଦୂତ ଭୂମିକାରେ ନଜର ଆସିଥିଲେ। ଏହି ଦୁଇଟି ଯାକ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା।



## ଅଜବ ପରମ୍ପରା
## ପତିଙ୍କୁ ତେନ୍ତୁଳି ଛାଟ

ସ୍ୱାମୀ ସ୍ତ୍ରୀ ସମ୍ପର୍କ ସାତ ଜନ୍ମର ବୋଲି କୁହାଯାଏ। ପରସ୍ପର ମଧ୍ୟରେ ସ୍ନେହ, ଭଲପାଇବା, ବିଶ୍ୱାସ ହିଁ ଦାମ୍ପତ୍ୟ ଜୀବନକୁ ସୁଖମୟ କରିଥାଏ। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ଓଷା ବ୍ରତ ଆଦି ରଖିଥାନ୍ତି। ହେଲେ ଭାରତରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କୁ ବାଡ଼ିରେ ପିଟନ୍ତି। ଏମିତି ଏକ ପରମ୍ପରା ମଧ୍ୟପ୍ରଦେଶ, ଦେବାସ ନାମକ ସ୍ଥାନରେ ଦେଖିବାକୁ ମିଳେ। ଏଠାରେ ମହିଳାମାନେ ଦେବୀମାତାଙ୍କ ପୂଜାର୍ଚ୍ଚନା କରିବା ପରେ ସ୍ୱାମୀଙ୍କୁ ନିର୍ଘୃମ ପିଟନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି। ବିଶେଷକରି ଗଣଗୌର ପର୍ବ ସମୟରେ ଏହି ପରମ୍ପରା ଦେଖିବାକୁ ମିଳେ। ଦେବାସ ଜିଲ୍ଲାର ବାଗଲୀ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ସୁଖ ଶାନ୍ତି ତଥା ସୁଖମୟ ବୈବାହିକ ଜୀବନ ଓ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ ରଖନ୍ତି। ଏଥିରେ ଗଣଗୌର ମାତାଙ୍କ ପୂଜାର୍ଚ୍ଚନା କରାଯାଏ। ଏହି ପର୍ବରେ ଗୁଡ଼ ଭାଙ୍ଗିବାର ଏକ ଅଦ୍ଭୁତ ପ୍ରଥା ରହିଛି। ଏଥିପାଇଁ ଏକ ଲମ୍ବା ବାଡ଼ିର ଉପରେ ଗୁଡ଼ କିମ୍ବା ନଡ଼ିଆ ଥିବା ପୁଟୁଳି ବନ୍ଧାଯାଏ। ପୁରୁଷମାନଙ୍କୁ ଉକ୍ତ ପୁଟୁଳିକୁ କବ୍ଜା କରିବାକୁ ହୁଏ। ତେଣୁ ଗାଁର ପୁରୁଷମାନେ ପୁଟୁଳିକୁ କବ୍ଜା କରିବାକୁ ଚେଷ୍ଟା କରନ୍ତି। ପୁରୁଷମାନେ ପୁଟୁଳିକୁ ଯେପରି ନ ନେଇ ପାରିବେ ସେଥିଲାଗି ମହିଳାମାନେ ତେନ୍ତୁଳି ବାଡ଼ିରେ ପିଟନ୍ତି। ଅପରପକ୍ଷରେ ମହିଳାଙ୍କ ମାଡ଼ରୁ ରକ୍ଷା ପାଇଁ ପୁରୁଷମାନେ ବି ହାତରେ ଲାଠି ନେଇ ଆସିଥାନ୍ତି। ଏହି ପ୍ରକ୍ରିୟାରେ ଖେଳ ସାତ ଥର ହୋଇଥାଏ। ଏଥିରେ ପ୍ରତିବର୍ଷ ଅନେକ ପୁରୁଷଙ୍କୁ ଆଘାତ ଲାଗିଥାଏ। ଏହି ଆଘାତକୁ ଆଶୀର୍ବାଦ ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି। ଏହାଦ୍ୱାରା ସେମାନଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। କେବଳ ବିବାହିତା ମହିଳା ନୁହେଁ, ଶୀଘ୍ର ବିବାହ ପାଇଁ ଅବିବାହିତ ଯୁବତୀ ମଧ୍ୟ ଏଥିରେ ଭାଗ ନିଅନ୍ତି।



## ମନୋବିଜ୍ଞାନ ପ୍ରତି ବଢୁଛି ଆଗ୍ରହ




**କୃତ୍ରିମ ବୁଦ୍ଧିମତା ଯୋଗୁଁ ଲୋକଙ୍କଠାରେ ଏକାକୀତ୍ୱ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଏବେ ଭାରତୀୟ ବିଦ୍ୟାର୍ଥୀଙ୍କର ମନୋବିଜ୍ଞାନ ପ୍ରତି ଆଗ୍ରହ ବଢୁଛି। ତା'ସହ ଏହି କ୍ଷେତ୍ରର ପାରିଶ୍ରମିକ ମଧ୍ୟ ସେମାନଙ୍କୁ ଆକର୍ଷିତ କରୁଛି।**

ବର୍ତ୍ତମାନ ମେଣ୍ଟାଲ ହେଲଥ୍ ବିଷୟ ପ୍ରତି ବଢୁଥିବା ଆଗ୍ରହ ଏକ ଟ୍ରେଣ୍ଡ ପାଲଟିଛି। ୨୦୨୦ ରୁ ୨୦୨୪ ମଧ୍ୟରେ ଏହି କ୍ଷେତ୍ର ଲାଗି ପିଲାଙ୍କ ଆଗ୍ରହ ଦଶଗୁଣ ବୃଦ୍ଧି ପାଇଛି। ଯଦି ଏହି ଧାରା ଏମିତି ଜାରି ରହିଲା, ତେବେ ଭାରତୀୟ ଯୁବପିଢ଼ିଙ୍କର ଏହି କ୍ଷେତ୍ର ପ୍ରତି ବଢୁଥିବା ମନୋଭାବରେ ଏକ ମୌଳିକ ପରିବର୍ତ୍ତନକୁ ଏହା ଇଙ୍ଗିତ କରୁଥିବା ବୁଝିବାକୁ ପଡ଼ିବ। ଏବେ ମନୋବିଜ୍ଞାନକୁ ଏମିତି ବିଷୟ ଭାବେ ଦେଖାଯାଉଛି, ଯେଉଁଥିରେ ଅଟୋମେସନର କମ୍ ପ୍ରଭାବ ରହିବ।

ଅନ୍ୟପଟେ ଏବେ ଫେଶନ୍ ଦୃଷ୍ଟିକୋଣରୁ ଅଧିକାଂଶ ପିଲା ମନୋବିଜ୍ଞାନ ପଢ଼ିବାକୁ ଚାହୁଁଛନ୍ତି। ଏହାବାଦ୍ ଏହି କ୍ଷେତ୍ରର ପାରିଶ୍ରମିକ ମଧ୍ୟ ସେମାନଙ୍କ ଆକର୍ଷିତ କରୁଛି। ଆମେରିକାରେ ମନସ୍ତତ୍ତ୍ୱବିଦ୍‌ଙ୍କ ବାର୍ଷିକ ପାରିଶ୍ରମିକ ୮୫ ଲକ୍ଷ। ଏଣୁ ୨୦୩୪ ସୁଦ୍ଧା ମନୋବିଜ୍ଞାନର ଚାହିଦା ୧୭ ପ୍ରତିଶତ ବେଗରେ ବଢ଼ିବ। ସେହିପରି ବିଦେଶରେ ମନୋବିଜ୍ଞାନ ପଢ଼ିଲେ କେବଳ ବିଦେଶରେ ଚାକିରି ମିଳିବ ତାହା ନୁହେଁ, ଭାରତରେ ବି ଚାକିରିର ଯଥେଷ୍ଟ ସୁଯୋଗ ଅଛି। ଏକ ସର୍ଭେ ଅନୁସାରେ, ୨୬ ପ୍ରତିଶତ ଭାରତୀୟ ଏକାକୀତ୍ୱ ଅନୁଭବ କରୁଛନ୍ତି। ଏହା ଯୋଗୁଁ ମନୋବିଜ୍ଞାନାର ଚାହିଦା ବଢୁଥିବା କୁହାଯାଉଛି। ଭାରତରେ ପ୍ରତି ୧୦୦,୦୦୦ ଜନସଂଖ୍ୟାରେ ମାତ୍ର ୦.୪୭ ଜଣ ମନସ୍ତତ୍ତ୍ୱବିତ୍ ଅଛନ୍ତି। ଏହି ସଂଖ୍ୟା ବି ଦେଶରେ ମନସ୍ତତ୍ତ୍ୱବିଦ୍‌ଙ୍କ ଆବଶ୍ୟକତାକୁ ସୂଚିତ କରୁଛି।

## ଅନ୍‌ଲାଇନ୍ ବ୍ୟାଙ୍କିଂର ସାହାଯ୍ୟ ନେଉଥିଲେ...

**ବର୍ତ୍ତମାନ ସମସ୍ତେ ଅନ୍‌ଲାଇନ୍ ବ୍ୟାଙ୍କିଂକୁ ପ୍ରାଥମିକତା ଦେଉଛନ୍ତି। ଏହା ଦ୍ୱାରା ବ୍ୟାଙ୍କରେ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବାକୁ ପଡୁନି। ଯଦିଓ ଅନ୍‌ଲାଇନ୍ ବ୍ୟାଙ୍କିଂ ଜୀବନକୁ ସହଜ କରିଛି, ତଥାପି ଏହାକୁ ବ୍ୟବହାର କରିବା ସମୟରେ କିଛି ଦିଗ ପ୍ରତି ଧ୍ୟାନ ଦେବା ଦରକାର।**




- ଅନ୍‌ଲାଇନ ବ୍ୟାଙ୍କିଂ ବ୍ୟବହାର କରୁଥିଲେ ଏହାର ଏକ ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ ରଖିବା ଦରକାର। ପାସ୍‌ୱାର୍ଡ ଏଭଳି ରଖନ୍ତୁ, ଯେଉଁଥିରେ ଅକ୍ଷର, ନମ୍ବର ଓ ଚିହ୍ନର ମିଶ୍ରଣ ଥିବ।
- ସାଧାରଣତଃ କାଫେ ତଥା ସର୍ବସାଧାରଣ ସ୍ଥାନରେ ୱାଇଫାଇର ବ୍ୟବହାର ଲୋକେ ଭାବିଚିନ୍ତି କରି ନ ଥାନ୍ତି। ଯଦି ଅନ୍‌ଲାଇନ୍ ବ୍ୟାଙ୍କିଂ ବ୍ୟବହାର କରୁଛନ୍ତି, ତେବେ ପବ୍ଲିକ୍ ୱାଇଫାଇ ବ୍ୟବହାରରୁ ଦୂରେଇ ରୁହନ୍ତୁ। ହ୍ୟାକରଙ୍କ ପାଇଁ ଏଭଳି ଆକାଉଣ୍ଟ ହ୍ୟାକ୍ କରିବା ସହଜ ହୋଇଯାଏ।
- ନେଣଦେଣର ମେସେଜ ମଧ୍ୟ ବ୍ୟାଙ୍କରୁ ଆସେ। ଯାହାକୁ ଲୋକେ ଅଣଦେଖା କରନ୍ତି। ଏଭଳି ଅଣଦେଖା କରିବା ଠିକ୍ ନୁହେଁ
- ଫୋନ୍‌ରେ ଏସ୍‌ଏମ୍‌ଏସ୍ ଏବଂ ଇମେଲ୍ ଆଲର୍ଟ ଚାଲୁ କରିବା ଦରକାର। ଏଭଳି ହେବା ଦ୍ୱାରା ପଇସାର ନେଣଦେଣ ଯେତେବେଳେ ବି ହେବ, ତୁରନ୍ତ ଜଣାପଡ଼ିବ।
- ବ୍ୟାଙ୍କ ଷ୍ଟେଟମେଣ୍ଟକୁ ନିତିଦିନ ଯାଞ୍ଚ କରିବା ଭଲ।
- ଅଜଣା ଟ୍ରାନ୍‌ଜାକସନ ଉପରେ ଗୁରୁତ୍ୱ ଦେବା ଜରୁରି।

## ସମ୍ଭାବନା



## କେମିତି ବଢ଼ାଇବେ ଶବ୍ଦ ଜ୍ଞାନ

**ଶବ୍ଦ ଜ୍ଞାନ ବଢ଼ାଇବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। ଏହା କଥାବାର୍ତ୍ତାର କୌଶଳ ସୁଧାରିବାରେ ସାହାଯ୍ୟ କରେ। ତେଣୁ ଏହି ଜ୍ଞାନ କିଭଳି ନିଜ ଭିତରେ ବଢ଼ିବ, ସେ ସମ୍ପର୍କରେ ଜାଣିବା।**



- ନିତିଦିନ ଗୋଟିଏ ନୂଆ ଶବ୍ଦ ଶିଖିବା ହେଉଛି ଏ ଲାଗି ଏକ ପ୍ରଭାବି ଉପାୟ।
- ନୂଆ ଶବ୍ଦ ଶିଖିବା ପରେ ଏହାକୁ ବାକ୍ୟରେ ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ।
- ଏହା ଦ୍ୱାରା କେବଳ ଜ୍ଞାନ ବଢ଼ିବ ନାହିଁ, ବରଂ ଶବ୍ଦର ଠିକ୍ ଉପଯୋଗ କରିବା ଶିଖି ହୁଏ।
- ଶବ୍ଦାବଳୀ ଜ୍ଞାନ ବଢ଼ାଇବାର ଭଲ ଉପାୟ ହେଉଛି ବହି ପଢ଼ିବା।
- ଏଭଳି ବହି ପଢ଼ନ୍ତୁ ଯେଉଁଥିରେ ନିଆରା ଓ ନୂତନ ଶବ୍ଦ ଥିବ।
- ମୁଖ୍ୟତଃ ଉପନ୍ୟାସ, ନିବନ୍ଧ, ଖବରକାଗଜ ପଢ଼ିବା ଦ୍ୱାରା ନୂଆ ଶବ୍ଦ ମିଳେ।
- ନୂଆ ଶବ୍ଦ ଶିଖିବା ସହିତ ଏହାର ଅର୍ଥ ବି ଜାଣିବା ଜରୁରି।
- ସେହିପରି ଶବ୍ଦର ସଠିକ୍ ଉଚ୍ଚାରଣ ବି ଜରୁରି।
- ଶିଖିଥିବା ନୂଆ ଶବ୍ଦର ଅଭ୍ୟାସ କରିବା ଦରକାର।
- ଏହାବାଦ୍ ନିତିଦିନ ଜୀବନରେ ନୂଆ ଶବ୍ଦ ବ୍ୟବହାର କରିବା ଉଚିତ।

## ଟ୍ରେଣ୍ଡରେ ପୋର୍ଟେବୁଲ ପ୍ରୋଜେକ୍ଟର



ଆଜିର ସମୟରେ ଲୋକେ ସ୍ମାର୍ଟ ଏବଂ ପୋର୍ଟେବୁଲ ଗ୍ୟାଜେଟ୍‌କୁ ବେଶି ପସନ୍ଦ କରୁଛନ୍ତି। ବିଶେଷକରି ଯୁବପିଢ଼ି ଏବଂ କର୍ମଜୀବୀଙ୍କଠାରେ ଏହାର ଚାହିଦା ବେଶି। ଏହି କ୍ରମରେ ଏବେ ପୋର୍ଟେବୁଲ ବା ମିନି ପ୍ରୋଜେକ୍ଟର ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହା ଏମିତି ଏକ ପ୍ରୋଜେକ୍ଟର ଯାହାକୁ ହାତରେ ସହଜରେ ଧରିବା ସମ୍ଭବ ଏବଂ ପକେଟ୍‌ରେ ରଖିବା ସୁବିଧାଜନକ। ଅବଶ୍ୟ ଡିଭାଇସ୍‌ଟି ଛୋଟ ହେଲେ ବି ସ୍କ୍ରିନ୍‌ରେ ଏହା ୮-୧୦୦ ଇଞ୍ଚ ପର୍ଯ୍ୟନ୍ତ ଡିସପ୍ଲେ ପ୍ରଦର୍ଶନ କରିବାର କ୍ଷମତା ରଖିଥାଏ।

ତେବେ ମିନି ପ୍ରୋଜେକ୍ଟରର ବିଶେଷତ୍ୱ ହେଉଛି ଏହାକୁ ଘର କାନ୍ଥରେ କେଉଁଠି ବି ଲଗାଇପାରିବେ। ସାଙ୍ଗମାନଙ୍କ ସହିତ ମୁଭି ନାଇଟ୍‌କୁ ଯିବା ବେଳେ ବି ଏହାକୁ ସାଙ୍ଗରେ ନେଇପାରିବେ। ଅବଶ୍ୟ ଏ ଲାଗି କେବଳ ଏକ ଧଳା ସ୍କ୍ରିନ୍ ପାଖରେ ରହିବା ଜରୁରି। ଅନ୍ୟପଟେ ଏବେ ଅଧିକାଂଶ ମିନି ପ୍ରୋଜେକ୍ଟରରେ ୱାଇଫାଇ ଏବଂ ବ୍ଲୁଟୁଥ୍ ସପୋର୍ଟ ମିଳିଥାଏ। ଏହା ଦ୍ୱାରା ଏହାକୁ ଲାପଟପ୍, ମୋବାଇଲ, ଟାବଲେଟ୍ ଦ୍ୱାରା ସିଧା ସଂଯୋଗ କରାଯାଇପାରିବ। ସେହିପରି କିଛି ମଡେଲରେ ଆଣ୍ଡ୍ରଏଡ୍ ସିଷ୍ଟମ ଥାଏ। ଯାହାକୁ ୟୁଟ୍ୟୁବ୍, ନେଟ୍‌ଫ୍ଲିକ୍ସ ଭଳି ଆପ୍ ମଧ୍ୟ ସିଧା ପ୍ରୋଜେକ୍ଟରରେ ଚାଲିପାରେ।

**ଟ୍ରାଭିସ୍ ହେଡ୍-୧୬୩, ଷ୍ଟିଭେନ୍ ସ୍ମିଥ୍-୧୨୯***

# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ସିଡ୍‌ନୀ ଟେଷ୍ଟ

ସିଡ୍‌ନୀ,୬।୧(ଏଜେନ୍ସି)

ଅଲ୍‌ରାଉଣ୍ଡର ଟ୍ରାଭିସ୍ ହେଡ୍ ଓ କାମଚଳା ଅଧିନାୟକ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଶତକ ସହାୟତାରେ ସିଡ୍‌ନୀରେ ଇଂଲଣ୍ଡ ସହ ଚାଲିଥିବା ୫ମ ତଥା ଶେଷ ଆସେସ୍ ଟେଷ୍ଟ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ଏହି ଟେଷ୍ଟରେ ଜୋ ରୁଟ (୧୬୦)ଙ୍କ ୪୧ତମ ଶତକ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୩୮୪ ରନ୍ କରିଥିଲା। ଜବାବରେ ଟ୍ରାଭିସ୍ ହେଡ୍‌ଙ୍କ ୧୬୩ ଓ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଅପରାଜିତ ୧୨୯ ରନ୍ ସହାୟତାରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୭ ୱିକେଟ ହରାଇ ୫୧୮ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ସ୍ମିଥ୍‌ଙ୍କ ସହ ଯୁବ ଅଲରାଉଣ୍ଡର ବିଉ ୱେବ୍‌ଷ୍ଟର ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୪୨ ରନ୍‌ରେ ଅପରାଜିତ ରହିଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ୨ ଦିନ ବାକିଥିଲାବେଳେ ଅଷ୍ଟ୍ରେଲିଆ ପାଖରେ ୩ଟି ୱିକେଟ ବାକିଥାଇ ୧୩୪ ରନ୍‌ରେ ଆଗୁଆ ରହିଛି। ଇଂଲଣ୍ଡ ପକ୍ଷରୁ କୌଣସି ବୋଲର ପ୍ରଭାବଶାଳୀ ସାବ୍ୟସ୍ତ ହୋଇ ନ ଥିଲାବେଳେ ବ୍ରାଇଡନ କାର୍ସ ସର୍ବାଧିକ ୩ଟି ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଚଳିତ ଆସେସ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୩-୧ରେ ଅପରାଜେୟ ଅଗ୍ରଣୀ ସହ ଆଗୁଆ ସିରିଜ୍ ଜିତିନେଇଛି।



ଏହି ଟେଷ୍ଟରେ ଆଜି ସକାଳେ ଅଷ୍ଟ୍ରେଲିଆ ଦଳ ୨ ୱିକେଟରେ ୧୬୬ ରନ୍‌ରୁ ଖେଳ ଆରମ୍ଭ କରି ଦିନ ସାରା ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ୮ଟି ପାର୍ଟନରସିପ୍‌ରେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଥିଲା। ଏହା ମଧ୍ୟରୁ ଦ୍ୱିତୀୟ ୱିକେଟ ଯୋଡ଼ିରୁ ସର୍ବାଧିକ ୧୦୫ ଓ ଷଷ୍ଠ ୱିକେଟ ଯୋଡ଼ିରୁ ସର୍ବନିମ୍ନ ୨୭ ରନ୍ ମିଳିଥିଲା। ହେଡ୍ ପ୍ରଥମ ୪ଟି ୱିକେଟ ପାର୍ଟନରସିପ୍‌ରେ ୫୦ରୁ ଊର୍ଦ୍ଧ୍ୱ ଲେଖାଏଁ ରନ୍ ହାସଲ କରିଥିଲେ। ଟେଷ୍ଟ କ୍ୟାରିୟରରେ ଦ୍ୱାଦଶ ଶତକ ହାସଲ କରିଥିବା ହେଡ୍ ୧୬୬ଟି ବଲ୍‌ର ସମ୍ମୁଖୀନ ହୋଇ ୨୪ ଚୌକା ଓ ୧ ଛକା ସହ ୧୬୩ ରନ୍‌ରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ କ୍ୟାରିୟରର ୩୭ତମ ଶତକ ହାସଲ କରିଥିବା ସ୍ମିଥ୍ ୨୦୫ ବଲ୍ ଖେଳି ୧୫ ଚୌକା ଓ ୧ଛକା ସହ ୧୨୯ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗତକାଲି ମାର୍ନସ ଲାବୁସେନ ୪୮, ଆଜି କାମେରନ୍ ଗ୍ରୀନ୍ ୩୭ ଓ ବିଉ ୱେବ୍‌ଷ୍ଟର ଅପରାଜିତ ୪୨ ରନ୍ କରିଥିଲେ। ସ୍ମିଥ୍ ଓ ୱେବ୍‌ଷ୍ଟର ଅବିଭକ୍ତ ୮ମ ୱିକେଟ ପାର୍ଟନରସିପ୍‌ରୁ ୮୧ ରନ୍ ଉଠାଇ ଇଂଲଣ୍ଡ ନିକଟରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଇଂଲଣ୍ଡର ବୋଲରମାନେ ବିଶେଷ ପ୍ରଭାବ ପକାଇ ପାରି ନ ଥିଲେ। ତେବେ ଦଳ ପକ୍ଷରୁ ବ୍ରାଇଡନ କାର୍ସ ସର୍ବାଧିକ ୩ଟି ଓ ବେନ୍ ଷ୍ଟୋକ୍ସଙ୍କୁ ୨ଟି ୱିକେଟ ମିଳିଥିଲା।

## ବ୍ରାଡ୍‌ମ୍ୟାନ୍‌ଙ୍କ ପଛକୁ ସ୍ମିଥ୍ ଦ୍ୱିତୀୟ

ସ୍ମିଥ୍ ଏଠାରେ ୩୭ତମ ତଥା ଆସେସ ସିରିଜ୍‌ରେ ୧୩ତମ ଶତକ ହାସଲ କରିଛନ୍ତି। ଆସେସ୍‌ରେ ସର୍ବାଧିକ ୧୯ଟି ଶତକ ଡନ୍ ବ୍ରାଡ୍‌ମ୍ୟାନଙ୍କ ନାମରେ ରହିଛି। ଷ୍ଟିଭ୍ ୱ ୧୦ଟି ଶତକ ହାସଲ କରିଛନ୍ତି। ଇଂଲଣ୍ଡର ଜ୍ୟାକ୍ ହବ୍ସ ୧୨, ୱାଲି ହାମଣ୍ଡ ଓ ଡେଭିଡ୍ ଗୱର ୯ଟି ଲେଖାଏଁ ଶତକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ତେନ୍ଦୁଲକର ସର୍ବାଧିକ ୫୧, କାଲିସ ୪୫, ପଣ୍ଟିଂ ଓ ରୁଟ୍ ୪୧ଟି ଲେଖାଏଁ, ସାଙ୍ଗାକାରା ୩୮ଟି ଶତକ ହାସଲ କରିଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟରେ ସ୍ମିଥ୍ ଚତୁର୍ଥ ବ୍ୟାଟର ଭାବେ ଗୋଟିଏ ଦେଶ ବିପକ୍ଷରେ ୫,୦୦୦ ରନ୍ ପୂରଣ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ସ୍ମିଥ୍ ୯୦ଟି ମ୍ୟାଚ୍‌ରୁ ୫୦୮୫ ରନ୍ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା, ବିରାଟ କୋହଲି ଅଷ୍ଟ୍ରେଲିଆ ଓ ବ୍ରାଡ୍‌ମ୍ୟାନ୍ ଇଂଲଣ୍ଡ ବିପକ୍ଷରେ ଏହି ସଫଳତା ପାଇଛନ୍ତି।

## ଫେବୃଆରୀ ୧୪ରୁ ଆଇଏସ୍ଏଲ୍

ନୂଆଦିଲ୍ଲୀ,୬।୧(ଏଜେନ୍ସି): ଇଣ୍ଡିଆନ ସୁପର ଲିଗ୍ ଫୁଟବଲ (ଆଇଏସ୍ଏଲ୍)କୁ ନେଇ ଯେଉଁ କଳ୍ପନା ଜଳ୍ପନା ଚାଲିଥିଲା ତାହା ଆଜି ଶେଷ ହୋଇଛି। ଆୟୋଜନର ଅନିଶ୍ଚିତତା ଦେଇ ଗତି କରୁଥିବା ଏହି ଟୁର୍ଣ୍ଣାମେଣ୍ଟ ଏଥର ଫେବୃଆରୀ ୧୪ରୁ ଆରମ୍ଭ ହେବ ବୋଲି ସର୍ବଭାରତୀୟ ଫୁଟବଲ ମହାସଂଘ ସଭାପତି କଲ୍ୟାଣ ଚୌବେ ଘୋଷଣା କରିଛନ୍ତି। ଏଥିରେ ସମସ୍ତ ୧୪ଟି ଯାକ କ୍ଲବ୍ ଅଂଶଗ୍ରହଣ କରିବେ। ହୋମ୍ ଆଣ୍ଡ ଆୱେ ଫର୍ମାଟରେ ୯୧ଟି ମ୍ୟାଚ୍ ଏହି ଟୁର୍ଣ୍ଣାମେଣ୍ଟରେ ଖେଳାଯିବ। ସେହିପରି ଆଇ-ଲିଗ୍ ମଧ୍ୟ ଖେଳାଯିବ। ଏଥିରେ ୫୫ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଭବିଷ୍ୟତ ନିର୍ଦ୍ଧାରଣ କରିବା ଲାଗି ଆଜି ଏଆଇଏଫ୍ଏଫ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ମୋଟ ଖର୍ଚ୍ଚ ୨୫ କୋଟି ଟଙ୍କା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଖର୍ଚ୍ଚ ହେବ। ଏହାକୁ ପରିଚାଳନା କରିବା ଲାଗି ପ୍ରାୟୋଜକ ମିଳିଲା ପର୍ଯ୍ୟନ୍ତ ଏଆଇଏଫ୍ଏଫ୍ ୧୪ କୋଟି ଟଙ୍କା ବ୍ୟୟ କରିବ। ସେହିପରି ଆଇ-ଲିଗ୍ ଲାଗି ୩.୨ କୋଟି ଟଙ୍କା ଏଆଇଏଫ୍ଏଫ୍ ଦେବ। ଉଭୟ ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଏକ ଗଭର୍ଣ୍ଣିଂ କାଉନ୍ସିଲ ବୋର୍ଡ ଗଠନ କରାଯାଇଛି।

## ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏଥର ରେକର୍ଡ ପୁରସ୍କାର




ମେଲବୋର୍ଣ୍ଣ, ୬।୧ (ଏଜେନ୍ସି): ଅଷ୍ଟ୍ରେଲିଆନ୍ ଓପନ୍‌ର ୧୧୪ତମ ସଂସ୍କରଣ ଚଳିତ ମାସ ୧୮ରୁ ଆରମ୍ଭ ହେବ। ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ଚଳିତ ସଂସ୍କରଣରେ ରେକର୍ଡ ୭୪.୯ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୬୭୫ କୋଟି ୪୪ ଲକ୍ଷ) ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଗତ ସଂସ୍କରଣଠାରୁ ୧୬ ପ୍ରତିଶତ ଅଧିକ। ୨୦୨୫ ସଂସ୍କରଣରେ ପୁରସ୍କାର ବାବଦକୁ ମୋଟ୍ ୬୪.୮୧ ମିଲିୟନ ଡଲାର ଦିଆଯାଇଥିଲା। ଏଥର ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳି ୨.୭୯ ମିଲିୟନ ଡଲାର (ପ୍ରାୟ ୨୫ କୋଟି ୧୬ ଲକ୍ଷ ଟଙ୍କା) ସାଙ୍ଗରେ ଘରକୁ ନେବେ। ରନର୍ସଅପ୍ ଖେଳାଳି ୧୩ କୋଟି ୩ ଲକ୍ଷ ଟଙ୍କାରେ ସନ୍ତୁଷ୍ଟ ରହିବେ। ସେମିଫାଇନାଲରେ ପରାଜିତ ଖେଳାଳି ୭.୫୭ କୋଟି ଟଙ୍କା, ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଖେଳାଳିଙ୍କୁ ୯୦.୮୫ ଲକ୍ଷ ଟଙ୍କା ମିଳିବ।

## ଲକ୍ଷ୍ୟ ସେନଙ୍କ ବିଜୟ ଅଭିଯାନ

କ୍ୱାଲାଲୁମ୍ପୁର, ୬।୧ (ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ମାଲେସିଆ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୬୪'ର ଏକ ମ୍ୟାଚରେ ଲକ୍ଷ୍ୟ ୨୧-୧୬, ୧୫-୨୧, ୨୧-୧୪ ଗେମରେ ହଂକଂର ଜିଆ ହେଙ୍ଗ୍ ଜାସନ ତେହଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ଏକ ଘଣ୍ଟା ୧୦ ମିନିଟ ସମୟ ଲାଗିଥିଲା। ବିଶ୍ୱ ମାନ୍ୟତାର ୧୩ତମ ସ୍ଥାନରେ ରହିଥିବା ଲକ୍ଷ୍ୟ ରାଉଣ୍ଡ-୩୨ରେ ଅନ୍ୟତମ ହଂକଂ ଖେଳାଳି ଲି ଚିଉକ'ଙ୍କୁ ଭେଟିବେ।

## ଏସିଆ ସ୍କୁଲ ରଗବୀରେ ଭାଗନେବ କିସ୍‌ର ଦୁଇ ଦଳ

ଭୁବନେଶ୍ୱର, ୬।୧ (ସମିସ): ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଚଳିତ ମାସ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏସିଆ ସ୍କୁଲ ରଗବୀ ସେଭେନ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ କିସ୍‌ର ଉଭୟ ବାଳକ ଓ ବାଳିକା ଦଳ ଭାରତରୁ ପ୍ରତିନିଧିତ୍ୱ କରିବେ। ବିଦ୍ୟାଧର ମାଝି ଓ ମାମାଲି ସିଂ ଯଥାକ୍ରମେ ବାଳକ ଓ ବାଳିକା ଦଳର ନେତୃତ୍ୱ ଦିଆଯାଇଛି। ଏସୀୟ ସ୍କୁଲ ରଗବୀରେ ଭାଗନେବାକୁ ଯାଉଥିବା ଉଭୟ ବାଳକ ଓ ବାଳିକା ଦଳକୁ କିସ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଡ ଗଗନେନ୍ଦୁ ଦାଶ, ଓଡ଼ିଶା ରଗବୀ ଫୁଟ୍‌ବଲ ଆସୋସିଏସନର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ମହିଳା ହକି ଇଣ୍ଡିଆ ଲିଗ୍ | ଟାଇଗର୍ସ-ପାଇପର୍ସ ଫାଇନାଲ ମୁକାବିଲା

ରାଞ୍ଚି,୬।୧(ଏଜେନ୍ସି): ଶ୍ରାଚି ବେଙ୍ଗଲ ଟାଇଗର୍ସ ୭-୬ ସଡନ ଡେଥ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରି ଏଠାରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୦ ତାରିଖରେ ଉପରୋକ୍ତ ଦୁଇ ଦଳ ମଧ୍ୟରେ ଫାଇନାଲ ମୁକାବିଲା ହେବ। ପୂର୍ବରୁ ସର୍ବାଧିକ ପଏଣ୍ଟ ପାଇ ପାଇପର୍ସ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିସାରିଥିଲା। ଆଜିର ମୁକାବିଲା କେବଳ ଏକ ଔପଚାରିକତା ଥିଲା ଏଥିରେ ଦଳ ପରାଜିତ ହୋଇଥିଲେ ମଧ୍ୟ ଫାଇନାଲରେ ପ୍ରବେଶ କରିବାରେ କୌଣସି ଅସୁବିଧା ହୋଇ ନ ଥିଲା। ମାରଙ୍ଗ ଜୟପାଲ ସିଂ ହକି ଷ୍ଟାଡିୟମ୍‌ରେ ଟାଇଗର୍ସ-ପାଇପର୍ସ ମଧ୍ୟରେ ଖେଳାଯାଇଥିବା ମୁକାବିଲା ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା।



ଏହା ପରେ ଖେଳର ମୀମାଂସା ଲାଗି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟ ଖେଳ ୨-୨ ଗୋଲରେ ସମାନ ରହିଥିଲା। ଏହା ପରେ ସଡନ ଡେଥର ସହାୟତା ନିଆଯାଇଥିଲା। ଟାଇଗର୍ସ ଏହାକୁ ୭-୬ ମୁକାବିଲାରେ ଜିତିବା ସହ ବୋନସ ପଏଣ୍ଟ ପାଇ ଫାଇନାଲରେ ପ୍ରବେଶ କରିଥିଲା। ଉଭୟ ଦଳ ମଧ୍ୟରେ ଫାଇନାଲ ମୁକାବିଲା ଆସନ୍ତା ୧୦ରେ ଖେଳାଯିବ।

## ୧୩ ବର୍ଷ ପରେ କ୍ରାନ୍ତିଙ୍କ ବାପା ଫେରିପାଇଲେ ଚାକିରି

ଇନ୍ଦୋର, ୬।୧ (ଏଜେନ୍ସି): ପୂର୍ବରୁ କ୍ରିକେଟ୍ ବହୁ ଖେଳାଳି ଓ ତାଙ୍କ ପରିବାର ଭାଗ୍ୟ ବଦଳାଇ ଦେଇଥିବା ଦେଖାଯାଇଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭାରତୀୟ ମହିଳା କ୍ରିକେଟ୍ ଦଳର ଷ୍ଟାର୍ ବୋଲର କ୍ରାନ୍ତି ଗୌଡ଼ଙ୍କ କ୍ଷେତ୍ରରେ ଏବେ ଦେଖିବାକୁ ମିଳିଛି। କ୍ରାନ୍ତିଙ୍କ ବାପା ମୁନା ସିଂ ନିଲମ୍ବନର ୧୩ ବର୍ଷ ପରେ ପୁଣିଥରେ ପୋଲିସ କନଷ୍ଟେବଲ ଚାକିରି ଫେରିପାଇଛନ୍ତି। ୨୦୧୨ରେ ନିର୍ବାଚନ ଡ୍ୟୁଟିରେ ଅବହେଳା ଲାଗି ମୁନାଙ୍କୁ ନିଲମ୍ବିତ କରାଯାଇଥିଲା। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ମୁନାଙ୍କୁ ଏବେ ମଧ୍ୟପ୍ରଦେଶ ପୋଲିସରେ ପୁନଃଅବସ୍ଥାପିତ କରାଯାଇଛି। ତାଙ୍କ ଝିଅ କ୍ରାନ୍ତି ବିଶ୍ୱକପ୍ ଜିତିଥିଲେ।

## ଏଲିଟ୍ ଡିଭିଜନକୁ ଉଠିଲା ବିହାର

ରାଞ୍ଚି, ୬।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିରେ ମଙ୍ଗଳବାର ଅନୁଷ୍ଠିତ ପ୍ଲେଟ୍ ଡିଭିଜନର ଏକ ମ୍ୟାଚରେ ବିହାର ୬ ୱିକେଟ୍‌ରେ ମଣିପୁରକୁ ପରାସ୍ତ କରିଛି। ରାଞ୍ଚିରେ ଅନୁଷ୍ଠିତ ଏହି ମ୍ୟାଚରେ ମଣିପୁର ପ୍ରଥମେ ବ୍ୟାଟିଂ କରି ୪୭.୫ ଓଭରରେ ମାତ୍ର ୧୬୯ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିହାରର ଡାହାଣହାତୀ ଦ୍ରୁତ ବୋଲର ସବିର ଖାନ ସର୍ବାଧିକ ୭ଟି ୱିକେଟ୍ ନେଇଥିଲେ। ଜବାବରେ ବିହାର ୩୧.୨ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିସହ ୬ ଦଳୀୟ ପ୍ଲେଟ୍ ଡିଭିଜନରେ ବିହାର ୫ମ ମ୍ୟାଚରୁ ୫ମ ବିଜୟ ସହ ୨୦ ପଏଣ୍ଟ ପାଇ ଶୀର୍ଷରେ ରହି ଅଭିଯାନ ଶେଷ କରିଛି। ବିହାର ଏଥିସହ ଆସନ୍ତାବର୍ଷ ବିଜୟ ହଜାରେ ଟ୍ରଫିର ଏଲିଟ୍ ଡିଭିଜନ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଚଳିତ ବର୍ଷ ମାତ୍ର ୨ଟି ମ୍ୟାଚ୍ ବିହାର ପାଇଁ ଖେଳି ମୋଟ୍ ୨୨୧ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୧୯୦ ରନ ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ଥିଲା। ଉଲ୍ଲେଖଯୋଗ୍ୟ ପ୍ରତିବର୍ଷ ପ୍ଲେଟ ଡିଭିଜନରେ ଯେଉଁ ଦଳ ଚାମ୍ପିଅନ ଅର୍ଥାତ୍ ଟେବଲ୍ ଶୀର୍ଷରେ ରହିଥାଏ ସେହିଦଳ ପରବର୍ତ୍ତୀ ସଂସ୍କରଣରେ ଏଲିଟ୍ ଡିଭିଜନକୁ ଯୋଗ୍ୟତା ହାସଲ କରିଥାଏ। ସେହିଭଳି ଏଲିଟ୍ ଡିଭିଜନରେ ଖରାପ ପ୍ରଦର୍ଶନ କରିଥିବା କିଛି ଦଳ ପ୍ଲେଟ୍ ଡିଭିଜନକୁ ଖସିଥାନ୍ତି।

## ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ,୬।୧(ସମିସ): ୧୫ବର୍ଷରୁ କମ୍ ଜାତୀୟ ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ନାଗପୁରର ଲେଡି ଅମ୍ରିତବାଇ ଦାଗା କଲେଜ ଗ୍ରାଉଣ୍ଡରେ ଗୁଜରାଟ ୫ ୱିକେଟରେ ଓଡ଼ିଶାକୁ ହରାଇଛି। ଆସନ୍ତା ୮ ତାରିଖରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଦଳ ୪ର୍ଥ ଲିଗ୍ ମ୍ୟାଚ୍ ଖେଳିବ। ମଙ୍ଗଳବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୭୯ ରନରେ ଅଲଆଉଟ ହୋଇଥିଲା। ରୋମି ମଲ୍ଲିକ ସର୍ବାଧିକ ୧୭ ରନ କରିଥିବାବେଳେ ଗୁଜରାଟର ଫାଇନା ପରିଖ୍ ୪ଟି ୱିକେଟ ହାସଲ କରିଥିଲେ। ଜବାବରେ ୧୬.୪ ଓଭରରେ ୫ ୱିକେଟ ହରାଇ ଗୁଜରାଟ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଫ୍ରେନି ଚୌଧୁରୀ ୨୮ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ଅନ୍ୱେଷା ସ୍ୱାଇଁଙ୍କୁ ୩ଟି ୱିକେଟ ମିଳିଥିଲା।

**ଜୁନିୟର ଜାତୀୟ ଅସିଚାଳନା**

## ଫଏଲ୍ ଦଳଗତ ଇଭେଣ୍ଟରେ ହରିୟାଣା ଚାମ୍ପିଅନ

କଟକ,୬।୧(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୩୩ତମ ଜୁନିୟର ଜାତୀୟ ଅସିଚାଳନା ଚାମ୍ପିଅନସିପ ଜାରି ରହିଛି। ଆଜି ଫଏଲ ଇଭେଣ୍ଟରେ ମୁକାବିଲା ହୋଇଥିଲା। ଦଳଗତ ପର୍ଯ୍ୟାୟରେ ହରିୟାଣା ବାଳିକା ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏହି ଇଭେଣ୍ଟରେ ଚଣ୍ଡିଗଡ଼ ଏବଂ ମଣିପୁର ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ଫଏଲ ବାଳିକା ଏକକ ଇଭେଣ୍ଟରେ ହରିୟାଣାର କାନୁପ୍ରିୟା ଚାୱଲା ସ୍ୱର୍ଣ୍ଣ, ପଞ୍ଜାବର ଜସମିନ କୌର ରୌପ୍ୟ, ହରିୟାଣାର ପ୍ରାଚୀ କାଂସ୍ୟ, ଫଏଲ ବାଳକ ଏକକ ଇଭେଣ୍ଟରେ ଏସ୍ଏସ୍‌ସିବିର ହିମାଂଶ ସିଂହ ସ୍ୱର୍ଣ୍ଣ, ହରିୟାଣାର ସଚିନ ରୌପ୍ୟ, ମଣିପୁରର ଅବିନାଶ ମିତେଇ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଅସିଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ଭାରତୀୟ ଅସିଚାଳନା ମହାସଂଘର ଅଫିସିଆଲ ରାଜୀବ ଗୋଲ୍ଡି ଏବଂ ସିନେଷ୍ଟାର ଶ୍ରୀତମ ଦାସ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶଥାଉକି, ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅଶୀଚାଳନା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେଇଛନ୍ତି। ଚାମ୍ପିଅନସିପ୍ ୧୦ ତାରିଖରେ ଉଦ୍‌ଯାପିତ ହେବ।



## ଜାତୀୟ ସିନିଅର ଭଲିବଲ୍‌ରେ ଓଡ଼ିଶାର କ୍ରମାଗତ ବିଜୟ

ଭୁବନେଶ୍ୱର, ୬।୧ (ସମିସ): ବାରଣାସୀରେ ଚାଲିଥିବା ଜାତୀୟ ସିନିଅର ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩-୧ ସେଟ୍ (୨୫-୨୧, ୨୫-୨୨, ୨୩-୨୫, ୨୫-୧୮)ରେ ତେଲଙ୍ଗାନାକୁ ହରାଇଦେଇଛି। ଏଥିପୂର୍ବରୁ ପ୍ରଥମ ମୁକାବିଲାରେ ଓଡ଼ିଶା ୩-୦ ସେଟ୍ (୨୫-୨୧, ୨୫-୧୯, ୨୫-୧୬)ରେ ବିହାରକୁ ପରାସ୍ତ କରିଥିଲା। କ୍ରମାଗତ ବିଜୟ ଲାଗି ଓଡ଼ିଶା ପୁରୁଷ ଭଲିବଲ୍ ଦଳକୁ ରାଜ୍ୟ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ, ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

**ବିଜୟ ହଜାରେ ଟ୍ରଫି**

# ଶୋଚନୀୟ ପରାଜୟ; ଓଡ଼ିଶାର କ୍ୱାର୍ଟର ଆଶା ଧୂଳିସାତ୍

କଟକ,୬।୧(ସମିସ)

ଚଳିତ ବିଜୟ ହଜାରେ ଟ୍ରଫିରେ ହ୍ୟାଟ୍ରିକ ବିଜୟ ପରେ କ୍ରମାଗତ ଦୁଇଟି ପରାଜୟ ଯୋଗୁଁ ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା ଧୂଳିସାତ ହୋଇଯାଇଛି। ମଙ୍ଗଳବାର ବେଙ୍ଗାଲୁରୁର ଅଲୁର ଗ୍ରାଉଣ୍ଡରେ ତାରକା ଖଚିତ ଗୁଜରାଟ ୨୩୩ ରନରେ ଓଡ଼ିଶାକୁ

**ଗୁଜୁରାଟଠାରୁ ୨୩୩ ରନରେ ହାରିଲା**

ଶୋଚନୀୟ ଭାବେ ପରାସ୍ତ କରିଛି। ଗୁରୁବାର ରେଳବାଇ ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ୬ଟି ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୧୨ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଡି ଟେବଲର ୫ମ ସ୍ଥାନରେ ରହିଛି। ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ପରେ ଓଡ଼ିଶା ବରିଷ୍ଠ ପୁରୁଷ ଦଳ ପୁର୍ନବାର ବିଜୟ ହଜାରେ ଟ୍ରଫିରେ ମଧ୍ୟ ନିରାଶ କରିଛି।



ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ଗୁଜରାଟକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ୧୮ ବର୍ଷୀୟ ବାମହାତୀ ସ୍ପିନର ସୟଦ ଟି ଅହମ୍ମଦଙ୍କୁ ପଦାର୍ପଣର ସୁଯୋଗ ମିଳିଥିଲା। ତେବେ ଓପନିଂ ଭାଗୀଦାରୀରେ ୧୧୮ ରନ ଯୋଡ଼ି ଗୁଜରାଟ ଓଡ଼ିଶାକୁ ପ୍ରାରମ୍ଭରୁ ଚାପରେ ରଖିଥିଲା। ୱିକେଟକିପର ଓପନର ଉର୍ଭିଳ ପଟେଲ ୬୪ ରନ କରିଥିବାବେଳେ ନବାଗତ ସୌମ୍ୟରଞ୍ଜନ ଲେଙ୍କାଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର ଆର୍ଯ୍ୟ ଦେଶାଇ ୫୪ ରନରେ ଗୋବିନ୍ଦ ପୋଦ୍ଦାରଙ୍କ ବଲରେ କ୍ଲିନବୋଲ୍ଡ ହୋଇଥିଲେ। ୧୪୦ ରନରେ ଦୁଇ ଓପନରଙ୍କୁ ହରାଇବା ସତ୍ତ୍ୱେ ମଧ୍ୟକ୍ରମ ବ୍ୟାଟରଙ୍କ ସହାୟତାରେ ଗୁଜରାଟ ୬ ୱିକେଟ ବିନିମୟରେ ୩୩୩ ରନ ସଂଗ୍ରହ କରିଥିଲା। ଷ୍ଟାର୍ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ୬୦ ବଲରୁ ୭୩ ରନର ଦ୍ରୁତ ପାଳି ଖେଳି ବିପ୍ଳବଙ୍କ ବଲରେ ବୋଲ୍ଡ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆହାନ ପୋଦ୍ଦାର ୬୪, ସୌରଭ ଚୌହାନ ୪୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଅଧିନାୟକ ବିପ୍ଳବଙ୍କୁ ୨ଟି ୱିକେଟ ଏବଂ ଦେବବ୍ରତ ପ୍ରଧାନ, ଗୋବିନ୍ଦ ଏବଂ ସୌମ୍ୟଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ପଦାର୍ପଣ ମ୍ୟାଚ୍ ଖେଳୁଥିବା ଅହମ୍ମଦଙ୍କ ୱିକେଟ ଖାତା ଖାଲି ରହିଥିଲା। ୩୩୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଓଡ଼ିଶା ମାତ୍ର ୧୦୦ ରନରେ ଅଲଆଉଟ ହୋଇଥିଲା। ଗୁଜରାଟର ଡାହାଣହାତୀ ମିଡିୟମ ପେସର ଚିନ୍ତନ ଗାଜା ଘାତକ ସାବ୍ୟସ୍ତ ହୋଇଥିଲେ। ସେ ୩୧ ରନରେ ୬ଟି ୱିକେଟ ଦଖଲ କରିଥିଲେ। ଓଡ଼ିଶା ପକ୍ଷରୁ ବିପ୍ଳବ ସର୍ବାଧିକ ୨୨ରନ କରିଥିବାବେଳେ କାର୍ତ୍ତିକ ବିଶ୍ୱାଳ ୧୬, ସ୍ୱସ୍ତିକ ସାମଲ ୧୪, ରାଜେଶ ମହାନ୍ତି ୧୨ ରନ କରିଥିଲେ। ଅନ୍ୟ ବ୍ୟାଟରଙ୍କ ପାଇଁ ଦୁଇ ଅଙ୍କ ଛୁଇଁବା ସମ୍ଭବପର ହୋଇନଥିଲା।

## ଟାଟା ଷ୍ଟିଲ୍ ଚେସ୍ | ଅପରାଜିତା ଫେୟାର ପ୍ଲେ ଅଫିସର

ଭୁବନେଶ୍ୱର,୬।୧(ସମିସ): କୋଲକାତାରେ ଆସନ୍ତାକାଲିଠାରୁ ସମ୍ମାନଜନକ ଟାଟା ଷ୍ଟିଲ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଜଣେ ଅନ୍ତର୍ଜାତୀୟ ଖେଳାଳି ଓ ଆର୍ବିଟର ଅପରାଜିତ ଗୋଚ୍ଛିକାରଙ୍କୁ ଫେୟାର ପ୍ଲେ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ ଦ୍ୱାରା ଆୟୋଜିତ ଓ ବିଶ୍ୱ ଚେସ୍ ମହାସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର କିଛି ଶ୍ରେଷ୍ଠ ଖେଳାଳି ଭାଗ ନେଉଛନ୍ତି। ବିଶ୍ୱନାଥନ ଆନନ୍ଦ, ଅର୍ଜୁନ ଏରିଗାଏସୀ, ପ୍ରଜ୍ଞାନନ୍ଦ, ବିଦିଥ ସନ୍ତୋଷ ଗୁଜରାଟୀ, ୱେସ୍‌ଲି ସୋ ଓପନର ବିଭାଗରେ, ଦିବ୍ୟା ଦେଶମୁଖ, ଆର୍ ବୈଶାଳୀ, ଡି ହାରିକା ମହିଳା ବିଭାଗରେ ପ୍ରମୁଖ ଖେଳାଳି ରହିଛନ୍ତି। ଖେଳରେ ସ୍ୱଚ୍ଛତା ରକ୍ଷା କରିବା ଅପରାଜିତାଙ୍କ କାମ।



## ଉତ୍କଳ ଓପନ୍ ଟେନିସ୍ ୯ରୁ

ଭୁବନେଶ୍ୱର,୬।୧(ସମିସ): ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଟେନିସ କମ୍ପ୍ଲେକ୍ସରେ ଆସନ୍ତା ୯ ତାରିଖରୁ ଆରମ୍ଭ ହେବ। ଏଥିରେ ୫ଟି ମୁଖ୍ୟ ବିଭାଗ ଓ ୩ଟି ଭେଟେରାନ ବିଭାଗରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପୁରୁଷ ବିଭାଗରେ ଓପନ ଏକକ ଓ ଯୁଗଳ, ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ଏକକ, ମହିଳା ଏକକ ବିଭାଗରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ। ଉପରୋକ୍ତ ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ହେଲେ ପ୍ରତି ବିଭାଗ ଲାଗି ୭୦୦ ଟଙ୍କାର ଏଣ୍ଟ୍ରି ଫି' ଦେବାକୁ ହେବ। ଏହା ବ୍ୟତୀତ ୪୦, ୫୦ ଓ ୬୦ ବର୍ଷରୁ ଉଦ୍ଧର୍ ବିଭାଗରେ ପୁରୁଷ ଯୁଗଳରେ ମ୍ୟାଚ୍ ଖେଳାଯିବ। ଏଥିରେ ୧,୦୦୦ ଟଙ୍କା ଏଣ୍ଟ୍ରି ଫି ଦେବାକୁ ପଡ଼ିବ। ଟୁର୍ଣ୍ଣାମେଣ୍ଟରେ ମୋଟି ୩, ୫୦,୦୦୦ ଟଙ୍କା ପୁରସ୍କାର ଦିଆଯିବାର ବ୍ୟବସ୍ଥା ହୋଇଛି ବୋଲି ଆୟୋଜକ କମିଟି ଅଧକ୍ଷ ଡାକ୍ତର ବିଶ୍ୱଜିତ୍ ମିଶ୍ର ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS